R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୯
ତିଥି: ଷଷ୍ଠୀ
୦୩ ସେପ୍ଟେମ୍ବର ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 329
03 September 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ସୁବର୍ଣ୍ଣରେଖାରେ ତୃତୀୟ ବନ୍ୟା

ଭୁବନେଶ୍ୱର, ୨।୯ (ସବ୍ୟୁ) : ସାରା ଦେଶରେ ବର୍ଷା କମ ହେଉଥିବାବେଳେ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିଛି । ଏପରିକି ଜୁନ୍‌ରୁ ସେପେଟମ୍ବର ପର୍ଯ୍ୟନ୍ତ ଯେତିକି ବର୍ଷିବା କଥା ଜୁନ୍‌ରୁ ଅଗଷ୍ଟ ମାସ ସୁଦ୍ଧା ତାହା ପୂରଣ ହୋଇସାରିଛି । ସେପେଟମ୍ବର ୨ ତାରିଖ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୨୬%

## ଭଦ୍ରକ, ଯାଜପୁରରୁ ବନ୍ୟା ଛାଡୁନି

## ବିପଦ ସଙ୍କେତ ଉପରେ ଜାମଶୋଲାଘାଟ, ରାଜଘାଟ



ଅଧିକ ହୋଇଛି । ଫଳରେ ଦୀର୍ଘ ୧ ମାସ ଧରି ଯାଜପୁର, ଭଦ୍ରକ ଜିଲ୍ଲାରେ ବନ୍ୟା ଛାଡୁନି । ସେହିପରି ବାଲେଶ୍ୱରରେ ମଧ ଗୋଟିଏ ପରେ ଗୋଟିଏ ବନ୍ୟା ଆସୁଛି । ଗତ ୨୪ ଘଣ୍ଟା ମଧ୍ୟରେ ଉପର ମୁଣ୍ଡରେ ବର୍ଷା ଯୋଗୁ ସୁବର୍ଣ୍ଣରେଖାରେ ବନ୍ୟା ସୃଷ୍ଟି ହୋଇଛି । ଫଳରେ ବାଲେଶ୍ୱରର ବହୁ ବ୍ଲକ୍ ଜଳମଗ୍ନ ହୋଇଛି । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା କମିବ ନାହିଁ ।

ପାଣିପାଗ ବିଭାଗର କହିବା ଅନୁସାରେ ଆସନ୍ତା ୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେବେ ୪ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ପୁଣି ବିଭିନ୍ନ ନଦୀ ଅବବାହିକାରେ ବନ୍ୟା ଦେଖାଦେବାର ଆଶଙ୍କା ରହିଛି । ବୁଧବାର ସୁବର୍ଣ୍ଣରେଖାର ଜାମଶୋଲାଘାଟରେ ବିପଦ ସଙ୍କେତ ୪୯.୧୬ ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୫୦.୫୪ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ତେବେ ଗତକାଲି ଅପେକ୍ଷା ଆଜି ବନ୍ୟା ଜଳ ହ୍ରାସ ପାଇଛି । କିନ୍ତୁ ରାଜଘାଟରେ ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ଏଠାରେ ବିପଦ ସଙ୍କେତ ୧୦.୩୬ ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୧୧.୬୭ ମିଟର ଉପରେ ଜଳ ପ୍ରବାହିତ ହେବା ସହ ବୃଦ୍ଧି ସ୍ଥିତିରେ ରହିଛି । ଗାଲୁଡିହି ବ୍ୟାରେଜ୍‌ରେ ୧୩ଟି ଗେଟ୍ ମାଧ୍ୟମରେ ପ୍ରତି ସେକେଣ୍ଡରେ ୪୭୪୨.୪୭ ଘନ ମିଟର ଜଳ ନିଷ୍କାସନ ହେଉଛି । ଏହାଯୋଗୁ (୯ ପୃଷ୍ଠାରେ)

## ପାଣି ଘେରରେ ୫ ବ୍ଲକ

ବାଲେଶ୍ୱର, ୨।୯ (ସବ୍ୟୁ) : ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ତୃତୀୟଥର ବନ୍ୟା ଆସିବା ଫଳରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ, ବାଲେଶ୍ୱର ସଦର ବ୍ଲକର ଶତାଧିକ ଗ୍ରାମ ପାଣି ଘେରରେ ରହିଥିବାବେଳେ ହଜାର ହଜାର ହେକଟର ଚାଷଜମି ପାଣିରେ ବୁଡ଼ି ରହିଛି । ଝାଡ଼ଖଣ୍ଡ ରାଜ୍ୟରେ ଥିବା ଗାଲୁଡ଼ିହ ବ୍ୟାରେଜର ୧୩ ଗେଟ୍ ଖୋଲାଯିବା ଫଳରେ ଏହି ଜଳ ସୁବର୍ଣ୍ଣରେଖା ନଦୀରେ ପଡ଼ିଛି । ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ରାଜଘାଟ ଠାରେ ୯.୪୫ ଥିବାବେଳେ ଏବେ ୧୦.୩୬ ଅର୍ଥାତ ବିପଦ ସଙ୍କେତ ଉପରେ ପାଣି ପ୍ରବାହିତ ହେଉଛି ଘଣ୍ଟାକୁ ଘଣ୍ଟା ଜଳସ୍ତର ବଢିବାକୁ ଲାଗିଛି । ପାଣିରସ୍ତର ବଢୁଥିବାରୁ ଆହୁରି ଅଧିକ ପଞ୍ଚାୟତକୁ ପାଣି ମାଡ଼ିଯିବାର ଆଶଙ୍କା ଦେଖାଦେଇଛି । ମନୁନଗର, ବାରବାଟିଆ, (୯ ପୃଷ୍ଠାରେ)

### ପିୟୁସିସି ଜରିମାନା ହ୍ରାସ

## ସର୍ବାଧିକ ୬ ହଜାର, ସର୍ବନିମ୍ନ ହଜାରେ

ଭୁବନେଶ୍ୱର, ୨।୯ (ସବ୍ୟୁ) : ଗାଡି ଗୁଡ଼ିକର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ଲାଗି ଥିବା ଜରିମାନାକୁ ସରକାର ହ୍ରାସ କରିଛନ୍ତି । ୧୦,୦୦୦ରୁ ଏହାର ୬ ହଜାରକୁ ହ୍ରାସ ପାଇଛି । ପରିବହନ ମନ୍ତ୍ରୀ ବିଭୂତି ଜେନା ଏହି ଘୋଷଣା କରିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ, ସଂଶୋଧିତ ଆଇନ ଅନୁଯାୟୀ ମଟର ସାଇକଲ ଏବଂ ୩ ଚକିଆ ଗାଡି ପ୍ରଥମଥର ନିୟମ ଉଲ୍ଲଂଘନ କଲେ ୧୦୦୦ ଟଙ୍କା ଓ ଦ୍ୱିତୀୟ ଥର ନିୟମ ଉଲ୍ଲଙ୍ଘନ କଲେ ୨୦୦୦ ଟଙ୍କା ଜୋରିମାନା ଦେବେ । କ୍ୟାବ, କାର, ଟ୍ରାକ୍ଟର ପ୍ରଥମ ଉଲ୍ଲଂଘନରେ ୨୦୦୦ ଟଙ୍କା ଓ ଦ୍ୱିତୀୟ ଉଲ୍ଲଂଘନରେ ୫୦୦୦ ଟଙ୍କା ଜରିମାନା ଦେବେ । ଅନ୍ୟାନ୍ୟ ଗାଡି ଗୁଡ଼ିକ ପ୍ରଥମ ଉଲ୍ଲଂଘନରେ ୩୦୦୦ ଓ ଦ୍ୱିତୀୟ ଉଲ୍ଲଂଘନରେ ୬୦୦୦ ଟଙ୍କା ଜରିମାନା ଦେବେ । ୯୦ ଦିନରୁ ଅଧିକ ଇ-ଚାଲାଣ ବକିୟା ଥିଲେ ପିୟୁସିସି ହୋଇପାରିବ ନାହିଁ । ୨୦୧୯ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଏହି ଜରିମାନା ଲାଗୁ କରିଥିଲେ ।

## ନବୀନ, ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ଅପବ୍ୟବହାର ମାମଲା ଖାରଜ

ଭୁବନେଶ୍ୱର, ୨।୯ (ସବ୍ୟୁ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ପୂର୍ବତନ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ଉଡ଼ାଣରେ ଅନିୟମିତତା ନେଇ ହୋଇଥିବା ମାମଲାକୁ ଖୋର୍ଦ୍ଧା ଜିଲ୍ଲା ଦୌରା ଜଜ୍ କୋର୍ଟ ଖାରଜ କରିଛନ୍ତି । କୌଣସି ସରକାରୀ ଖର୍ଚ୍ଚର ଅପବ୍ୟବହାର ହୋଇନଥିବା କୋର୍ଟ ଦର୍ଶାଇଛନ୍ତି । ସୁଧୀର ଚନ୍ଦ୍ର ମହାନ୍ତିଙ୍କ ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା ।

ପୂର୍ବରୁ ଭୁବନେଶ୍ୱର ଏସଡିଜେଏମ କୋର୍ଟ ବି ପୂର୍ବତନ (୯ ପୃଷ୍ଠାରେ)

### ନୂଆଦିଲ୍ଲୀ କେନ୍ଦ୍ରୀୟ ଜଳ ଶକ୍ତି ସମିଟ୍

## ସଶକ୍ତ ହେଉଛି ୪୦ ହଜାରରୁ ଉର୍ଦ୍ଧ୍ୱ ପାଣି ପଞ୍ଚାୟତ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨।୯ (ସବ୍ୟୁ) : ଓଡ଼ିଶାର ଅର୍ଥନୀତି କୃଷି ପ୍ରଧାନ ହୋଇଥିବାରୁ ଜଳ ସୁରକ୍ଷା ଓ ସିଞ୍ଚନର ବିକାଶକୁ ଆମ ସରକାର ସବୁଠାରୁ ଅଧିକ ପ୍ରାଥମିକତା ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୪,୦୦୦ କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଇଛି ଏବଂ ଅତି କମ୍ ସମୟ ମଧ୍ୟରେ ୩,୨୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବିଭାଗୀୟ ସମିଟ୍‌ରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟଙ୍କ ସମେତ ବିଭିନ୍ନ ରାଜ୍ୟର ଜଳ ସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଏବଂ ଭିତ୍ତିଭୂମି ବିକାଶର ବ୍ୟାପକ ସଫଳତା ଉପସ୍ଥାପନ କରିଛନ୍ତି ।

ସୂଚନାଯୋଗ୍ୟଯେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୭୭୦ଟି ନୂତନ ଚେକ୍ ଡ୍ୟାମ୍ ଓ ୯ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର କାର୍ଯ୍ୟ ଶେଷ ହୋଇଥିବା ବେଳେ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି । ଏହା ସହିତ ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କ, ୬ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଆଗାମୀ ବର୍ଷକ ମଧ୍ୟରେ (୯ ପୃଷ୍ଠାରେ)

### ପ୍ରଥମ ବରିଷ୍ଠ ତୀର୍ଥଯାତ୍ରା ଆରମ୍ଭ

## ବାରଣାସୀ-ଅଯୋଧ୍ୟା ଗଲେ ୭୭୫ ବରିଷ୍ଠ ନାଗରିକ

ଭୁବନେଶ୍ୱର, ୨।୯ (ସବ୍ୟୁ): ପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ପୀଠକୁ ଯାତ୍ରା ସଫଳ ହେଉ । ଏହି ଯାତ୍ରା ଦ୍ୱାରା ବରିଷ୍ଠ ନାଗରିକମାନେ ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମଲାଲାଙ୍କ ସାନିଦ୍ଧ ଲାଭ କରିପାରିବେ । ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ତୀର୍ଥସ୍ଥାନ ଯାତ୍ରା କରିବାର ସୌଭାଗ୍ୟ ହାସଲ କରିବା ସହ ସେହି ସ୍ଥାନର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୁରୁତ୍ୱ ସମ୍ପର୍କରେ ଜାଣିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।




ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ (ପଟିଆ)ଠାରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୭୮୫ ଜଣ ଯୋଗ୍ୟ ତୀର୍ଥଯାତ୍ରୀଙ୍କୁ ଓଡିଶାରୁ ବାରଣାସୀ-ଅଯୋଧ୍ୟା ନେଇ ଯାଉଥିବା ଏକ ସ୍ୱତନ୍ତ୍ର ଟ୍ରେନକୁ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି ।

ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ପୁରୀ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କର ବାରଣାସୀ-ଅଯୋଧ୍ୟା ଯାତ୍ରା କରିଛନ୍ତି । ଏହି ପ୍ରଥମ ପର୍ଯ୍ୟାୟ ବରିଷ୍ଠ ତୀର୍ଥଯାତ୍ରାରେ ଖୋର୍ଦ୍ଧା ଜିଲ୍ଲାର ୧୬୯ ଜଣ, ଜଗତସିଂହପୁର ଜିଲ୍ଲାର ୮୫, କଟକ ଜିଲ୍ଲାର ୧୯୭, ପୁରୀରୁ ୧୨୭, କେନ୍ଦ୍ରାପଡ଼ାରୁ ୧୦୮ ଓ ଢେଙ୍କାନାଳ ଜିଲ୍ଲାର ୮୯ ଜଣଙ୍କୁ ମିଶାଇ ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କର ଭଲମନ୍ଦ ବୁଝିବା ପାଇଁ ୨୫ ଜଣ ଅଧିକାରୀ ସାମିଲ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୩୩୩ ଜଣ ମହିଳା ଓ ୪୩୨ ଜଣ ପୁରୁଷ ଅଛନ୍ତି ।

ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କର ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ପର୍ଯ୍ୟଟକମାନଙ୍କୁ ପ୍ରତୀକାତ୍ମକ ଭାବେ (୯ ପୃଷ୍ଠାରେ)

### ନେପାଳର ପ୍ରଳୟଙ୍କାରୀ ବନ୍ୟା

## ଆମେରିକା, ଚୀନ୍, ଭାରତ କ୍ଷତିପୂରଣ ଦିଅନ୍ତୁ

ନୂଆଦିଲ୍ଲୀ, ୨।୯ : ନେପାଳର ଭୋଟୋକୋଶି ନଦୀରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ନାହିଁ ନଥିବା କ୍ଷୟକ୍ଷତି ହୋଇଛି । ନେପାଳ ଏବେ ଏହି କ୍ଷତିପୂରଣ ରାଶି ଆମେରିକା, ଭାରତ ଓ ଚୀନ ଭରଣା କରିବାକୁ ଚାହୁଁଛି । ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହା ଜାତିସଂଘ ସାଧାରଣ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇବେ । ଆମେରିକା, ଭାରତ ଓ ଚୀନକୁ ନେପାଳ ପ୍ରମୁଖ ଗ୍ରୀନ ହାଉସ ନିର୍ଗମନକାରୀ ଭାବେ ନାମିତ କରି ଜଳବାୟୁ ସମ୍ବନ୍ଧୀୟ କ୍ଷତିପୂରଣ ଦାବି କରିଛି ।

ନେପାଳ ବନ୍ୟାରେ ୧୧୨୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦୦୦ରୁ ଉର୍ଦ୍ଧ୍ୱ ଏବେ ବି ନିଖୋଜ ଅଛନ୍ତି । ନେପାଳ ଓ ଚୀନ ସୀମାରେ ବ୍ୟାପକ ଭାବେ ପଥର ଓ ବରଫ ଖଣ୍ଡ ଖସିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି



ହୋଇଛି । ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ କହିଛନ୍ତି ଯେ, ବିପର୍ଯ୍ୟୟ ପରିବର୍ତ୍ତୀ ସହାୟତାକୁ ଦାନ ନୁହେଁ, ନୈତିକ ଦାୟିତ୍ୱ ଭାବେ ବିବେଚନା କରିବା ଦରକାର । ଏହି ୩ ରାଷ୍ଟ୍ର ଏଥିପାଇଁ ଦାୟୀ ଯେଉଁ ପରିସ୍ଥିତି ସୃଷ୍ଟି ହେଲା ତାହା ଗ୍ରୀନ ହାଉସ ଗ୍ୟାସ ନିର୍ଗମନ କାରଣରୁ ନେପାଳର ଏଥିରେ ବିଶେଷ ଯୋଗଦାନ ନଥିବା ସତ୍ତ୍ୱେ ଧ୍ରୁତ ହିମବାହ ତରଳିବା ଓ ଚୟନ ବିପର୍ଯ୍ୟୟ ସମେତ ବିଶ୍ୱ ଉଷ୍ମତା ବୃଦ୍ଧିର ପରିଣାମ ଭୋଗ କରୁଛି । ନେପାଳ ପକ୍ଷରୁ ଜାତି ସଂଘରେ ହୋଇଥିବା କ୍ଷତି ଓ କ୍ଷୟକ୍ଷତିର ଭରଣା ଲାଗି ଆର୍ଥିକ ସହାୟତା ପାଇଁ ଦାବି କରାଯିବ । ନେପାଳ ମଧ ଆନ୍ତର୍ଜାତୀୟ ଫୋରୋମର ସମ୍ପୂର୍ଣ୍ଣ ଦୃଢ଼ତା ଓ ସ୍ୱଷ୍ଟତାର ସହ ପ୍ରସଙ୍ଗ ଉଠାଇବାକୁ ଯୋଜନା କରିଛି । ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ଆମେ ନ୍ୟାୟ ଓ କ୍ଷତିପୂରଣ ଦାବି କରିବୁ । ଏଥିଲାଗି କୁଟନୈତିକସ୍ତରରେ ଉଦ୍ୟମ କରିବୁ । ଚୀନ ସବୁଠାରୁ ଅଧିକ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ କରୁଥିବା ବେଳେ ଆମେରିକା ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ଅଛନ୍ତି । (୯ ପୃଷ୍ଠାରେ)

- ଗ୍ରୀନ୍ ହାଉସ୍ ନିର୍ଗମନ ଯୋଗୁଁ ନେପାଳର କ୍ଷତି
- ଜାତିସଂଘରେ ପ୍ରସଙ୍ଗ ଉଠାଇବ ନେପାଳ

## ଏୟାର ମାର୍ସଲ ଜିତେନ୍ଦ୍ର ମିଶ୍ର ରାମ ମନ୍ଦିର ଟ୍ରଷ୍ଟର ସିଇଓ

ନୂଆଦିଲ୍ଲୀ, ୨।୯ : ଅଯୋଧ୍ୟା ରାମମନ୍ଦିର ଟ୍ରଷ୍ଟର ପ୍ରଥମ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରଙ୍କୁ ଚୟନ କରାଯାଇଛି । ଏହି ପଦବୀ ଲାଗି ୫,୫୮୫ ଆବେଦନ ପହଞ୍ଚିଥିଲା । ଏହା ମଧ୍ୟରେ ଅପରେସନ ସିନ୍ଦୂରରେ ପଶ୍ଚିମ କମାଣ୍ଡର ମୁଖ୍ୟ ଭାବେ ଯେତେ ବେଳେ ଦାୟିତ୍ୱ ନିର୍ବାହ କରିଥିବା ଏୟାର ମାର୍ଶଲ ଶ୍ରୀ ମିଶ୍ରଙ୍କୁ ଚୟନ କରାଯାଇଛି । ମନ୍ଦିର ପରିଚାଳନା ଆର୍ଥିକ ଉତ୍ତର ଦାୟିତ୍ୱକୁ ଅଧିକ ସୁଦୃଢ଼ କରିବା ତାଙ୍କର ପ୍ରମୁଖ କାର୍ଯ୍ୟ ହେବ ।

ଅବସରପ୍ରାପ୍ତ ବିଚାରପତି ପ୍ରମୋଦ କୋହଲିଙ୍କ ଅଧକ୍ଷାତାରେ ଗଠିତ ଚୟନ କମିଟିରେ ଅବସର ପ୍ରାପ୍ତ ଲେପନାଣ୍ଟ ଜେନେରାଲ ବିଷ୍ଣୁକାନ୍ତ ଚତୁର୍ବେଦୀ ଓ ପୂର୍ବତନ ବୈଜ୍ଞାନିକ ସୁରେଶ ହାୱାରେ ସଦସ୍ୟ ଥିଲେ । ୬୦୦ ନମ୍ବର ମାନଦଣ୍ଡ ଆଧାରରେ ପାର୍ଥିଙ୍କ (୯ ପୃଷ୍ଠାରେ)

### ଡିଜିପି ନିଯୁକ୍ତି ମାମଲା

## ୭ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୨।୯ : ଓଡ଼ିଶାରେ ପୂର୍ଣ୍ଣକାଳୀନ ଡିଜିପି ନିଯୁକ୍ତି ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ୭ ତାରିଖକୁ ପୁଣି ଘୁଞ୍ଚିଛି । ଡିଜିପି ଚୟନ ପ୍ରକ୍ରିୟାରେ ଅନିୟ ମିତତା ହୋଇଥିବା ଅଭିଯୋଗ ହୋଇଥିଲା । ପ୍ରଥମ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିକ ଖଣ୍ଡପୀଠରେ ଆଜି ଏହାର ଶୁଣାଣି ଥିଲା । ତେବେ ଆବେଦନକାରୀ ଜୟନ୍ତ ଦାସ ଗତକାଲି ଦାଖଲ କରିଥିବା ରିଜେଣ୍ଡରଙ୍କୁ ଅନୁଧ୍ୟାନ କରିବା ଲାଗି ସଲିସେଟର ଜେନେଲାର ତୁଷାର ମେହେଟା ସମୟ ମାଗିବା ସହ ଅନ୍ୟାନ୍ୟ ପକ୍ଷର ଓକିଲ ମଧ ଫଳରେ ଖଣ୍ଡପୀଠ ଶୁଣାଣିକୁ ୭ ତାରିଖ ଯାଏ ଘୁଞ୍ଚାଇଛନ୍ତି ।




ମାମଲାରେ ସହଯୋଗ କରୁଥିବା ଆମିକସ କୁରି ମଧ ନିଜ ରିପୋର୍ଟ ସୁପ୍ରିମକୋର୍ଟରେ ଉପସ୍ଥାପନ କରିଛନ୍ତି । ରାଜ୍ୟ ସରକାର ଦାଖଲ ଜବାବ ଉପରେ ଆବେଦକାରୀ ଜୟନ୍ତ ଦାସ ରିଜେଣ୍ଡର ଦାଖଲ କରି ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଥିବା ଜଣାପଡିଛି । ପୋଲିସ ଡିଜି ପ୍ୟାନେଲରେ କଠିନ ଅଫିସରଙ୍କ ନାମ ସାମିଲ କରାଯିବ ନେଇ ଆପତ୍ତି ଉଠିଥିଲା । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି ଚିଦାମ୍ବରମ କହିଛନ୍ତି ଯେ, ଜଣେ କନିଷ୍ଠ ଅଫିସରଙ୍କୁ ଡିଜିପି ଚୟନ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ମୁଁ ଯେଉଁ ମହିଳାମାନେ ବିଷ ' ଖାଇଥିଲେ ସେମାନଙ୍କ ଉପରେ କୌଣସି ବୟାନ ଦେଇନି । ସେମାନେ ଏକ ଦୁଃଖଦ ପରିସ୍ଥିତିରେ ଏଭଳି ନିଷ୍ପତ୍ତି ନେଇଥିଲେ । ହେଲେ ଆମେ କାହାକୁ ଲାଇମ ଲାଇଟକୁ ଆଣୁଛେ ତାହା ଦେଖିବାର ଅଛି ।

**ସ୍ୱରା ଭାସ୍କର, ଅଭିନେତ୍ରୀ**



ନେପାଳ ସହ ବର୍ତ୍ତମାନ ପରିସ୍ଥିତିରେ ଠିଆ ହେବା ଆମର ପ୍ରଥମ କର୍ତ୍ତବ୍ୟ । ଆହୁରି ଅନେକ ଦିନ ମୁଁ ଏହିଭଳି ସମସ୍ତଙ୍କୁ ସାହାଯ୍ୟ କରିବି । ସେମାନେ ଖୁବ ଦୁଃଖରେ ଅଛନ୍ତି ।

**ସୋନୁ ସୁଦ, ଅଭିନେତା**



ଆମକୁ ଅନେକ କଟୁ ମନ୍ତବ୍ୟ ସୋସିଆଲ ମିଡିଆରେ ମିଳିଥାଏ। ଆମ ଦୁଇ ଜଣଙ୍କୁ କେଉଁ ବି ସମ୍ପ୍ରଦାୟ ସମ୍ମାନ ଦେଇ ନଥାନ୍ତି ।

**ସବାନା ଆଜମୀ, ଅଭିନେତ୍ରୀ**

## ଭାଗ୍ୟ ବଦଳାଇବା ପାଇଁ ମୁହଁରେ ସୁନେଲି ପତ୍ର



ଥାଇଲାଣ୍ଡର ଆୟୁଥାୟା ଅଞ୍ଚଳରେ ନିଜ ଭାଗ୍ୟ ବଦଳାଇବା ଓ ସଫଳତା ପାଇବା ଆଶାରେ ଲୋକେ ମୁହଁରେ ସୁନାରେ ନିର୍ମିତ ପତ୍ର ଲଗାଇବାର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଛି । 'ନା ନା ଥୋଇଙ୍ଗ୍' ନାମକ ଏହି ଶତାବ୍ଦୀରୁ ଅଧିକ ପୁରୁଣା ଆଧ୍ୟାତ୍ମିକ ଉତ୍ସବରେ ସାମିଲ ହୋଇ ଲୋକେ ମନ୍ତ୍ରୋଚ୍ଚାରଣ ସହ ନିଜ ମୁହଁରେ ସୁନେଲି ପତ୍ର ଲଗାଇ ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଯାହା ଦ୍ୱାରା ଆତ୍ମବିଶ୍ୱାସ, ସଫଳତା ଓ ଲୋକପ୍ରିୟତା ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି । 'ଲନ୍ନା' ସମୁଦାୟ ସହ ଜଡ଼ିତ ଏହି ୧୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ପରମ୍ପରାକୁ ପୂର୍ବରୁ କେବଳ ବ୍ରାହ୍ମଣମାନେ ସମ୍ପାଦନ କରୁଥିବା ବେଳେ ଏବେ ସାଧାରଣ ଲୋକେ ମଧ୍ୟ ଏଥିରେ ବହୁ ସଂଖ୍ୟାରେ ଭାଗ ନେଉଛନ୍ତି । ଏହି ମାନ୍ୟତା ଅନୁଯାୟୀ, ମାନବ ଶରୀରରେ ମାଟି, ପାଣି, ପବନ ଓ ନିଆଁ ଭଳି ଚାରୋଟି ମୂଳ ତତ୍ତ୍ୱ ଥିବା ବେଳେ ସୁନାକୁ ପଞ୍ଚମ 'ମେଟାଲ୍ ଏଲିମେଣ୍ଟ' ଭାବେ ଗ୍ରହଣ କରାଯାଏ । ଏହି ରୀତିନୀତି ମାଧ୍ୟମରେ ସେହି ତତ୍ତ୍ୱକୁ ଶକ୍ତିଶାଳୀ କରି ଜୀବନରେ ଖୁସି ଓ ସମୃଦ୍ଧି ଅଣାଯାଇପାରେ ବୋଲି ସ୍ଥାନୀୟ ଲୋକେ ଦୃଢ଼ ବିଶ୍ୱାସ କରନ୍ତି ।

## ପରିବାକଟା ପଟାକୁ ରଖନ୍ତୁ ସଫା

ଆମ ରୋଷେଇ ଘରେ ପ୍ରତିଦିନ ବ୍ୟବହୃତ ହେଉଥିବା ଚପିଂ ବୋର୍ଡ ପନିପରିବା, ଫଳ କିମ୍ବା ମାଂସ କାଟିବା କାମକୁ ସହଜ କରିଥାଏ ସତ, କିନ୍ତୁ ଏହାର ସଠିକ୍ ସଫା ନହେଲେ ଏହା ଖାଦ୍ୟରେ ଗମ୍ଭୀର ବ୍ୟାକ୍ଟେରିଆ ସଂକ୍ରମଣର ମୁଖ୍ୟ କାରଣ ପାଲଟିପାରେ । ବୋର୍ଡ ଉପରେ ପଡୁଥିବା ଛୁରୀର ଗଭୀର ଗାର, ଓଦା ଭାବ ଏବଂ ଜମି ରହୁଥିବା ସୂକ୍ଷ୍ମ ଖାଦ୍ୟ କଣିକା ଯୋଗୁଁ ଇ. କୋଲାଇ, ସାଲ୍‌ମୋନେଲା, ଲିଷ୍ଟେରିଆ ଓ କ୍ୟାମ୍ପିଲୋବ୍ୟାକ୍ଟର ଭଳି ହାନିକାରକ ବ୍ୟାକ୍ଟେରିଆ ଘଣ୍ଟା ଘଣ୍ଟା କିମ୍ବା ଦିନ ଦିନ ଧରି ଜୀବିତ ରହିପାରନ୍ତି । ଗବେଷକଙ୍କ କହିବା ଅନୁଯାୟୀ, କଞ୍ଚା ମାଂସ କାଟିବା ପରେ ସେହି ବୋର୍ଡକୁ ନ ସଫା କରି ଅନ୍ୟ କଞ୍ଚା ଖାଦ୍ୟ ବା ସାଲାଡ୍ କାଟିବା ଦ୍ୱାରା 'କ୍ରସ୍-କଣ୍ଟାମିନେସନ୍' ଏବଂ ଫୁଡ୍ ପଏଜନିଂର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଥାଏ । ଯାହା ଶିଶୁ, ବୃଦ୍ଧ, ଗର୍ଭବତୀ ଓ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିଙ୍କ ପାଇଁ ଅଧିକ ବିପଜ୍ଜନକ ହୋଇପାରେ । ତେଣୁ କେବଳ ପୋଛି ଦେବା ପର୍ଯ୍ୟାପ୍ତ ନୁହେଁ, ବରଂ ବ୍ୟବହାର ପରେ ବୋର୍ଡକୁ ଭଲଭାବେ ଧୋଇ ସୁଖାଇବା ଏବଂ କାଠ, ପ୍ଲାଷ୍ଟିକ୍ କିମ୍ବା ଷ୍ଟିଲ୍‌ର ବୋର୍ଡ ବାଛିବା ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବା ଜରୁରୀ ।



## ଚନ୍ଦ୍ରରେ ଜାଗା କିଣି ଚର୍ଚ୍ଚାରେ

ତାମିଲନାଡୁର ଜଣେ ଯୁବକ ନିଜ ଭାବୀ ପତ୍ନୀଙ୍କୁ ବିବାହ ପୂର୍ବରୁ ଏକ ନିଆରା ଉପହାର ଦେଇ ଚର୍ଚ୍ଚାକୁ ଆସିଛନ୍ତି । ସେ ଏଭଳି ଏକ ଯାଗା କିଣିଛନ୍ତି ଯାହା ପୃଥିବୀରେ ନୁହେଁ ବରଂ ଚନ୍ଦ୍ରପୃଷ୍ଠରେ ଅବସ୍ଥିତ । ପେସାରେ ଜଣେ ବିଲ୍ଡିଂ ଇଞ୍ଜିନିୟର ଥିବା ୩୨ ବର୍ଷୀୟ ଅଶୋକ ସରବଣନ୍ ଏହି ସରପ୍ରାଇଜ୍ ଦେଇଛନ୍ତି । ସେ ୨୩ ହଜାର ଟଙ୍କା ବିନିମୟରେ ଚନ୍ଦ୍ରରେ ଏକ ଏକର ଜମି କିଣିଥିବା ଦାବି କରିଛନ୍ତି । ସିଙ୍ଗାପୁରର ଏକ ଘରୋଇ କମ୍ପାନୀ ସହ ହୋଇଥିବା ଏହି ଡିଲ୍‌ରେ ଲଣ୍ଡନରେ ରହୁଥିବା ତାଙ୍କ ଭଉଣୀ ସାହାଯ୍ୟ କରିଥିବା ବେଳେ ସେଠାରୁ ହିଁ ଜମିର କାଗଜପତ୍ର ଓ ମାଲିକାନା ପ୍ରମାଣପତ୍ର ପଠାଯାଇଛି । ତେବେ ବାସ୍ତବରେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଚନ୍ଦ୍ରପୃଷ୍ଠରେ ନିଜର ବ୍ୟକ୍ତିଗତ ମାଲିକାନା ଅଧିକାର ଜାହିର କରିପାରିବେ ନାହିଁ । ଏହିଭଳି 'ମୁନ୍ ଲ୍ୟାଣ୍ଡ' ବିକ୍ରି କରୁଥିବା କମ୍ପାନୀଗୁଡ଼ିକ ପକ୍ଷରୁ ଦିଆଯାଉଥିବା ସାର୍ଟିଫିକେଟ୍ କୌଣସି ପ୍ରକୃତ ସମ୍ପତ୍ତିର କାଗଜପତ୍ର ନୁହେଁ, ବରଂ ଏହାକୁ କେବଳ ଏକ ପ୍ରତୀକାତ୍ମକ ଉପହାର ଭାବରେ ହିଁ ଗ୍ରହଣ କରାଯାଏ ।



## ବିଲୀନ ହେଲା ବିଶ୍ୱର ସବୁଠାରୁ ବଡ ବରଫଖଣ୍ଡ

ବିଶ୍ୱର ସବୁଠାରୁ ବଡ଼ ବରଫଖଣ୍ଡ ବା ଆଇସ୍‌ବର୍ଗ ଭାବେ ପରିଚିତ 'ଏ-୨୩ଏ' ପ୍ରାୟ ୪୦ ବର୍ଷ ଧରି ଆଣ୍ଟାର୍କଟିକା ଓ ଦକ୍ଷିଣ ମହାସାଗରରେ ଭାସିବା ପରେ ଅତି ନିକଟରେ ସମ୍ପୂର୍ଣ୍ଣ ଭାବେ ତରଳି ବିଲୀନ ହୋଇଯାଇଛି । ୧୯୮୬ ମସିହାରେ ଆଣ୍ଟାର୍କଟିକାର ଫିଲ୍‌ଚନର୍ ଆଇସ୍ ସେଲ୍‌ଫ୍‌ରୁ ଭାଙ୍ଗି ଅଲଗା ହୋଇଥିବା ଏହି ବିଶାଳ ବରଫଖଣ୍ଡଟିର ଆକାର ପ୍ରାୟ ୨,୦୦୦ ବର୍ଗମାଇଲ୍ ଥିଲା । ଦୀର୍ଘ ଦଶନ୍ଧି ଧରି ୱେଡେଲ୍ ସମୁଦ୍ରରେ ଅଟକି ରହିବା ପରେ ୨୦୨୦ରୁ ଏହା ପୁଣି ଗତି କରିବା ଆରମ୍ଭ କରିଥିଲା । ୨୦୨୪ ମାର୍ଚ୍ଚରେ ଏକ ସାମୁଦ୍ରିକ ଘୂର୍ଣ୍ଣିବଳୟରେ ଫସି ପ୍ରାୟ ୮ ମାସ ଧରି ବୁଲିବା ପରେ ଏହା ଉଷୁମ ଜଳରାଶି ଆଡ଼କୁ ଗତି କରିଥିଲା । ଯେଉଁଠାରେ ବନ୍ୟଜନ୍ତୁ, ତିମି ଓ ପେଙ୍ଗୁଇନ୍‌ଙ୍କ ଆଶ୍ରୟସ୍ଥଳ ସାଜିବା ସହ ଏଥିରୁ ୧୯୮୬ରେ ଭାସିଯାଇଥିବା ସୋଭିଏତ୍ ଗବେଷଣା କେନ୍ଦ୍ର 'ଡ୍ରୁଜ୍‌ନାୟା ୧'ର ପୁରୁଣା ବ୍ରାଣ୍ଡିଂ ଟ୍ୟାଙ୍କ୍ ମଧ୍ୟ ଦେଖିବାକୁ ମିଳିଥିଲା । ୨୦୨୫ ଜୁନ୍ ସୁଦ୍ଧା ଏହାର ଆକାର କମିଯିବାରୁ ଏହା ବିଶ୍ୱର ବୃହତ୍ତମ ବରଫଖଣ୍ଡର ମାନ୍ୟତା ହରାଇଥିଲା । ୨୦୨୬ ମାର୍ଚ୍ଚରେ ୟୁଏସ୍ ନ୍ୟାସନାଲ୍ ଆଇସ୍ ସେଣ୍ଟର୍ ଏହାର ଟ୍ରାକିଂ ବନ୍ଦ କରିବା ପରେ ମେ ମାସ ସୁଦ୍ଧା ଏହା ଛୋଟ ଛୋଟ ଖଣ୍ଡରେ ବିଭାଜିତ ହୋଇ ସମ୍ପୂର୍ଣ୍ଣ ମିଶିଯାଇଛି ।



## ଇତିହାସ

୧୮୩୩- ଆମେରିକାରେ ପ୍ରଥମ ସଫଳ ସମାଚାରପତ୍ର ନ୍ୟୁୟର୍କ ସନ୍ ବେଞ୍ଜାମିନ୍ ଏଚ୍. ଡେ'ଙ୍କ ଦ୍ୱାରା ଶୁଭାରମ୍ଭ ।
୧୯୨୧- ବେଲଜିଅମ କମ୍ୟୁନିଷ୍ଟ୍ ପାର୍ଟିର ସ୍ଥାପନା ।
୧୯୨୪- ଚୀନ୍ ଗୃହଯୁଦ୍ଧ ଆରମ୍ଭ ।
୧୯୬୪- ଆମେରିକୀୟ ଆଟର୍ଣ୍ଣି ଜେନେରାଲ୍ ରବର୍ଟ କେନେଡିଙ୍କ ଇସ୍ତଫା ।
୧୯୭୧- କତାର୍‌କୁ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ମର୍ଯ୍ୟାଦା ମିଳିଲା ।
୧୯୭୪- ଭାରତୀୟ କ୍ରିକେଟର ରାହୁଲ ସାଘବୀଙ୍କ ଜନ୍ମ ।
୧୯୮୪- ଦକ୍ଷିଣ ଫିଲିପିନ୍ସରେ ଘୂର୍ଣ୍ଣିଝଡ କାରଣରୁ ପ୍ରାୟ ୧୩୦୦ ଲୋକଙ୍କ ମୃତ୍ୟୁ ।
୧୯୯୨- ପ୍ରସିଦ୍ଧ ଭାରତୀୟ ମହିଳା ରେସ୍‌ଲର ସାକ୍ଷୀ ମଳିକଙ୍କ ଜନ୍ମ ।
୨୦୦୩- ପାକିସ୍ତାନ ସରକାରଙ୍କ ଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ ଉପରେ ଦେଶଦ୍ରୋହୀ ମୋକଦ୍ଦମା ପାଇଁ ନିଷ୍ପତ୍ତି ।
୨୦୦୬-ୟୁରୋପର ପ୍ରଥମ ତିନିବର୍ଷୀୟ ମୁନ୍ ମିଶନ୍ ସମାପ୍ତ ।
୨୦୦୯- ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ରେଡ୍ଡୀଙ୍କ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ।



ଶିକ୍ଷକ : ତୁମେ ବିଦ୍ୟାଳୟକୁ କାହିଁକି ଆସୁଛ ?
ଛାତ୍ର: ସାର୍, ଜ୍ଞାନ ଆହରଣ କରିବା ପାଇଁ !
ଶିକ୍ଷକ: ତା'ହେଲେ ବେଞ୍ଚରେ ଶୋଉଛ କାହିଁକି?
ଛାତ୍ର : ସାର୍ ! ଜ୍ଞାନ ଶାନ୍ତିରେ ଆସେ, କୋଳାହଳରେ ନୁହେଁ !

ହାଃହାଃ

## ଓପିଏ-୧ ପ୍ରୋଟିନ ନିୟନ୍ତ୍ରଣ କରୁଛି ଚର୍ବିଜାତୀୟ ଖାଦ୍ୟ ଲାଳସା

ଓସାକା ମେଟ୍ରୋପୋଲିଟାନ୍ ୟୁନିଭର୍ସିଟିର ଗବେଷକମାନେ ଆବିଷ୍କାର କରିଛନ୍ତି ଯେ 'ଓପିଏ-୧' ନାମକ ଏକ ପ୍ରୋଟିନ୍ ମସ୍ତିଷ୍କର କୋଷଗୁଡ଼ିକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରିବା ସହ ଚର୍ବିଜାତୀୟ ଖାଦ୍ୟ ଖାଇବା ଏବଂ ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ପ୍ରୋଟିନ୍ ମସ୍ତିଷ୍କର ହାଇପୋଥାଲାମସ୍‌ରେ ଥିବା ଏମ୍‌ସି୪ଆର୍ ନ୍ୟୁରୋନ୍ସରେ କାର୍ଯ୍ୟ କରି ଭୋକ, ଆହାର ଏବଂ ଶରୀରର ଶକ୍ତି ସନ୍ତୁଳନକୁ ନିୟନ୍ତ୍ରଣ କରିଥାଏ । ମୂଷାମାନଙ୍କ ଉପରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଏହି ପ୍ରୋଟିନ୍ ନଥିବା ଜିନ୍-ପରିବର୍ତ୍ତିତ ମୂଷାମାନେ ଅଧିକ ଫ୍ୟାଟି ଖାଦ୍ୟ ପସନ୍ଦ କରିବା ସହ ଦ୍ରୁତ ଗତିରେ ମୋଟା ହୋଇଯାଇଥିଲେ । ଏହାର ପ୍ରଭାବ ମାଇ ମୂଷାମାନଙ୍କଠାରେ ଅଧିକ ଦେଖିବାକୁ ମିଳିଥିଲା । 'ଫାସେବ୍ ଜର୍ନାଲ'ରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ ଓପିଏ ୧ ଅଭାବରୁ ମାଇକ୍ରୋକୋଣ୍ଡ୍ରିଆ ନ୍ୟୁରୋନ୍ସକୁ ସଠିକ୍ ଶକ୍ତି ଦେଇପାରେ ନାହିଁ । ଯାହା ଫଳରେ ଖାଦ୍ୟ ନିୟନ୍ତ୍ରଣ କ୍ଷମତା ହ୍ରାସ ପାଇଥାଏ । ତେବେ ଏହି ସନ୍ଧାନ ମେଦବହୁଳତା ଚିକିତ୍ସାର ନୂଆ ବାଟ ଦେଖାଇପାରେ । କିନ୍ତୁ ଏହା କେବଳ ମୂଷାଙ୍କ ଉପରେ ପରୀକ୍ଷିତ ହୋଇଥିବାରୁ ମଣିଷ ଶରୀରରେ ଏହା କିପରି କାମ କରେ ତାହା ସ୍ପଷ୍ଟ ହେବା ପାଇଁ ଅଧିକ ଗବେଷଣା ଆବଶ୍ୟକ ରହିଛି ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।



## ଦିଲ୍ଲୀ ଘଟଣାରେ ଭୂମିଙ୍କର କ୍ଷୋଭ



ଦିଲ୍ଲୀ - ଏନ୍‌ସିଆର୍‌ରେ ଏକ ଚଳନ୍ତା ସ୍ଲିପର୍ ବସ୍ ଭିତରେ ୧୬ ବର୍ଷୀୟା ନାବାଳିକାଙ୍କ ସହ ଘଟିଥିବା ସାମୂହିକ ଦୁଷ୍କର୍ମ ଘଟଣାକୁ ନେଇ ଅଭିନେତ୍ରୀ ଭୂମି ପେଡ୍‌ନେକର୍ କଡ଼ା ଅସନ୍ତୋଷ ପ୍ରକାଶ କରିବା ସହ ଦେଶରେ ମହିଳା ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛନ୍ତି । ଉତ୍ତର ପ୍ରଦେଶ ମୈନପୁରୀର ଏହି ଏକାଦଶ ଶ୍ରେଣୀ ଛାତ୍ରୀ ନୋଏଡା ଯିବା ସମୟରେ ଏକ ଘରୋଇ ସ୍ଲିପର୍ ବସ୍‌ର କଣ୍ଡକ୍ଟର ଓ ଡ୍ରାଇଭର୍ ନାବାଳିକାଙ୍କ ସହ ଏହି ବର୍ବରକାଣ୍ଡ ଘଟାଇଥିଲେ । ଯାହାକୁ ନେଇ ଭୂମି ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଏପରି ଘଟଣାର ପୁନରାବୃତ୍ତିକୁ ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି । ଗତ ଅଗଷ୍ଟ ୪ ତାରିଖର ଏହି ଘଟଣାରେ ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବସ୍‌କୁ ଜବତ କରିଛନ୍ତି । ତେବେ ମହିଳା ସୁରକ୍ଷା ଓ ସାମାଜିକ ମୁଦ୍ଦାକୁ ନେଇ ଭୂମି ପୂର୍ବରୁ ମଧ୍ୟ ନିଜର ମନ୍ତବ୍ୟ ଦେଇଆସିଛନ୍ତି । ପୂର୍ବରୁ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ପ୍ରତିବାଦ ସମୟରେ ଜଣେ ନାବାଳିକା ଛାତ୍ରୀଙ୍କୁ ମିଳିଥିବା ଦୁଷ୍କର୍ମ ଓ ହତ୍ୟା ଧମକ ବିରୋଧରେ ସେ ସ୍ୱର ଉତ୍ତୋଳନ କରିଥିଲେ ।



**ମେଷ:** ଅଯଥା ଖର୍ଚ୍ଚରେ ପଶିପାରନ୍ତି, ଦୂରଯାତ୍ରାରେ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁକଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ।

**ବୃଷ:** ବନ୍ଧୁମିଳନ, ଶୁଭଖବର, କର୍ମକ୍ଷେତ୍ରେ ସମ୍ମାନିତ, ଅର୍ଥଲାଭ, ବନ୍ଧୁଲାଭ, ମାନସିକଶାନ୍ତି, ଶରୀର ସୁସ୍ଥ, ଭୂସମ୍ପତ୍ତିଲାଭ। କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କେସର, ସଂଖ୍ୟା-୯, ଆରାଧନା-ମା' ଲକ୍ଷ୍ମୀ।

**ମିଥୁନ:** ସ୍ୱଜନେ ବିରୋଧ, ଆତ୍ମୀୟକଷ୍ଟ, କର୍ମକ୍ଷେତ୍ରେ ପରିଶ୍ରମ, ମନ ଭାରାକ୍ରାନ୍ତ, ଅର୍ଥଲାଭ, ସମ୍ପତ୍ତିବିବାଦ, ବ୍ୟକ୍ତିସାହାଯ୍ୟ। ଆର୍ଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଶ୍ରୀ ଗଣେଶ।

**କର୍କଟ:** ଅର୍ଥଲାଭ, ଦେବକାର୍ଯ୍ୟରେ ଆଗ୍ରହ, ବ୍ୟବସାୟରେ ଲାଭ, ଦ୍ରବ୍ୟଲାଭ, ବହୁଦିନର ଆଶା ପୂରଣ, ଦୂରଯାତ୍ରା ସ୍ଥଗିତ, ଅତିଥି ସତ୍କାର। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ପ୍ରଭୁ ଜଗନ୍ନାଥ।

**ସିଂହ:** କାର୍ଯ୍ୟପାଇଁ ଅନୁତାପ, ଗୃହରେ ଶୁଭ ଆଲୋଚନା, ବିଶିଷ୍ଟ ବ୍ୟକ୍ତିସାହାଯ୍ୟ, ଅର୍ଥଲାଭ, ଅନୁଷ୍ଠାନରୁ ସମ୍ମାନଲାଭ, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ଲକ୍ଷ୍ମୀ।

**କନ୍ୟା:** ଆୟରେ ଉନ୍ନତି, ଶୁଭଖବର, ଦାମ୍ପତ୍ୟସୁଖ, ପାରିବାରିକ ସାହାଯ୍ୟ, ବିଶିଷ୍ଟ କାର୍ଯ୍ୟରେ ସାହାଯ୍ୟ, ପିଲାଙ୍କଖୁସି । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ।

**ତୁଳା:** ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁସାହାଯ୍ୟ, ଅଯଥା ଖର୍ଚ୍ଚ, ସମ୍ମାନଲାଭ, ପାରିବାରିକ ଅଶାନ୍ତି, ଦାମ୍ପତ୍ୟସୁଖ, କର୍ମକ୍ଷେତ୍ରେ ଅଶାନ୍ତି । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ପ୍ରଭୁ କାର୍ତ୍ତିକ।

**ବିଛା:** ବନ୍ଧୁଦର୍ଶନ, ଉତ୍ସବକୁ ନେଇ ଖୁସି, ବ୍ୟବସାୟରେ ଲାଭ, ଶୁଭକାର୍ଯ୍ୟରେ ଧନବ୍ୟୟ. ଦୂରଯାତ୍ରା ସଫଳ, ସ୍ୱାଦିଷ୍ଟ ଭୋଜନ, ଆଶା ସଫଳ। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ।

**ଧନୁ:** ଦେବକାର୍ଯ୍ୟ, ପାରିବାରିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପଲାଭ, ସମ୍ମାନଲାଭ, ଦାମ୍ପତ୍ୟ କଳହ, ଦ୍ରବ୍ୟପ୍ରାପ୍ତି, ପୁରାତନ କାର୍ଯ୍ୟରେ ଲାଭ। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ନୃସିଂହନାଥ ।

**ମକର:** ସ୍ୱଜନ ବିରୋଧ, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ଅର୍ଥଲାଭ, ହେବାକାର୍ଯ୍ୟରେ ବିଳମ୍ବ, ସମ୍ପତ୍ତିନଷ୍ଟ, ପାରିବାରିକ ସମସ୍ୟା, ଦୂରଯାତ୍ରା, ମାନସିକ ଶାନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମା' ଭଗବତୀ।

**କୁମ୍ଭ:** ଦେବଦର୍ଶନ, ବିଦେଶଯାତ୍ରା, ଅର୍ଥଲାଭ, ଖୁସିଖବର, ବିବାଦର ସମାଧାନ, ମାନସିକ ଶାନ୍ତି, ସୁମିଷ୍ଟ ଭୋଜନ, ଦ୍ରବ୍ୟକ୍ରୟ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ।

**ମୀନ:** ବିପଦରୁ ମୁକ୍ତି, ଶୁଭ ଆଲୋଚନା, ଗୃହେ ସହାୟତା, ମାନସିକ ଶାନ୍ତି, ଶତ୍ରୁସମସ୍ୟା, ଅର୍ଥଖର୍ଚ୍ଚ, ନୂତନ ନିଯୁକ୍ତି, ଶରୀର ସୁସ୍ଥ, । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ଦକ୍ଷିଣକାଳୀ।

**ଭାଦ୍ରବ କୃଷ୍ଣ ପକ୍ଷ ସପ୍ତମୀ**
**୩.୯.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ୨୮ ନବଗଠିତ ଏନ୍ଏସିଙ୍କୁ ୫୬୦ କୋଟିର ସ୍ୱତନ୍ତ୍ର ଉନ୍ନୟନ ପ୍ୟାକେଜ୍

# ସହରାଞ୍ଚଳରେ ମୌଳିକ ଭିତ୍ତିଭୂମି, ନାଗରିକ ସୁବିଧାକୁ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ନବଗଠିତ ଏନ୍ଏସି ଗୁଡ଼ିକର ସାମଗ୍ରିକ ବିକାଶ ଏବଂ ନାଗରିକଙ୍କ ପାଇଁ ଉନ୍ନତ ମୌଳିକ ସୁବିଧା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ନବଗଠିତ ୨୮ଟି ଏନ୍ଏସିରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି । ପ୍ରତ୍ୟେକ ଏନ୍ଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ । ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡ଼ିକରେ ରାସ୍ତା, ଡ୍ରେନ୍, ମାର୍କେଟ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ ।

ଏହି ସ୍ୱତନ୍ତ୍ର ପ୍ୟାକେଜ୍ ମାଧ୍ୟମରେ ନବଗଠିତ ସହରାଞ୍ଚଳଗୁଡ଼ିକରେ ଆବଶ୍ୟକୀୟ ନାଗରିକ ସୁବିଧା ଓ ଆଧୁନିକ ଭିତ୍ତିଭୂମି ସୃଷ୍ଟି କରାଯିବ । ପୌର କାର୍ଯ୍ୟାଳୟ ଭବନ ପାଇଁ ୬.୪୦ କୋଟି, ରାସ୍ତା ଓ ଡ୍ରେନ୍ ପାଇଁ ୩ କୋଟି, ମଡେଲ୍ ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ୨ କୋଟି ଏବଂ ମଡେଲ୍ ସହରୀ ହାଟ ପାଇଁ ୧ କୋଟି ଟଙ୍କା ଲେଖାଏଁ ବ୍ୟବସ୍ଥା ରହିଛି । ସେହିପରି ଶ୍ମଶାନ ପାଇଁ ୬୦ ଲକ୍ଷ, ଇଭି ଚାର୍ଜିଂ ଷ୍ଟେସନ୍ ପାଇଁ ୫୦ଲକ୍ଷ, ପାର୍କ ଓ ଖୋଲା ସ୍ଥାନ, କମ୍ୟୁନିଟି ଟଏଲେଟ୍ ଭିତ୍ତିଭୂମି ପାଇଁ ୩ କୋଟି, କାଞ୍ଜିଆ ହୁଡ଼ା ଓ ବୁଲା ପ୍ରାଣୀ କଲ୍ୟାଣ ଭିତ୍ତିଭୂମି୫୦ ଲକ୍ଷ, ଜଳାଶୟର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ଲାଗି ୧କୋଟି, ଷ୍ଟ୍ରିଟ୍ ଲାଇଟ୍ ପାଇଁ ୧କୋଟି ଏବଂ ସ୍ୱଚ୍ଛତା ଭିତ୍ତିଭୂମି ପାଇଁ ମଧ୍ୟ ୧କୋଟି ଏହି ପ୍ୟାକେଜରେ ବ୍ୟୟବରାଦ କରାଯାଇଛି ।

ଉନ୍ନତ ରାସ୍ତା ଓ ଡ୍ରେନ୍ ଯାତାୟାତକୁ ସୁଗମ କରିବା ସହ ଜଳଜମା ସମସ୍ୟା ହ୍ରାସ କରିବ । ମଡେଲ୍ ମାର୍କେଟ୍ ଓ ସହରୀ ହାଟ ସ୍ଥାନୀୟ ବ୍ୟବସାୟୀ ଓ କ୍ଷୁଦ୍ର ବିକ୍ରେତାଙ୍କ ପାଇଁ ସୁସଂଗଠିତ ବ୍ୟବସାୟିକ ପରିବେଶ ସୃଷ୍ଟି କରିବ । ପାର୍କ, ଖୋଲା ସ୍ଥାନ, କମ୍ୟୁନିଟି ଟଏଲେଟ୍, ଉନ୍ନତ ଷ୍ଟ୍ରିଟ୍ ଲାଇଟ୍ ଓ ସ୍ୱଚ୍ଛତା ବ୍ୟବସ୍ଥା ସହରାଞ୍ଚଳଗୁଡ଼ିକୁ ଅଧିକ ସୁରକ୍ଷିତ, ପରିଷ୍କାର ଓ ବାସପଯୋଗ୍ୟ କରିବ । ଏ ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ନୂତନ ଭାବେ ଗଠିତ ଏନ୍ଏସିଗୁଡ଼ିକର ବିକାଶ ଆମ ସରକାରଙ୍କ ପ୍ରାଥମିକତା । କେବଳ ପ୍ରଶାସନିକ ପରିସର ବୃଦ୍ଧି ନୁହେଁ, ଏହି ଅଞ୍ଚଳଗୁଡ଼ିକରେ ଗୁଣାତ୍ମକ ନାଗରିକ ସୁବିଧା ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ । ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଛ । ଏହି ପ୍ରକଳ୍ପ ଗୁଡିକ "ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧିନରେ କାର୍ଯ୍ୟକାରୀ ହେବଛ ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉ'ାଟନ ଥିବା ବେଳେ, ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ହୋଇଛି । ଏହି ସ୍ୱତନ୍ତ୍ର ଉନ୍ନୟନ ପ୍ୟାକେଜ୍ ମାଧ୍ୟମରେ ନୂତନ ଏନ୍ଏସି ଗୁଡ଼ିକର ଭବିଷ୍ୟତ ବିକାଶ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି ହେବ ବୋଲି ଆଶା କରାଯାଉଛି । "ବିକଶିତ ଓଡ଼ିଶା-୨୦୩୬'ର ଲକ୍ଷ୍ୟକୁ ସାମ୍ନାରେ ରଖି ସମାବେଶୀ, ସୁସଂଗଠିତ ଓ ଆଧୁନିକ ସହରାଞ୍ଚଳ ଗଠନ ଦିଗରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଏକ ନୂଆ ମାଇଲଖୁଣ୍ଟ ।



# ଏକ୍ସପ୍ରେସ୍ କ୍ରେଡିଟ୍ ନାଁରେ ୧୩ କୋଟି ୯୨ଲକ୍ଷ ଷ୍ଟେଟ ବ୍ୟାଙ୍କ ଠକେଇ

## ୧୬ ଜଣଙ୍କ ଆଗୁଆ ଜାମିନ ଖାରଜ

କଟକ,(ସବ୍ୟୁ) : ବିଭିନ୍ନ କମ୍ପାନୀର କର୍ମଚାରୀ ଦର୍ଶାଇ ଏ ବାବଦରେ ଜାଲ୍ କାଗଜପତ୍ର ଦେଖାଇ ଷ୍ଟେଟ୍‌ବ୍ୟାଙ୍କରୁ 'ଏକ୍ସପ୍ରେସ୍ କ୍ରେଡିଟ୍ ନାଁରେ ୧୩ କୋଟି ୯୨ଲକ୍ଷ ଟଙ୍କାର ଠକେଇ ହୋଇଥିଲା । ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀକୁ ଏଡ଼ାଇବା ଲାଗି ଏସ୍‌ବିଆଇର ଭୁବନେଶ୍ୱର ସ୍ଥିତ ଚାରୋଟି ବ୍ୟାଙ୍କର ମ୍ୟାନେଜର ଏବଂ ଦଲାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ୧୭ଜଣଙ୍କ ମଧ୍ୟରୁ କେବଳ ଭାଗ୍ୟବତୀ ଗାହାଣଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତଙ୍କ ଆଗୁଆ ଜାମିନ୍ ଆବେଦନକୁ ଖାରଜ କରି ଦେଇଛନ୍ତି । ଏଥିସହ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ହଟାଇ ନିଆଯାଇଛି । ଏହି ଅଭିଯୁକ୍ତମାନେ ହେଲେ ନରେନ୍ଦ୍ର ପ୍ରଧାନ, ଦେବସ୍ମିତା ରାମ, ଦିଲ୍ଲୀପ ମେହେର, ଭାରତୀ ନାୟକ,ମଧୁସ୍ମିତା ସାମଲ, ପୃଥୀରାଜ ଦାସ, ବୈଶାଳୀ, ସ୍ମରଣିକା ଭଲ, ବିଶ୍ୱ ବିକାଶ ମହାନ୍ତି, ସୁରେଶ କୁମାର ସାହୁ, ସନ୍ତୋଷ କୁମାର ପଣ୍ଡା, ଦେବାଶିଷ ବେହେରା, ଯୋଗେନ୍ଦ୍ର ନାୟକ, ଦିପ୍ତିମୟୀ ବେହେରା, ସ୍ମୃତିରଞ୍ଜନ ସେଠୀ ଏବଂ ଅଭୟ ମାର ପାଣିଗ୍ରାହୀ । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, 'ହ୍ୱାଇଟ୍ କୋଲାର କ୍ରାଇମ୍ ବା ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦ୍ୱାରା ଆର୍ଥିକ ଅପରାଧ ସମାଜକୁ ବ୍ୟାପକ ଭାବେ କ୍ଷତି ପହଞ୍ଚାଇଥାଏ । ତେଣୁ ଏଭଳି ଅପରାଧୀକ କାର୍ଯ୍ୟକଳାପରେ ରୋକ୍ ଲାଗିବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଆବେଦନକାରୀଙ୍କୁ କୌଣସି ପ୍ରକାର କ୍ଷମା ତଥା ଦୟା ଦେଖାଯାଇ ପାରିବ ନାହିଁ ବୋଲି ମତଦେବା ସହ ସେମାନଙ୍କ ଆଗୁଆ ଜାମିନ୍ ଆବେଦନକୁ ଖାରଜ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଆବେଦନକାରୀଙ୍କ ଗିରଫଦାରୀ ଆଶଙ୍କା ବଢ଼ିଯାଇଛି । ମାମଲାରୁ ଜଣାଯାଇଛି ଯେ, ଏସ୍‌ବିଆଇର ଆଞ୍ଚଳିକ ଶାଖା କାର୍ଯ୍ୟାଳୟ, ଭୁବନେଶ୍ୱର (ଦକ୍ଷିଣ) ଏକ ମାମଲା ରୁଜୁ କରିଥିଲେ । ରେଲ୍ ବିହାର ବ୍ରାଞ୍ଚରୁ ୧୫୦ଜଣ ଋଣ ନେଇଥିଲାବେଳେ ଫର୍ଚୁନ୍ ଟାୱାର ବ୍ରାଞ୍ଚ ରୁ୧୧୫ଜଣ, ପଟିଆ ବ୍ରାଞ୍ଚରୁ ୮ଜଣ ଏବଂ ଡମଣା ବ୍ରାଞ୍ଚରୁ ୯ଜଣ ଋଣ ନେଇଛନ୍ତି । ଏହି କାର୍ଯ୍ୟରେ କିଛି ଦଲାଲ ଋଣ ଗ୍ରହୀତାଙ୍କ ନାମରେ ଜାଲ୍ କାଗଜପତ୍ର ମଧ୍ୟ ପ୍ରସ୍ତୁତ କରିଛନ୍ତି । ଏକ୍ସପ୍ରେସ୍ କ୍ରେଡିଟ୍ ନାଁରେ ଲୋକଙ୍କୁ ଲକ୍ଷାଧିକ ଟଙ୍କାର ଋଣ ଦିଆଯାଇଛି । ଏକ୍ସପେସ୍ କ୍ରେଡିଟ୍ ପାଇଁ ଯେଉଁ ନିୟମାବଳୀ ରହିଛି ସେସବୁର ଉଲଂଘନ କରାଯାଇଛି । ଉପରୋକ୍ତ ବ୍ୟାଙ୍କ୍ ମ୍ୟାନେଜରମାନଙ୍କର ଏହି ଘଟଣାରେ ସନ୍ଦିଗ୍ଧ ଭୂମିକା ରହିଛି । ସେମାନେ କୌଣସି ଡକ୍ୟୁମେଣ୍ଟ ଯାଞ୍ଚ୍ ନକରି ଋଣ ମଞ୍ଜୁର କରିଛନ୍ତି । ଯାହାଦ୍ୱାରା ବିଭିନ୍ନ ଏସ୍‌ବିଆଇ ବ୍ରାଞ୍ଚକୁ କୋଟିକୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି ।

# ୭୬ ଗ୍ରାମ ବ୍ରାଉନ୍‌ସୁଗର ଜବତ; ୫ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଗଡ଼ଖୋର୍ଦ୍ଧା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ବ୍ରାଉନ୍‌ସୁଗର କାରବାର ଚାଲିଥିବାବେଳେ ଶିଳ୍ପାଂଚଳ ପୁଲିସ ଚଢଉ କରି ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ପୁଲିସ ୭୬ଗ୍ରାମ ବ୍ରାଉନ୍‌ସୁଗର, ୪ଟି ମୋବାଇଲ୍ ଫୋନ୍, ୫ଟି ଖାଲି ପଲିଥିନ୍ ପ୍ୟାକେଟ୍ ଓ ୩ଟି ମୋଟରସାଇକେଲ୍ କୁ ଜବତ କରିଛି । ପୁଲିସ ସୂଚନା ଅନୁସାରେ, ଗଡ଼ଖୋର୍ଦ୍ଧା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ବ୍ରାଉନ୍‌ସୁଗର କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବାକୁ ଏସ୍‌ପି ପରମାର ସ୍ମିତ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝି ଏବଂ ଥାନା ଅଧିକାରୀ ବିଶ୍ୱଜିତ ରାଉରତରାୟଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ଉ କରିଥିଲା । ଘଟଣାସ୍ଥଳରେ ପୁଲିସକୁ ଦେଖି ୫ ଜଣ ଖସିଯିବାକୁ ଉଦ୍ୟମ କରିଥିବାବେଳେ ସେମାନଙ୍କୁ କାବୁ କରାଯାଇଥିଲା । ସେମାନଙ୍କୁ ତଲାସୀ ବେଳେ ଦୁଇଜଣଙ୍କଠାରୁ ଦୁଇଟି ପଲିଥିନ୍ ପ୍ୟାକେଟ୍ ରେ ଥିବା ୭୬ ଗ୍ରାମ ବ୍ରାଉନ୍‌ସୁଗର ମିଳିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ତରତୁଆ ର ପ୍ରଶାନ୍ତ ବଡ଼ଜେନା (୨୪), ବୈକୁଣ୍ଠବିହାର ନାରାୟଣ ନଗର ର ବିକ୍ରମ କୁମାର ନାୟକ (୨୧), ଗଡଡପୁଟ ର ଶୁଭ୍ରାଂଶୁ ବରାଳ (୨୪) ଓ ଠେଙ୍ଗାହାଟ ସାଗୁଆନ୍ ବଗିଚା ର ସୁବାସିସ୍ ସ୍ୱାଇଁ (୨୩) ଏବଂ ବଲାଙ୍ଗୀର ତୁସ୍ରା ଥାନା ଅନ୍ତର୍ଗତ ଗୌଡଗୋଠ ର ନରେନ୍ଦ୍ର ବେହେରା (୩୪) । ପ୍ରାଥମିକ ତଦନ୍ତରୁ ସେମାନେ ନିଶାଦ୍ରବ୍ୟ କ୍ରୟ ଓ ସ୍ଥାନୀୟ ଗ୍ରାହକଙ୍କୁ ବିକ୍ରି ଉଦ୍ଦେଶ୍ୟରେ କାରବାରରେ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରୁଛି । ଜବତ ୩ଟି ମୋଟରସାଇକେଲ୍ ମଧ୍ୟରେ ଓଡି-୦୨ବିୱାଇ-୩୯୦୩ ନଂ ବିଶିଷ୍ଟ ବୁଲେଟ ଏବଂ ଓଡି. ୦୨ଡିସି ୫୫୬୧ ଓ ଓଡି.୦୨-ସିଏକ୍ସ-୪୦୩୫ ନଂ ବିଶିଷ୍ଟ ଦୁଇଟି ଗାଡି ରହିଛି । ଏନେଇ ଶିଳ୍ପାଂଚଳ ଥାନାରେ କେସ୍ ନଂ ୨୭୪/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଥାନା ଅଧିକାରୀ ଶ୍ରୀ ରାଉତରାୟ ଏହାର ତଦନ୍ତ କରୁଛନ୍ତି ।

### ସିଭିକ୍ ଡାଟା ଲ୍ୟାବ୍ ସହିତ ଓସ୍‌ଡମାର ଦୁଇ ଏମ୍‌ଓୟୁ

# ତ୍ୱରିତ, ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଡାଟା-ଭିତ୍ତିକ, ବୈଜ୍ଞାନିକ ଏବଂ ପ୍ରଯୁକ୍ତିସମ୍ପନ୍ନ ତଥା ସୁଦୃଢ଼ କରିବା ଦିଗରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥା ଓସ୍‌ଡମା ପକ୍ଷରୁ (ବୁଧବାର) ଲୋକସେବା ଭବନ କନଭେନସନ ସେଣ୍ଟରଠିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି । ଜାତିସଂଘ ବିକାଶ କାର୍ଯ୍ୟକ୍ରମ ବାୟୁଏନଡିପି ଏବଂ ସିଭିକ୍ ଡାଟା ଲ୍ୟାବ୍ ସହିତ ଏହି ସହଭାଗିତା ସ୍ଥାପନ କରାଯାଇଛି । ଏହି ଦୁଇଟି ପ୍ରମୁଖ ସହଯୋଗିତା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହିତ ରାଜ୍ୟକୁ ଏକ ବିପର୍ଯ୍ୟୟ ସହନଶୀଳ ଓ ସୁରକ୍ଷିତ ରାଜ୍ୟରେ ପରିଣତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।




» ଡାଟା-ଭିତ୍ତିକ ବିପର୍ଯ୍ୟୟ ପରିଚାଳନା ଲାଗି ୟୁଏନ୍‌ଡିପି
» ପଞ୍ଚାୟତ ସ୍ତରରେ ହେବ ବିପର୍ଯ୍ୟୟ ସଙ୍କଟାପନ୍ନ ସ୍ଥିତିର ଆକଳନ

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ବିପର୍ଯ୍ୟୟ ଘଟିବା ପରେ କେବଳ ପ୍ରତିକ୍ରିୟା ପ୍ରକାଶ କରିବା ପରିବର୍ତ୍ତେ ବିପର୍ଯ୍ୟୟ ପୂର୍ବରୁ ସଠିକ୍ ତଥ୍ୟ ଆଧାରରେ ପ୍ରସ୍ତୁତ ରହିବା ଏବଂ ବିପଦକୁ ଆକଳନ କରିବା ଆଜିର ସମୟର ଆହ୍ୱାନ । ସଠିକ୍ ତଥ୍ୟ ଆଧାରିତ ନିଷ୍ପତ୍ତି ହିଁ ଲୋକଙ୍କ ଧନଜୀବନ ରକ୍ଷା କରିବା ସହ ବିକାଶମୂଳକ ଯୋଜନାକୁ ଅଧିକ ସୁଦୂରପ୍ରସାରୀ କରିପାରିବ । ଏହି ସହଭାଗିତା ଅଧୀନରେ ଓସ୍‌ଡମା ଏବଂୟୁଏନ୍‌ଡିପି ମିଳିତ ଭାବେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକ ବ୍ୟାପକ "ବିପଦ, ଆଶଙ୍କା ଏବଂ ସଂକଟାପନ୍ନ ସ୍ଥିତି ଆକଳନ'କାର୍ଯ୍ୟକାରୀ କରିବେ । ଏହି ପ୍ରକଳ୍ପ ଅଧୀନରେ ବାତ୍ୟା ଓ ବନ୍ୟା ପ୍ରବଣ ୧୦ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ଗ୍ରାମ ସ୍ତରରୁ ଏବଂ ଅବଶିଷ୍ଟ ୨୦ଟି ଜିଲ୍ଲାରେ ଗ୍ରାମ ପଞ୍ଚାୟତସ୍ତରରୁ ତଥ୍ୟ ସଂଗ୍ରହ କରାଯିବ । ସିଭିକ୍ ଡାଟା ଲ୍ୟାବ୍ ସହିତ ହୋଇଥିବା ଅଣ-ଆର୍ଥିକ ଚୁକ୍ତିନାମା ଓଡ଼ିଶାରେ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଏକ ସ୍ୱତନ୍ତ୍ର "ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକଚର' ଗଠନ କରିବ । ଏହି ସଂସ୍ଥା ନିଜର "ଇଣ୍ଟେଲିଜେଣ୍ଟ ଡାଟା ସଲ୍ୟୁସନ୍ସ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନ୍' ପ୍ଲାଟଫର୍ମ ମାଧ୍ୟମରେ ବିଭିନ୍ନ ବିଭାଗର ତଥ୍ୟକୁ ଏକତ୍ରିତ କରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ସମସ୍ତ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମାନଙ୍କ ପାଇଁ ରିଅଲ-ଟାଇମ୍ ଡ୍ୟାସବୋର୍ଡ ଏବଂ ବିଶ୍ଳେଷଣାତ୍ମକ ତଥ୍ୟ ଉପଲବ୍ଧ କରାଇବ । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ପେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳରେ ଆରମ୍ଭ ହେବ ସୁଲଭ ଆବାସ ଯୋଜନା

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଓ ଜଟଣୀ ପୌରାଂଚଳରେ ସୁଲଭ ଆବାସ ଯୋଜନା ଆରମ୍ଭ କରିବା ନେଇ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ପ୍ରସ୍ତାବିତ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଧାୟକ ଶ୍ରୀ ଜଗଦେବଙ୍କ ଅଧକ୍ଷତାରେ ଖୋର୍ଦ୍ଧା ଜିଲ୍ଲାରେ ସୁଲଭ ଆବାସ ଯୋଜନା ଅଧୀନରେ ବସ୍ତିବାସିନ୍ଦାଙ୍କ ଥଇଥାନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଖୋର୍ଦ୍ଧା ପୌରପାଳିକା ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଖୋର୍ଦ୍ଧା ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ପୌରନିର୍ବାହୀ ଅଧିକାରୀ କାବେରୀ ମୁଦୁଲିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ । ରାଜ୍ୟସ୍ତରୀୟ ବୈଷୟିକ ପ୍ରକୋଷ୍ଠ, ଓଡ଼ିଶା ସହରାଂଚଳ ଆବାସ ମିଶନର ଅଧିକାରୀ ସଞ୍ଜୀବ କୁମାର ପଣ୍ଡା ଓ ସଞ୍ଜୟ କୁମାର ପାତ୍ର ମଧ୍ୟ ବୈଠକରେ ଯୋଗଦେଇଥିଲେ । ଶ୍ରୀ ପଣ୍ଡା ଅର୍ଥ ଓ ସରକାରୀ-ଘରୋଇ ଭାଗୀଦାରି ସମ୍ପର୍କିତ ବିଶେଷଜ୍ଞ ହୋଇଥିବାବେଳେ ଶ୍ରୀ ପାତ୍ର ସହରୀ ଭିତିଭୂମି ଓ ଯାନ୍ତ୍ରିକ ବିଷୟର ବିଶେଷଜ୍ଞ । ବୈଠକରେ ସରକାରୀ ଓ ସରକାରୀ-ଘରୋଇ ଭାଗୀଦାରି ମାଧ୍ୟମରେ ଯୋଜନାକୁ କିପରି କାର୍ଯ୍ୟକାରୀ କରାଯିବ ଏବଂ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ଭାବେ ଥଇଥାନ କରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଯୋଜନାରେ ଉପଲବ୍ଧ ବିଭିନ୍ନ ସୁବିଧା ସମ୍ପର୍କରେ ମଧ୍ୟ ଅଧିକାରୀମାନେ ସୂଚନା ଦେଇଥିଲେ । ବୈଠକରେ ବିଭିନ୍ନ ୱାର୍ଡର କାଉନସିଲର, ତହସିଲଦାର, ଖୋର୍ଦ୍ଧା ପୌରପାଳିକାର ଅମିନ ସୁଜିତ କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ରଶ୍ମିତା ପରିଡ଼ା ଏବଂ ଜିଲ୍ଲା ସହରାଂଚଳ ଉନ୍ନୟନ ଏଜେନ୍ସିର ବୈଷୟିକ ପ୍ରକୋଷ୍ଠ ବିଶେଷଜ୍ଞ ଦେବାଶିଷ ଦାସଙ୍କ ମତାମତ ନିଆଯାଇଥିଲା । ଖୋର୍ଦ୍ଧାରେ ଏକାଧିକ ସୁଲଭ ଆବାସ ପ୍ରକଳ୍ପ କିପରି କାର୍ଯ୍ୟକାରୀ କରାଯାଇପାରିବ, ସେନେଇ ମଧ୍ୟ ମତବିନିମୟ ହୋଇଥିଲା । ପୂର୍ବରୁ ଚିହ୍ନଟ ହୋଇଥିବା ଜେମାଦେଇ ଓ ଗୁରୁଜଙ୍ଗ ଗ୍ରାମରେ ସରକାରୀ ଜମି ଉପରେ ରହିଥିବା ଅବରୋଧ ହଟାଇ ପ୍ରାୟ ୫୦୦ ବସ୍ତିବାସିନ୍ଦାଙ୍କ ପାଇଁ ଗୃହ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ଶ୍ରୀ ଜଗଦେବ ଅଧିକାରୀମାନଙ୍କୁ କହିଥିଲେ ।

ସେହିପରି ସୁଲଭ ଭଡ଼ାଘର ଯୋଜନା ଅଧୀନରେ ପୌରାଂଚଳ ର ଆବଶ୍ୟକତା ଥିବା ଲୋକମାନେ କମ୍ ଭଡ଼ାରେ ଘର ନେଇ ରହିପାରିବେ । ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଆବଶ୍ୟକ ପୁରୁଣା ସରକାରୀ କୋଠା କିମ୍ବା ସରକାରୀ ଜମି ଯୋଗାଇଦେବାକୁ ବିଧାୟକ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ରାଜ୍ୟସ୍ତରୀୟ ବୈଷୟିକ ପ୍ରକୋଷ୍ଠର ଦୁଇ ଅଧିକାରୀ ଜେମାଦେଇ ଓ ଗୁରୁଜଙ୍ଗ ଗ୍ରାମ ପରିଦର୍ଶନ କରିଥିଲେ । ସେମାନେ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରି ପ୍ରକଳ୍ପ ପାଇଁ ଉପଯୁକ୍ତ ସ୍ଥାନ, ଜମିର ସ୍ଥିତି ଓ ଅନ୍ୟାନ୍ୟ ବୈଷୟିକ ଦିଗ ଅନୁଧ୍ୟାନ କରିଥିଲେ । ଏହାପରେ ଅଧିକାରୀମାନେ ଜଟଣୀ ପୌରପାଳିକା ଅଧୀନ ରାମଚନ୍ଦ୍ରପୁର ଗ୍ରାମ ପରିଦର୍ଶନ କରି ସେଠାରେ ପ୍ରସ୍ତାବିତ ସୁଲଭ ଆବାସ ପ୍ରକଳ୍ପ ପାଇଁ ଚିହ୍ନଟ ଜମି ଓ ଏହାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ । ପ୍ରକଳ୍ପକୁ ଶୀଘ୍ର ଆଗେଇ ନେବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଅଧିକାରୀମାନେ ଆଲୋଚନା କରିଥିଲେ ।



» ପ୍ରାୟ ୫୦୦ ବସ୍ତିବାସିନ୍ଦାଙ୍କ ପାଇଁ ଘର ନିର୍ମାଣ ଲକ୍ଷ୍ୟ
» ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କଲେ ବିଶେଷଜ୍ଞ ଦଳ

### "ଦ କ୍ଲେ କଣ୍ଟିନ୍ୟୁଅମ " ଟେରାକୋଟା ପ୍ରଦର୍ଶନୀ

# ପାରମ୍ପରିକ ଓ ସମସାମୟିକ ଶିଳ୍ପୀଙ୍କ ଅପୂର୍ବ ସମନ୍ୱୟ

ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର,ଖାରବେଳ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି । ପାରମ୍ପରିକ ଓ ସମସାମୟିକ ଟେରାକୋଟା ପ୍ରଦର୍ଶନୀ " ଦ କ୍ଲେ କଣ୍ଟିନ୍ୟୁଅମ୍" ।ପ୍ରଦର୍ଶନୀକୁ ଅନ୍ୟ ଅତିଥିମାନଙ୍କ ସହ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ବିନୋଦ ମହାରଣା ଯୋଗଦେଇ ଓଡ଼ିଶାର ପାରମ୍ପରିକ କାଳରୁ ସମସାମୟିକ କଳା ପ୍ରସ୍ତୁତ ହେଲେ କଳାର ପ୍ରକୃତ ଉନ୍ନତି ସାଧିତ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ କ୍ରାଫ୍ଟ କାଉନସିଲର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର,ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ଭୁବନ ଭାସ୍କର,ଦେବବ୍ରତ ନାୟକ,ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ରର କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା,ବରିଷ୍ଠ ଚିତ୍ରଶିଳ୍ପୀ ରାମହରି ଜେନା ,ବି ଜେ ପି ର ନାରୀ ନେତ୍ରୀ ସସ୍ମିତା ସାମନ୍ତ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ସମସାମୟିକ ଟେରାକୋଟା କୃତି ଉପରେ ଆଲୋକପାତ କରିଥିଲେ ।ଏହି ପ୍ରଦର୍ଶନୀରେ ବନ ରଣା,ଜୟଦେବ ରଣା,ମୁକୁନ୍ଦ ରଣା,ନରୋତ୍ତମ ଦାସ,ସଞ୍ଜୟ ମୁଦୁଲି,ସରୋଜ କୁମାର ରାଉତ,ସୁଧୀ ରଞ୍ଜନ ମହାରଥା ଓ ସୁକାନ୍ତ ମୁଦୁଲି ପ୍ରମୁଖ ଆଠଜଣ ଶିଳ୍ପୀଙ୍କ ସୃଜନଶୀଳ ଟେରାକୋଟା କଳାକୃତି ପ୍ରଦର୍ଶିତ ହୋଇଛି । ଉଦଘାଟନୀ ଉତ୍ସବ ଅବସରରେ ,ଏହି ପ୍ରଦର୍ଶନୀର ଲକ୍ଷ୍ୟ ହେଉଛି ପାରମ୍ପରିକ ଟେରାକୋଟା ଶିଳ୍ପୀ ଓ ସମସାମୟିକ ଭାସ୍କର୍ଯ୍ୟ ଶିଳ୍ପୀଙ୍କ କଳାକୃତିକୁ ଏକାଠି ଦେଖିବାର ସୁଯୋଗ ସୃଷ୍ଟି କରିବା ବୋଲି ପ୍ରଦର୍ଶନୀର କ୍ୟୁରେଟର ସର୍ବେଶ୍ୱର ବିଶ୍ୱାଳ କହିଛନ୍ତି । ପ୍ରଦର୍ଶନୀରେ ଓଡ଼ିଶାର ପାରମ୍ପରିକ ଟେରାକୋଟା ପ୍ରଦର୍ଶିତ ହେବା ସହ ସମସାମୟିକ ଶିଳ୍ପୀଙ୍କ ସୃଜନଶୀଳ ଟେରାକୋଟା କଳାକୃତି ଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି । ପ୍ରଦର୍ଶନୀରେ ଉପସ୍ଥିତ ସମସ୍ତ ଦର୍ଶକ ଏହି କଳାକୃତି ଗୁଡ଼ିକୁ ଦେଖି ମନ୍ତ୍ରମୁଗ୍ଧ ହୋଇଥିଲେ । ଏହି ପ୍ରଦର୍ଶନୀ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ଦିନ ୧୧ ଟା ରୁ ସନ୍ଧ୍ୟା ୭ ଟା ଯାଏଁ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ।



10001/504/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସତର୍କତା

ଡାଇରିଆରୁ ସୁରକ୍ଷିତ ରହିବା ପାଇଁ

- **ଅଧ ଘଣ୍ଟା ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ
- ଖାଦ୍ୟ ଖାଇବା ଆଗରୁ ଏବଂ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
- ବାହାରେ ଝାଡ଼ା ନ ଯାଇ, ପାଇଖାନା ବ୍ୟବହାର କରନ୍ତୁ
- ଅସ୍ୱାସ୍ଥ୍ୟକର ପରିବେଶରେ ବାହାରେ ବିକ୍ରୀ ହେଉଥିବା ଖାଦ୍ୟ ଖାଆନ୍ତୁ ନାହିଁ
- ଡାଇରିଆ ରୋଗୀକୁ ବାରମ୍ବାର ଓ.ଆର୍.ଏସ୍. ଦ୍ରବଣ ପିଇବାକୁ ଦିଅନ୍ତୁ
- ତରଳ ଝାଡ଼ା ହେବା ସମୟରେ ପିଲାକୁ ଖାଦ୍ୟ ଏବଂ କ୍ଷୀର ପିଉଥିବା ଶିଶୁକୁ ସ୍ତନ୍ୟପାନ ଜାରି ରଖନ୍ତୁ

ବନ୍ୟା ପ୍ରଭାବିତ ଅଞ୍ଚଳରେ ବୁଡ଼ିଯାଇଥିବା ନଳକୂଅ କିମ୍ବା ବନ୍ୟା ଜଳ ପଶିଥିବା କୂଅ ବିଶୋଧନ ନହେବା ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ନାହିଁ, ଏଥିପାଇଁ ନିକଟସ୍ଥ ଜଳଯୋଗାଣ ଯନ୍ତ୍ରୀଙ୍କ ସହ ପରାମର୍ଶ କରନ୍ତୁ

ସାପ କାମୁଡ଼ାରୁ ସୁରକ୍ଷିତ ରହିବା ପାଇଁ

- ବନ୍ୟା ଜଳରେ କାରବାର ସମୟରେ ଯଥେଷ୍ଟ ସତର୍କ ରୁହନ୍ତୁ
- ଘର ଚଟାଣରେ ଶୋଉଥିଲେ ମଶାରି ବ୍ୟବହାର କରନ୍ତୁ, ରାତିରେ ବାହାରକୁ ଯାଉଥିଲେ ସତର୍କ ଓ ସାବଧାନ ରୁହନ୍ତୁ
- ଘର ଭିତର ଓ ବାହାର ପରିଷ୍କାର ରଖନ୍ତୁ
- ସାପ କାମୁଡ଼ିଲେ କୌଣସି ଦେଶୀ ଚିକିତ୍ସା ନକରି ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ
- ସାପ କାମୁଡ଼ା ଇଞ୍ଜେକ୍ସନ୍ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ

ମନେରଖନ୍ତୁ, ସାମାନ୍ୟ ବିଳମ୍ବ ପ୍ରାଣଘାତି ହୋଇପାରେ

OIPR: 10001/10003/2/26-27/0047

ଅସୁସ୍ଥ ଅନୁଭବ ହେଲେ ତୁରନ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

## ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ରାଜ୍ୟରେ ବିଜେପି ସଂଗଠନ ମଜଭୁତ ହେଉଛି: ମନମୋହନ

ଭୁବନେଶ୍ୱର, (ସବ୍ୟ) : ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଗଂଜାମ ଓ ପୁରୀ ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଲଢିଥିବା ସ୍ୱାଧୀନ ପ୍ରାର୍ଥୀ ମନୋଜ କୁମାର ରଥଙ୍କ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ ନାଗପୁର ପଂଚାୟତର ବରିଷ୍ଠ ବିଜେଡି ନେତା ସୁକାନ୍ତ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମୀରେଖା ମହାନ୍ତି, ବରିଷ୍ଠ ବିଜେଡି ନେତା ଅଜିତ ରାଉତରାୟ, ବାଦଲ ମହାନ୍ତି, ଗଦାଧର ପ୍ରଧାନ, ପ୍ରଫୁଲ୍ଲ ସେଠୀ, ଭଗବାନ ମାହାଲା;



ବଳଙ୍ଗା ଗ୍ରାମ ପଂଚାୟତର ରମେଶ ଦାସ, ସନ୍ତୋଷ ମହାନ୍ତି, କାଳନ୍ଦୀ ଗୁରୁ, ବିଶ୍ୱନାଥ ଗୁରୁ, ହରିହର ଲେଙ୍କା, କୃଷ୍ଣଚନ୍ଦ୍ର ଲେଙ୍କା, ରେଂଚ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ବିଷ୍ଣୁଚରଣ ମହାନ୍ତି, ରବିନ୍ଦ୍ର ନାଥ ପଣ୍ଡା, ଗୋପିନାଥ ପରିଡା, ସ୍ୱଦେଶ ବିଶ୍ୱାଳ; ବାହାରଣା ଗ୍ରାମ ପଂଚାୟତର ମହେନ୍ଦ୍ର ସାହୁ, ପ୍ରମୋଦ କୁମାର ପଟ୍ଟନାୟକ, ଗୋପିନାଥ ସାହୁ, କହ୍ନେଇ ସାହୁ, ଦିବ୍ୟସିଂହ କୁମାର ମହାନ୍ତି, ମହେନ୍ଦ୍ର ମଲ୍ଲ, ଜାହିର ଖାନ, ଅଚ୍ୟୁତ ରାଉତରାୟ, ସନ୍ତୋଷ ମେକାପ; ଭିଲିଗ୍ରାମ ଗ୍ରାମ ପଂଚାୟତର ପ୍ରମୋଦ କୁମାର ରଣା, ନଗେନ କୁମାର ସେନାପତି, ଭାରତ ସ୍ୱାଇଁ, ଅନାମ ବେହେରା, ବେଣୁଧର ପରିଡା, ନିମାପଡା ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର ରମେଶ ଚନ୍ଦ୍ର ପ୍ରଧାନ, ଯଶୋଦା ନନ୍ଦନ ରଥ, ଗୌରାଙ୍ଗ ସ୍ୱାଇଁ, ପ୍ରମୋଦ ରାଉତ, ସୂର୍ଯ୍ୟନାରାୟଣ ମହାପାତ୍ର; ୪ ନମ୍ବର ୱାର୍ଡର ରବିନ୍ଦ୍ର ମଲ୍ଲିକ, ନାରାୟଣ ଦାସ, ସୂର୍ଯ୍ୟକାନ୍ତ ମହାନ୍ତି, ପରମାନନ୍ଦ ଭୋଇ, ରଂଜିତ ମଲ୍ଲିକ ପ୍ରମୁଖ ସମ୍ପୃକ୍ତ ଅଂଚଳ ଗୁଡିକର ଉପରୋକ୍ତ ନେତା ଓ କର୍ମୀଙ୍କ ସମେତ ବିଜେଡି ଓ କଂଗ୍ରେସ ନେତୃବୃନ୍ଦ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ଗଂଜାମ ଜିଲ୍ଲା ଛତ୍ରପୁର ମ୍ୟୁନିସିପାଲିଟିର ବରିଷ୍ଠ କମ୍ୟୁନିଷ୍ଟ ନେତା ରଂଜନ ମହାପାତ୍ର, ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଜି.ପାପା ରାଓ, କାଉନସିଲର ମାମା ସେଠୀ, ଡି.ଇନ୍ଦୁ, ମମତା ପାତ୍ର, କେ.ରମେଶ ରାଓ, ପ୍ରତିଛନ୍ଦା ସାମଲ, ଦେବାଶିଷ ମିଶ୍ର, ସନ୍ତୋଷ ସେଠୀ, ବି.ନିଶ୍ଚଳା ସ୍ୱାମୀ, ସୁମନ୍ତ କୁମାର ନାହକ, ପୂର୍ବତନ ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅମିତା ସାହୁ, ବରିଷ୍ଠ ବିଜେଡି ନେତା ସୁଶାନ୍ତ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ଫଳରେ ରାଜ୍ୟରେ ବିଜେପି ସଂଗଠନ ଓ ଅଧିକ ମଜଭୁତ ହେଉଛି ବୋଲି ସଭାପତି ମନମୋହନ ସାମଲ କହିଛନ୍ତି।

## ସାର କଳାବଜାରୀ ଉପରେ ସରକାରଙ୍କ କଡ଼ା ଆଭିମୁଖ୍ୟ

# ୯୬ ଡିଲରଙ୍କ ଲାଇସେନ୍ସ ବାତିଲ, ୩୨୧ ଡିଲରଙ୍କର ସାର ବିକ୍ରି ସାମୟିକ ବନ୍ଦ

ଭୁବନେଶ୍ୱର(ସବ୍ୟ): ଚଳିତବର୍ଷ ଏପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ୧୧,୬୮୪ଟି ସାର ଦୋକାନରେ ଚଢ଼ାଉ କରାଯାଇଛି । ୨,୭୭୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ବେଳେ ୩୨୧ ଜଣ ଡିଲରଙ୍କ ସାର ବିକ୍ରିକୁ ସାମୟିକ ଭାବେ ବନ୍ଦ କରାଯାଇଛି । ଏଥିସହ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ୧୭୦ ଜଣ ଡିଲରଙ୍କ ଲାଇସେନ୍ସ ନିଲମ୍ବିତ, ୯୬ ଜଣ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛ । ଅନିୟମିତତାରେ ଲିପ୍ତ ଥିବା ୧୨ ଜଣ ଡିଲରଙ୍କ ମହଜୁଦ ଥିବା ସାରକୁ ଜବତ କରାଯାଇଛି । ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଛି ।

ଚଳିତ ଖରିଫ ୨୦୨୬-୨୭ ଋତୁରେ କୃଷକମାନଙ୍କୁ ସାରର ସୁଗମ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି । ସାରର କଳାବଜାରୀ ଓ ବେଆଇନ ଚାଲାଣକୁ ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୂନ୍ୟ-ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି । ସାରର କଳାବଜାରୀ, ମହଜୁଦକରଣ ଏବଂ ନିମ୍ନମାନର ସାର ଯୋଗାଣ ଭଳି ବିଭିନ୍ନ ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ତରରେ ଏନେ®ାର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି । ଚଳିତ ବର୍ଷ ଚଢ଼ାଉ ଏବଂ ଦଣ୍ଡାତ୍ମକ ପଦକ୍ଷେପର ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛିଛ ଫଳସ୍ୱରୂପ, କୃଷକମାନେ ଏବେ ନିଜ କୃଷି କାର୍ଯ୍ୟ ପାଇଁ ବିଭିନ୍ନ ରାସାୟନିକ ସାର ଅଧିକ ସହଜରେ ଏବଂ ନିର୍ଦ୍ଧାରିତ ମୂଲ୍ୟରେ କିଣିପାରୁଛନ୍ତି । ଗତ ୨୯ ତାରିଖରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଉପଖଣ୍ଡରେ ଥିବା "ମା' ସାବିତ୍ରୀ ଏଗ୍ରୋ ଏଜେନ୍ସି'ରେ ତହସିଲଦାର, କୃଷି ବିଭାଗର ଅଧିକାରୀ ଏବଂ ପୁଲିସର ଏକ ମିଳିତ ଦଳ ଚଢ଼ାଉ କରିଥିଲେ । ଏହି ଚଢ଼ାଉ ସମୟରେ ୭୦୦ ବସ୍ତା ଡିଏପି ସାର ଜବତ କରାଯାଇଥିଲା, ଦୋକାନର ଲାଇସେନ୍ସ ବାତିଲ କରାଯାଇଥିଲା ଏବଂ ଏକ ଅପରାଧିକ ମାମଲା ରୁଜୁ ହୋଇଥିଲା । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରହିଛି । ସେହିପରି ବୌଦ୍ଧ ଜିଲ୍ଲାର ମନମୁଣ୍ଡା ବ୍ଲକର ବିଭିନ୍ନ ସାର ଦୋକାନରେ ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଗତ ଦୁଇ ଦିନ ଧରି ଚଢ଼ାଉ ଓ ଯାଞ୍ଚ ଜାରି ରହିଛି । ଏହି ଯାଞ୍ଚ ସମୟରେ ଅଧିକାରୀମାନେ ଉପସ୍ଥିତ ଥିବା କୃଷକମାନଙ୍କଠାରୁ ବୟାନ ମଧ୍ୟ ଗ୍ରହଣ କରୁଛନ୍ତି । ବୌଦ୍ଧର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କହିଛନ୍ତି ଯେ, କଳାବଜାରୀ ଏବଂ ଅନ୍ୟାନ୍ୟ ଅନିୟମିତତା ସମ୍ପର୍କିତ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯିବ ।

ସମସ୍ତ ସାର ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ଅଛି ଏବଂ ଚାଷୀମାନେ ଭୟଭୀତ ହେବାର କୌଣସି କାରଣ ନାହିଁ । ଚଳିତ ଖରିଫ ଋତୁରେ ସାର ଯୋଗାଣକୁ ପ୍ରଭାବଶାଳୀ ଭାବେ ନିୟନ୍ତ୍ରଣ କରିବା ପାଇଁ ସରକାର ପ୍ରତିବଦ୍ଧ ଏବଂ ସମଗ୍ର ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି । କୃଷକମାନଙ୍କୁ ଅନୁରୋଧ କରାଯାଉଛି ଯେ, ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ନହୋଇ କେବଳ ଅନୁମୋଦିତ ଦୋକାନରୁ ନିର୍ଦ୍ଧାରିତ ମୂଲ୍ୟରେ ସାର କ୍ରୟ କରନ୍ତୁ ।

# ରାହୁଲ ଗାନ୍ଧୀଙ୍କ ଉପରୁ ଏତଲା ପ୍ରତ୍ୟାହାର ଦାବିରେ ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,(ସବ୍ୟ): ଲୋକସଭାର ବିରୋଧିଦଳର ନେତା ତଥା ରାହୁଲ ଗାନ୍ଧୀଙ୍କର ନାମରେ ରୁଜୁ ହୋଇଥବା ଏତଲା ପ୍ରତ୍ୟାହାର ଦାବିରେ ବୁଧବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର କର୍ମୀମାନେ ପ୍ରତିବାଦ କରିଥିଲେ । ରାଜ୍ୟ ବିଜେପି କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଜନପଥରେ ଯାଉଥିବାବେଳେ ପୁଲିସ ସେମାନଙ୍କୁ ବାରିକେଡ ଲଗାଇ ପଥ ଅବରୋଧ କରିଥିଲେ । ପୁଲିସ ଓ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ୧ ଘଣ୍ଟାକାଳ ଧସ୍ତାଧସ୍ତି ହେବା ପରେ ଘଟଣା ସ୍ଥଳରୁ ଯୁବ କଂଗ୍ରେସ କର୍ମୀମାନଙ୍କୁ ପୁଲିସ ଭ୍ୟାନ ଯୋଗେ ଉଠାଇ ନେଇଥିଲା । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ ଆମ୍ବେଦକର କୃତ ସମ୍ବିଧାନକୁ ହଟାଇ ସେହି



ସ୍ଥାନରେ ମନୁସ୍ମୃତିକୁ ଅବସ୍ଥାପିତ କରିବାକୁ ଶାସକ ଦଳ ଷଡଯନ୍ତ୍ର କରୁଛି । କାରଣ ଏ ଦେଶରେ ଏବେ ସମ୍ବିଧାନକୁ ଅନୁସରଣ କରାନଯାଇ ମନୁସ୍ମୃତିର ନିର୍ଦ୍ଦେଶକୁ ଅନୁସରଣ କରାଯାଉଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଉତ୍ତରାଖଣ୍ଡର ହଲଦ୍ୱାନି ଠାରେ ଥିବା ରାମଲୀଳା ମୈଦାନରେ ଏକ ସଭାକୁ ସମ୍ବୋଧିତ କରିଆସିବା ପରେ ସେଠିକାର ସଭାମଞ୍ଚକୁ ବିଜେପି ଏବଂ ଏକ ଗୈରକ ସଂଗଠନ ପକ୍ଷରୁ ଶୁଦ୍ଧିକରଣ କରାଯାଇଥିଲା । ଶ୍ରୀ ଖଡ଼ଗେ କେବଳ କଂଗ୍ରେସ ସଭାପତି ନୁହଁନ୍ତି ସେ ରାଜ୍ୟସଭାର ବିରୋଧି ଦଳର ନେତା । ଯଦି ରାଜ୍ୟସଭାର ବିରୋଧି ଦଳର ନେତାଙ୍କୁ ବିଜେପି ଏଭଳି ଅପମାନିତ କରିପାରେ ତେବେ ବିଜେପି ଶାସନରେ ଦେଶରେ ଥିବା ସାଧାରଣ ଦଳିତ ଲୋକର ଅବସ୍ଥା କ'ଣ ହେଉଥିବା ତାହା ଚିନ୍ତାର ବିଷୟ । ଏହି ଘଟଣାକୁ ନିନ୍ଦାକରି ଲୋକସଭାର ବିରୋଧିଦଳର ନେତା ରାହୁଲ ଗାନ୍ଧୀ ଶୁଦ୍ଧିକରଣ କରିଥିବା ବିଜେପି କର୍ମୀଙ୍କ ନାମରେ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଅଧିନିୟମ ଅନୁସାରେ ଏତଲା ଦରଜ କରିବାକୁ ଦାବି କରିଥିଲେ । ମାତ୍ର ଉତ୍ତରାଖଣ୍ଡର ବିଜେପି ସରକାର ବିଜେପି କର୍ମୀଙ୍କ ଦ୍ୱାରା ରାହୁଲ ଗାନ୍ଧୀଙ୍କ ନାମରେ ଓଲଟା ଏତଲା ଦରଜ କରାଇଛନ୍ତି । ରାହୁଲ ଗାନ୍ଧୀଙ୍କର ଯଥାର୍ଥ ଦାବିକୁ ଉତ୍ତରାଖଣ୍ଡର ବିଜେପି ସରକାର ଗ୍ରହଣ କରୁନାହିଁ । କାର୍ଯ୍ୟକ୍ରମରେ ସୁଦିପ ସାମଲ, ଆଲୋକ ଦାସ, ସ୍ୱାଗତ କର, ମହମ୍ମଦ ଗୁଲଫାମ, ଲକ୍ଷ୍ମୀପ୍ରିୟା ନାୟକ, ଗୋପନମାର୍ଥା, ଅଭିଜିତ ଜେନା, ସୁରଜ ବେହେରା, ବଟକୃଷ୍ଣ ରାଉତରାୟ, ବିପ୍ଳବ ଶିଳାଦିତ୍ୟ, ବିରାମ ବାରିକ, ଲିପିକା ପାତ୍ର, ଶିବ ଅଗ୍ରୱାଲ, ପ୍ରତିମ ପରିଜା, ଜାଭେଦ ଅକ୍ତାର, ବଳରାମ ନନ୍ଦ, ଚିତ୍ତରଞ୍ଜନ ନାୟକ, ନିରଞ୍ଜନ ଆଚାର୍ଯ୍ୟ, ପବିତ୍ର ସେଠୀ, ସୁନେସ ଧିର, ଶୁଭମ ଦାସ, ଅଙ୍କିତ ସାହୁ, ଅମିତ ଆହିର, ବଳରାମ ରାଉତ, ମହମ୍ମଦ ସଲାଉଦି ଓ ସରୋଜ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଅନ୍‌ଲାଇନ୍ ଟ୍ୟାକ୍ସିସଂଘ ଆନ୍ଦୋଳନ ମାମଲା

# କମିଶନରଙ୍କୁ ଭେଟିବା ପାଇଁ ପୋଲିସ ସେବା ଭବନରେ ଡ୍ରାଇଭରଙ୍କ ପରିବାର ଲୋକେ

ଭୁବନେଶ୍ୱର, (ସବ୍ୟ) : ଅନ୍‌ଲାଇନ୍ ଟ୍ୟାକ୍ସିସଂଘ ଆନ୍ଦୋଳନରେ ସାମିଲ ହୋଇ ଜେଲ୍ ଯାଇଥିବା ଡ୍ରାଇଭରଙ୍କ ପରିବାର ଲୋକେ ପୋଲିସ କମିଶନରଙ୍କୁ ଭେଟିବା ପାଇଁ ବୁଧବାର ପୋଲିସ ସେବା ଭବନକୁ ଆସିଥିଲେ । ସେମାନେ କିପରି ଦୁଃଖରେ ରହୁଛନ୍ତି ଓ ଘରେ ଚୁଲି ଜଳୁନାହିଁ ତାହା ଗଣମାଧ୍ୟମକୁ କହିଛନ୍ତି । କେଉଁ ଡ୍ରାଇଭରଙ୍କ ବାପା ତ ଆଉ କେଉଁ ଡ୍ରାଇଭରଙ୍କ ମା' ଆସିଥିବା ବେଳେ ବହୁ ଡ୍ରାଇଭରଙ୍କ ସ୍ତ୍ରୀ ଓ ପିଲା ଆସିଥିଲେ । ସେମାନଙ୍କ କହିବା କଥା ଅଟୋ ଜବତ ହେଲା । ଆମ ଲୋକ ଗିରଫ ହୋଇ ଜେଲ୍‌ରେ ରହିଲେ । ଅଟୋର କିସ୍ତି ଦେଇହେଉନାହିଁ କିମ୍ବା ଘରେ ରୋଷେଇ ଠିକ୍ ସେ ହୋଇପାରୁନାହିଁ । ଆଉ ଯେଉଁଠି ଭଡାରେ ରହୁଛୁ ଘରଭଡା ନଦେଲେ ଘର ମାଲିକ ବାହାର କରିଦେବେ । ଏହିପରି ସମସ୍ୟା କହି ଦୁଃଖରେ କାନ୍ଦୁଥିଲେ ପୋଲିସ କମିଶନରଙ୍କୁ ଭେଟିବାକୁ ଆସିଥିବା ପରିବାର ଲୋକେ । ଏପରିକି ଏହାଦ୍ୱାରା ପିଲାଙ୍କ ପାଠପଢାରେ ବ୍ୟାହତ ହେଉଛି । ଜଣେ ବୟସ୍କା ମହିଳାଙ୍କ କହିବାନୁଯାୟୀ ତାଙ୍କ ସ୍ୱାମୀ ସଂଘ ଆନ୍ଦୋଳନରେ ସାମିଲ ହେବା ପାଇଁ ସେମାନେ ୩ ହଜାର ଟଙ୍କା ଲେଖାଏଁ ନେଇଛନ୍ତି । ଟଙ୍କା ନେବା ସହ ଆନ୍ଦୋଳନରେ ସାମିଲ ହେବାକୁ ବାଧ କରିଥିଲେ ସଂଘ କର୍ମକର୍ତ୍ତା । ଆନ୍ଦୋଳନରେ ସାମିଲ ନହେଲେ ଭୁବନେଶ୍ୱରରେ ଅଟୋ ଚଳାଇପାରିବେ ନାହିଁ ବୋଲି ଧମକାଇବାରୁ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ । ଆନ୍ଦୋଳନ ବେଳେ ଯାହାସବୁ ଘଟଣା ଘଟିଲା ତାହା ଭୁଲ୍ । ସେଥିପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ, ଡ୍ରାଇଭରଙ୍କ ଉପରେ ଲାଗିଥିବା ମାମଲାକୁ ପୋଲିସ କମିଶନର ଚାହିଁଲେ କୋହଳ କରାଇ ପାରିବେ । ମାମଲା କୋହଳ ହେବା ସହ ଅଟୋ ଦିଆଗଲେ ଆମ ପରିବାର ଖାଇବାକୁ ପାଇବେ । ଭୋକ ଉପାସରେ ଯେଉଁଭଳି ଆମେ ଦିନ କାଟୁଛୁ ତାହା କହିବାକୁ କଷ୍ଟ ଲାଗୁଛି । ଆମେ ଅନୁରୋଧ କରୁଛୁ ଆମ ଲୋକମାନଙ୍କୁ ମୁକୁଳାଇବାରେ ସାହାଯ୍ୟ କରାଯାଉ ।

# ଜଟଣୀର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ

ଜଟଣୀ, (ସବ୍ୟ) : ଓଡିଶା ପ୍ରସିଦ୍ଧ ଗଣେଶ ପୂଜା ପୂର୍ବରୁ ହଜାର ହଜାର ଲୋକଙ୍କ ସମାଗମକୁ ଆଖି ଆଗରେ ରଖି ଲୋକଙ୍କ ସୁରକ୍ଷା ନିମନ୍ତେ ଯାଞ୍ଚ କରାଯାଇଥିଲା। କିଛି ପୂର୍ବ ପ୍ରସ୍ତୁତି ମିଠା ଗୁଡିକ ଖୋଲା ହୋଇ ରହିଥିବାରୁ ସେଗୁଡିକୁ ଆବଦ୍ଧ କରାଯାଇଥିଲା। ଶୁଦ୍ଧତା ଉପରେ



ଖୋର୍ଦ୍ଧା ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ବୁଧବାର ସହରର ବିଭିନ୍ନ ହୋଟେଲ, ଫାଷ୍ଟ ଫୁଡ ଦୋକାନ, ମିଠା ଦୋକାନ ଗୁଡିକରେ ଚଢ଼ାଉ କରାଯାଇ ଖାଦ୍ୟ ପ୍ରସ୍ତୁତି ଉପରେ ଯାଞ୍ଚ କରାଯାଇଥିଲା। ଏକ ଫାଷ୍ଟ ଫୁଡ ବିରିୟାନୀ ଦୋକାନରେ ବିରିୟାନୀ ପ୍ରସ୍ତୁତିରେ ବ୍ୟବହାର କେମିକାଲ ରଙ୍ଗକୁ ବାରଣ କରାଯାଇଥିଲା। କିଛି ବାସି ଖାଦ୍ୟକୁ ମଧ୍ୟ ନଷ୍ଟ କରାଯାଇଥିଲା। ସହରରେ ସର୍ବାଧିକ ମିଠା ବିକ୍ରି କରୁଥିବା କଲିକତା ସୁଇଟରେ ମଧ୍ୟ ଚଢ଼ାଉ କରାଯାଇଥିଲା। ମିଠା ପ୍ରସ୍ତୁତିକୁ କଡା କଡ଼ି ଯାଞ୍ଚ ହୋଇ ଦୋକାନୀକୁ ସେଥି ଉପରେ ଧ୍ୟାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବିଭାଗ ପକ୍ଷରୁ ଚକାଚକ ଦୋକାନ ଭିତରେ ଯାଞ୍ଚ କରାଯାଇଥିଲେ ହେଁ ପ୍ରକୃତ ପକ୍ଷେ ସେହି ଦୋକାନର ମିଠା ପ୍ରସ୍ତୁତ କେନ୍ଦ୍ରକୁ ନଯିବା ନେଇ ସାଧାରଣରେ ଆଲୋଚନା ଜୋର ଧରିଥିଲା। ଅପରପକ୍ଷ ଗଣେଶପୂଜା ପୂର୍ବରୁ ବିଭାଗ ପକ୍ଷରୁ ଲୋକ ଦେଖାଣିଆ ଭାବେ ବର୍ଷକୁ ଥରୁଟେ ଚଢ଼ାଉ କରାଯାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଫର୍ମ-୭ ର ଅପବ୍ୟବହାର ବିରୋଧରେ

# ପଦକ୍ଷେପ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡିର ଦାବି

ଭୁବନେଶ୍ୱର, (ସବ୍ୟ) : ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର୍)-୨୦୨୬ ସମୟରେ ପ୍ରକୃତ ଓ ଯୋଗ୍ୟ ଭୋଟରମାନଙ୍କ ନାମ ବାଦ୍ ଦେବା ପାଇଁ ଫର୍ମ-୭ର ଅପବ୍ୟବହାରକୁ ନେଇ ତୁରନ୍ତ କଡ଼ା ପଦକ୍ଷେପ ନେବାକୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛି ବିଜେଡି ପ୍ରତିନିଧି ମଣ୍ଡଳୀ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଏକ ସ୍ମାରକପତ୍ରରେ ବିଜେଡି ରାଜ୍ୟ ସଂଖ୍ୟାଲଘୁ ସେଲ୍ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ରିପୋର୍ଟ ଓ ଅଭିଯୋଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଛି । ପ୍ରକୃତ ଭୋଟରମାନଙ୍କ ବିରୋଧରେ, ବିଶେଷକରି ମୁସଲିମ୍, ଖ୍ରୀଷ୍ଟିଆନ୍, ବୌଦ୍ଧ ଏବଂ ଅନ୍ୟ ଯୋଗ୍ୟ ନାଗରିକଙ୍କ ବିରୋଧରେ ଫର୍ମ-୭ ଆବେଦନ ଦାଖଲ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ଆସିଥିବା ବିଜେଡି କହିଛି । ଏସ୍‌ଆଇଆର୍-୨୦୨୬ ଅଧୀନରେ ଦାବି ଓ ଆପତ୍ତି ଦାଖଲ କରିବାର ସମୟସୀମା ୧୯ ଅଗଷ୍ଟ ୨୦୨୬ରେ ଶେଷ ହୋଇଛି । ତେଣୁ ଏହାପରେ ଏସ୍‌ଆଇଆର୍ ଡ୍ରାଫ୍ଟ ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ନାମ ବାଦ ପ୍ରସ୍ତାବ ପ୍ରକ୍ରିୟାକରଣ କରାଯାଉଥିଲେ, ତାହା ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟାକୁ କଡ଼ାକଡ଼ି



ଭାବେ ପାଳନ କରିବା ଆବଶ୍ୟକ । କୌଣସି ପ୍ରକୃତ ଭୋଟରଙ୍କ ନାମ ବାଦ୍ ଦିଆଯିବା ଉଚିତ ନୁହେଁ । କୌଣସି ଭୋଟରଙ୍କୁ ନାମ ବାଦ ଦେବା ପୂର୍ବରୁ ତାଙ୍କୁ ନୋଟିସ୍ କରିବା, ନିଜ ପକ୍ଷ ରଖିବାର ସୁଯୋଗ ପ୍ରଦାନ କରାଯିବା ଆବଶ୍ୟକ । ବିଶେଷକରି ଯେଉଁ ଅଞ୍ଚଳରେ ସଂଖ୍ୟାଲଘୁ ଜନସଂଖ୍ୟା ଅଧିକ, ସେଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ), ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ), ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ବିଜେଡି ଅନୁରୋଧ କରିଛି । ୧୯ ଅଗଷ୍ଟ ପରେ ପ୍ରକ୍ରିୟାକରଣ କରାଯାଉଥିବା ଫର୍ମ-୭ ଆବେଦନ ଏବଂ ନାମ ବାଦ ପ୍ରସ୍ତାବ ଗୁଡ଼ିକର, ବିଶେଷକରି ଏସ୍‌ଆଇଆର୍-୨୦୨୬ ଭୋଟର ତାଲିକା ସମ୍ବନ୍ଧୀୟ ମାମଲାଗୁଡ଼ିକର ସ୍ୱତନ୍ତ୍ର ଯାଞ୍ଚ କରାଯାଉ । ସଂଖ୍ୟାଲଘୁ ଜନସଂଖ୍ୟା ଅଧିକ ଥିବା ଅଞ୍ଚଳଗୁଡ଼ିକରେ ନିର୍ବାଚନମଣ୍ଡଳୀୱାରୀ ଏବଂ ବୁଥୱାରୀ ଫର୍ମ-୭ର ଯାଞ୍ଚ କରାଯାଉ । ଆଇନଗତ ପ୍ରକ୍ରିୟା ଅନୁସାରେ, ଯେଉଁଠାରେ ପ୍ରକୃତ ଭୋଟରଙ୍କ ନାମ ଭୁଲ୍ ବଶତଃ ବାଦ୍ ଦିଆଯାଇଥିବା ପ୍ରମାଣିତ ହୁଏ, ସେଠାରେ ତୁରନ୍ତ ପଦକ୍ଷେପ ନିଆଯିବା ସହିତ ଫର୍ମ-୭ ଆବେଦନ, ନୋଟିସ୍, ଶୁଣାଣି ସହିତ ଅଧିକ ସ୍ୱଚ୍ଛତା ଅବଲମ୍ବନ କରିବାକୁ ବିଜେଡି ଦାବି କରିଛି । ଯେଉଁଠାରୁ ଅଭିଯୋଗ ଆସୁଛି, ସେଠାରେ ନିରପେକ୍ଷ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି କରିଛି ବିଜେଡି । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ଶେଖ ନିଜାମୁଦ୍ଦିନ, ରିଜ୍ୱାନା ବେଗମ, ଡ଼ ଲେନିନ ମହାନ୍ତି, ବିଜୟ ନାୟକ, ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ୍ ଥିଲେ ।

## ଜାତିବାଦ ବିରୋଧରେ ସ୍ୱର ଉଠାଇବାରୁ

# ରାହୁଲଙ୍କ ବିରୋଧରେ ଏଫ୍‌ଆଇଆର୍ : ଭକ୍ତ

ଭୁବନେଶ୍ୱର, (ସବ୍ୟ): ଉତ୍ତରାଖଣ୍ଡର ହାଲଦ୍ୱାନୀରେ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସାଧାରଣ ସଭାସ୍ଥଳରେ କରାଯାଇଥିବା "ଶୁଦ୍ଧୀକରଣ' ରୀତିନୀତି ସମ୍ପର୍କରେ ତାଙ୍କ ମନ୍ତବ୍ୟକୁ ନେଇ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏତଲା ରୁଜୁ ହେବା ଘଟଣାକୁ ନେଇ ବିଜେପି ଉପରେ ବର୍ଷିଛନ୍ତି ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ । ଶ୍ରୀ ଦାସ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଗଣତାନ୍ତ୍ରିକ ଓ ଆଇନଗତ ଉପାୟରେ ଜାତିଭିତ୍ତିକ ଭେଦଭାବ ବିରୋଧରେ କଂଗ୍ରେସ ସବୁବେଳେ ସଂଗ୍ରାମ କରି ଆସିଛି ଏବଂ ଏହା ଆଗକୁ ଜାରି ରହିବ । ସେ ଅଭିଯୋଗ କରିଛନ୍ତି ଯେ ଶୁଦ୍ଧୀକରଣକୁ ନେଇ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇବା ପରେ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି । ଶ୍ରୀ ଦାସ କହିଛନ୍ତି ଯେ ଶୁଦ୍ଧୀକରଣକୁ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇବା ପରେ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି । କିନ୍ତୁ ଶୁଦ୍ଧୀକରଣ କରିଥିବା ଲୋକଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇନାହିଁ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସାଧାରଣ ସଭା ପରେ "ଶୁଦ୍ଧୀକରଣ' ରୀତି କରିଥିବା ଲୋକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ,କିନ୍ତୁ ସେହି ଜାତିବାଦୀ କାର୍ଯ୍ୟ ବିରୋଧରେ ସ୍ୱର ଉଠାଇଥିବା ବିରୋଧୀ ଦଳର ନେତାଙ୍କ ବିରୋଧରେ କାହିଁକି ଏଫଆଇଆର ରୁଜୁ ହୋଇଛି ବୋଲି ଶ୍ରୀ ଦାସ ପ୍ରଶ୍ନ ଉଠାଇଛନ୍ତି ।

# ଗଡ଼ତାପଙ୍ଗ ଦଳବେହେରାଙ୍କ ୨୫୬ ତମ ଜୟନ୍ତୀ ଉତ୍ସବ

ନିଜିଗଡ ତାପଙ୍ଗ (ଖୋର୍ଦ୍ଧା) (ସବ୍ୟ) : ଐତିହାସିକ ସଂଗ୍ରାମୀ ଦାନବିର ଦଳବେହେରା ସାମନ୍ତ ମାଧବ ଚନ୍ଦ୍ର ରାଉତରାୟ ଙ୍କ ୨୫୬ ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ସହିଦ ସ୍ମୃତି ପୀଠ ରେ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ପକ୍ଷରୁ ଶିକ୍ଷାବିତ ଓ ସମାଜସେବୀ ରମେଶ ଚନ୍ଦ୍ର ପାତାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି। ପୂର୍ବାହ୍ନ ,ଆଠ ଘଟିକା ସମୟ ରେ ଦଳବେହେରାଙ୍କ ପଣ ନାତି ଅଜିତ କୁମାର ରାଉତରାୟଙ୍କ ଦ୍ୱାରା ପ୍ରତିମୂର୍ତ୍ତିଙ୍କୁ ସ୍ନାନାଦି ତର୍ପଣ ଓ ବେଶ ପରିପାଟୀ ,ସାଜସଜ୍ଜା କରାଯାଇ କୂଳ ଦେବୀ ମା ହସ୍ତେଶ୍ୱରିଙ୍କୁ ଅର୍ଘ୍ୟ ପ୍ରଦାନ, ଦୀପ, ଧୂପ ଆଦି ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସମର କଳା ଗୌରବ ଗୁରୁ ଓ ଶିକ୍ଷାବିତ କେଦାର ଦାସ , ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ବିଭୁ ଦତ୍ତ ସଂଗ୍ରାମ ସିଂହ ,



କବିରାଜ ଚିନ୍ତାମଣି ନୋଡାଲ ହାଇ ସ୍କୁଲର ସେବା ନିବୃତ୍ତ ସଂସ୍କୃତ ଶିକ୍ଷକ , ଶିକ୍ଷାବିତ ହାଡିବନ୍ଧୁ ଦାସ , ବରିଷ୍ଠ ସମାଜସେବୀ ଗତି କୃଷ୍ଣ ସେଠୀ,ଗଡ ରାମଚଣ୍ଡୀର ଯୁବ ଦଳବେହେରା ସୌମ୍ୟ ରଞ୍ଜନ ହରିଚନ୍ଦନ , ପ୍ରଶାନ୍ତ କୁମାର ମହାରଥୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧା କୁସୁମାଞ୍ଜଳି ପ୍ରଦାନ ପୂର୍ବକ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସର୍ବ ଶେଷରେ ଆସନ୍ତା ଜାନୁୟାରୀ,୨୭,୨୦୨୭ ଦଳବେହେରାଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଦଳବେହେରାଙ୍କ ନେତୃତ୍ୱ ରେ ୧୮୨୭ ରେ ବ୍ରିଟିଶ ଶାସନ ବିରୋଧରେ ତାପଙ୍ଗ ଫିରିଙ୍ଗି ଯୁଦ୍ଧ ର ୨୦୦ ବର୍ଷ ସଂଗ୍ରାମୀ ଦିବସ ପୂର୍ତ୍ତି ଉପଲକ୍ଷେ ' ପାଇକ ଦରବାର ' ଆୟୋଜନ କରିବାକୁ କର୍ମକର୍ତ୍ତା ମାନେ ପ୍ରସ୍ତାବ ଗ୍ରହଣ କରିବା ସଙ୍ଗେ , ଖୋର୍ଦ୍ଧା ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଇ ପଦକ୍ଷେପ ଗ୍ରହଣ କରିବାର ନିଷ୍ପତ୍ତି ହୋଇଥିଲା। ଶେଷ ରେ ଶିକ୍ଷାବିତ ବିଭୁ ଦତ୍ତ ସଂଗ୍ରାମ ସିଂହ ଧନ୍ୟବାଦ ଦେଇ ଉତ୍ସବର ସମାପନ ଘୋଷଣା କରିଥିଲେ।

## ସିଏମ୍‌ସି ଓ ସିଡିଏରେ ମହାଘୋଟାଲା

# ଇଂ. ଅତନୁ ସାମନ୍ତଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ଦାବି କଲା ଓଜେସି

କଟକ, (ସ୍ୱପ୍ର): କଟକ ମହାନଗର ନିଗମ (ସିଏମସି) ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ରେ ହୋଇଥିବା ବ୍ୟାପକ ଆର୍ଥିକ ଅନିୟମିତତା, ଜାଲିଆତି, ମିଥ୍ୟା ବିଲ୍, ଗୁରୁତ୍ୱପୂର୍ଣ୍ଣ ସରକାରୀ ଫାଇଲ୍ ଗାଏବ ବିରୋଧରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି । ପାର୍ଟିର କଟକ ସହର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଇଞ୍ଜିନିୟର ଅତନୁ ସାମନ୍ତଙ୍କ ମହାଘୋଟାଲା ବିରୋଧରେ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ଓ ଦୃଢ଼ ଆଇନଗତ



କାର୍ଯ୍ୟାନୁଷ୍ଠାନ ପାଇଁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟତଃ ସିଏମସିର ଇଞ୍ଜିନିୟର ତଥା ସିଡିଏର ଇଞ୍ଜିନିୟରିଂ ସଭ୍ୟ ଅତନୁ ସାମନ୍ତ ଓ ତାଙ୍କ ପ୍ରଶାସନିକ ସହଯୋଗୀମାନେ ନିୟମାବଳୀକୁ ଉଲ୍ଲଂଘନ କରି କୋଟିକୋଟି ଟଙ୍କାର ସରକାରୀ ପାଣ୍ଠି ଏବଂ ଜନସାଧାରଣଙ୍କ ଟିକସ ଅର୍ଥ ଆତ୍ମସାତ କରିଛନ୍ତି । ଏହି ଦୁର୍ନୀତି ମଧ୍ୟରେ ଅର୍ବାନ ହାଟ ପ୍ରକଳ୍ପର ମୂଳ ସରକାରୀ ଫାଇଲ୍ ଗାଏବ କରିବା, ପାର୍କରେ ଓପନ ଜିମ୍ ନଲଗାଇ କାଉନସିଲ୍ ବିନା ଅନୁମୋଦନରେ ୫ କୋଟି ଟଙ୍କା ଉଠାଇବା, ପୋଖରୀ ଓ ପାର୍କ ସୌନ୍ଦର୍ଯ୍ୟାକରଣ ତଥା ପ୍ରବାସୀ ଭାରତୀୟ ଦିବସ ସୌନ୍ଦର୍ଯ୍ୟାକରଣ ନାମରେ ଅର୍ଥ ହରିଲୁଟ୍ । ସେହିପରି ମୌସୁମୀ ପୂର୍ବରୁ ଡ୍ରେନରୁ ପଙ୍କୋଦ୍ଧାର ନକରି କୋଟିକୋଟି ଟଙ୍କାର ଜାଲ୍ ବିଲ୍ କରାଯିବା ଫଳରେ ସହରବାସୀ କୃତ୍ରିମ ବନ୍ୟାର ଶିକାର ହୋଇଥିଲେ । ଏହା ସହିତ ସରକାରୀ ବଦଳି ନିର୍ଦ୍ଦେଶ ସତ୍ତ୍ୱେ ଅତନୁ ସାମନ୍ତଙ୍କ ପାଇଁ ନିୟମ ବର୍ହିଭୂତ ଭାବେ ଅଧୀକ୍ଷଣ ଯନ୍ତ୍ରୀ (ଏସଇ) ପଦବୀ ସୃଷ୍ଟି କରି ରଖାଯିବା, ସତୀଚୌରା ଡମ୍ପିଂୟାର୍ଡରୁ ଆବର୍ଜନା ପରିବହନରେ ମିଥ୍ୟା ଗାଡ଼ି ନମ୍ବର ଦେଇ ଫର୍ଜି ବିଲ୍ ପ୍ରସ୍ତୁତି, ମଶା ତେଲ ଓ ଫଗିଂ କେମିକାଲ୍ କିଣାରେ ବ୍ୟାପକ ସ୍କାମ୍ ଏବଂ ରାସ୍ତା ନିର୍ମାଣ ଓ ଏଲଇଡି ଲାଇଟ୍ ଲଗାଇବା ନାମରେ ହୋଇଥିବା କୋଟିକୋଟି ଟଙ୍କାର ଆର୍ଥିକ ହେରଫେର ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି । ଏହି ମହାଘୋଟାଲା ବିରୋଧରେ ତୁରନ୍ତ ଫୌଜଦାରୀ ମାମଲା ରୁଜୁ କରିବା, ସମ୍ପୃକ୍ତ ଇଞ୍ଜିନିୟରଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଚଢ଼ାଉ କରି ଆୟବର୍ହିଭୂତ ସମ୍ପତ୍ତିର ହିସାବ ନେବା, ଗୁରୁତ୍ୱପୂର୍ଣ୍ଣ ଫାଇଲ ଗୁଡ଼ିକର ଫୋରେନ୍ସିକ୍ ଅଡିଟ୍ କରିବା ଏବଂ ତଦନ୍ତ ଚାଲୁଥିବା ଯାଏଁ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ଯଦି ଭିଜିଲାନ୍ସ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ, ତେବେ କଟକବାସୀଙ୍କୁ ସାଙ୍ଗରେ ନେଇ ଭିଜିଲାନ୍ସ ମୁଖ୍ୟାଳୟ ସମ୍ମୁଖରେ ଗଣ-ଧାରଣା ଓ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ବାରିପଦାରେ ୩ ପାନୀୟଜଳ କିଓସ୍କ ଉଦ୍‌ଘାଟିତ

# ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ସରକାରଙ୍କ ସର୍ବାଧିକ ଗୁରୁତ୍ୱ : ମନ୍ତ୍ରୀ

ବାରିପଦା, (ସବ୍ୟ): ବାରିପଦା ସହରବାସୀ ଓ ଯାତାୟାତ କରୁଥିବା ଲୋକଙ୍କୁ ସହଜରେ ବିଶୁଦ୍ଧ ଓ ଗୁଣାତ୍ମକ ପାନୀୟଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ସହରର ୩ଟି ପ୍ରମୁଖ ସ୍ଥାନରେ ପାନୀୟଜଳ କିଓସ୍କ ଉଦଘାଟିତ ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କିଓସ୍କ ଗୁଡ଼ିକୁ ଲୋକାର୍ପଣ କରିବା ସହ ନିଜେ ପାଣି ପିଇ ଏହାର ଶୁଭାରମ୍ଭ କରିଥିଲେ । ଏହି କିଓସ୍କ ଗୁଡ଼ିକ ବସ୍‌ଷ୍ଟାଣ୍ଡ ନିକଟ, ମାଆମ୍ବିକା ପମ୍ପ ହାଉସ୍ ପରିସର ଏବଂ ଝୁବୁଲୀ ବନ୍ଧ ନିକଟରେ ସ୍ଥାପିତ ହୋଇଛି । ଏହାଦ୍ୱାରା ଯାତ୍ରୀ, ପଥଚାରୀ ଓ ସ୍ଥାନୀୟ ବାସିନ୍ଦା ସୁବିଧାରେ ବିଶୁଦ୍ଧ ପାନୀୟଜଳ ପାଇପାରିବେ ।



ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ ଯେ, ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ବିଶେଷକରି ଗ୍ରୀଷ୍ମ ଋତୁରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥାନରେ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ପରେ ମନ୍ତ୍ରୀ ମାଆମ୍ବିକା ପମ୍ପ ହାଉସ୍ ପରିଦର୍ଶନ କରି ପାନୀୟଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଜଳର ଗୁଣବତ୍ତା ପରୀକ୍ଷା ଓ ଲାବୋରେଟୋରୀ ଟେଷ୍ଟିଂ ସମ୍ପର୍କରେ ସେ ତଦାରଖ କରିଥିଲେ । ବାରିପଦା ସହରର କେତେକ ଅଞ୍ଚଳରେ ୨୪ଘଣ୍ଟା ଜଳ ଯୋଗାଣ ବ୍ୟବସ୍ଥା ଚାଲୁ ରହିଥିବା ବେଳେ ଅନ୍ୟ ଅଞ୍ଚଳରେ ଶୀଘ୍ର ନିରବଚ୍ଛିନ୍ନ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ୱାଟକୋର ଜେନେରାଲ ମ୍ୟାନେଜରଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସହରର ଭବିଷ୍ୟତ ଜଳ ଆବଶ୍ୟକତାକୁ ଆକଳନ କରି ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି, ଗୁଣାତ୍ମକ ଜଳ ଯୋଗାଣ ଓ ନିରବଚ୍ଛିନ୍ନ ସେବାକୁ ପ୍ରାଥମିକତା ଦେଇ ଜଳ ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ ବୋଲି ମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ସମେତ ବାରିପଦା ପୌରପାଳିକାର ଅଧିକାରୀ, ୱାଟକୋ ଜେନେରାଲ ମ୍ୟାନେଜର ଗୁଲଶନ କୁମାର ସାହୁ, ମ୍ୟାନେଜର ବିପିନ ବିହାରୀ ଦାସ, ଆସିଷ୍ଟାଣ୍ଟ ମ୍ୟାନେଜର ବି.କେ. ସାହୁ, ସୁପ୍ରିତ ଦାସ, ପ୍ରଭାକର ସିଂହ, ଜଳସାଥୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ଐତିହାସିକ ରାଜବାଟିର ଦୟନୀୟ ସ୍ଥିତି

# ୭ରେ ହରତାଳ ଚେତାବନୀ : ଭଞ୍ଜସେନା

ବାରିପଦା, (ସବ୍ୟ) : ବାରିପଦାସ୍ଥିତ ମୟୂରଭଞ୍ଜ ମହାରାଜାଙ୍କ ଐତିହାସିକ ରାଜପ୍ରାସାଦ ପରିସରରେ ଚାଲିଥିବା ଏମ୍‌ପିସି ଜୁନିୟର କଲେଜର ଦୟନୀୟ ପରିବେଶକୁ ନେଇ ଭଞ୍ଜସେନା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ପାଣି ଝରିବା, ଭଗ୍ନାବଶେଷ, ଗଛଲତା, ଜଳ ଜମିବା ସହ ବିଷାକ୍ତ ସର୍ପର ଭୟ ମଧ୍ୟରେ ଛାତ୍ରଛାତ୍ରୀ ପାଠ ପଢୁଥିବା ଅଭିଯୋଗ ହୋଇଛି । ଏହି ସମସ୍ୟାର ତୁରନ୍ତ ସମାଧାନ ସହ ରାଜପ୍ରାସାଦର ସମୟବଦ୍ଧ ପୁନରୁଦ୍ଧାର ଓ ସଂରକ୍ଷଣ ଦାବି କରି ଭଞ୍ଜସେନା ପ୍ରତିଷ୍ଠାତା ତଥା ଏମ୍‌ପିସି କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି କଳିଙ୍ଗ କେଶରୀ ଜେନା ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ୍ସ ଓ ଇ-ମେଲ୍ ଯୋଗେ ଦାବି ଜଣାଇଥିଲେ । ତେବେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନଥିବା ଭଞ୍ଜସେନା ପକ୍ଷରୁ କୁହାଯାଇଛି ।



ଏହି ପରିପ୍ରେକ୍ଷୀରେ ଭଞ୍ଜସେନା ଛାତ୍ର ଶାଖାର ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟିଙ୍କ ଉପସ୍ଥିତିରେ ଏମପିସି ଜୁନିୟର କଲେଜ ଅଧ୍ୟକ୍ଷଙ୍କୁ ଭେଟିଥିଲେ । ରାଜବାଟି ପରିସରକୁ ସଫାସୁତରା କରିବା ପାଇଁ ସଂଗଠନ ପକ୍ଷରୁ ଆବଶ୍ୟକ ଅର୍ଥ ବ୍ୟୟ କରିବାକୁ ଅନୁମତି ମାଗିଥିଲେ । ତେବେ ଆଗାମୀ ୩ଦିନ ମଧ୍ୟରେ କଲେଜ ପକ୍ଷରୁ ସମସ୍ତ ଆବଶ୍ୟକ ସଫେଇ କାର୍ଯ୍ୟ କରାଯିବ ବୋଲି ଅଧକ୍ଷ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ଏଥିରେ ପ୍ରତିନିଧି ଦଳ ଆଂଶିକ ସନ୍ତୁଷ୍ଟ ହୋଇ ଫେରିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନହେଲେ ଆସନ୍ତା ସେପଟେମ୍ବର ୭ତାରିଖ ସୋମବାର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାବିରେ ଏମ୍‌ପିସି କଲେଜ ସମ୍ମୁଖ ରାସ୍ତାରେ ବସି ହରତାଳ କରାଯିବ ବୋଲି ଭଞ୍ଜସେନା ଜିଲ୍ଲା ଛାତ୍ର ଶାଖା ସଭାପତି ଦୀପକ ବେହେରା ସୂଚନା ଦେଇଛନ୍ତି । ପ୍ରତିନିଧି ଦଳରେ ଛାତ୍ର ଉପସଭାପତି ରୁଦ୍ର ପଟ୍ଟନାୟକଙ୍କ ସମେତ ହ୍‌ରିତିକ୍ ନାଥ, ଦିବ୍ୟଜ୍ୟୋତି ଦାସ, ପଙ୍କଜ ପରିଡା, ପଦ୍ମଲୋଚନ ମୁଖି, ଆନନ୍ଦ ପରିଡା, ବିଶ୍ୱଜିତ୍ ନାଥ, ଶୁଭେନ୍ଦୁ ଭକ୍ତା, ଗୋପାଳ ସିଂ ଓ ଦେବଜ୍ୟୋତି ନାଥ ପ୍ରମୁଖ ଛାତ୍ର ନେତା ସାମିଲ ଥିଲେ ବୋଲି ଭଞ୍ଜସେନା ପକ୍ଷରୁ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଯାଇଛି ।

# ଏମକେସିଜି ଭେଷଜ ମହାବିଦ୍ୟାଳୟ ଛାତ୍ର ନିଖୋଜ

ବ୍ରହ୍ମପୁର, (ସବ୍ୟ) : ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ଭେଷଜ ମହାବିଦ୍ୟାଳୟର ଜଣେ ଛାତ୍ର ନିଖୋଜ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି ।

ସୂଚନା କ୍ରମେ ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ କପାଳି ଗ୍ରାମର ସାଗର ସାହୁ (୨୧) ଅଗଷ୍ଟ ୩୧ ରୁ ନିଖୋଜ ହୋଇଯାଇଛନ୍ତି । ଗତ ରବିବାର ଦିନ ତାଙ୍କ ମୋବାଇଲ ଫୋନ ବ୍ରହ୍ମପୁର ରେଳ ଷ୍ଟେସନ ପ୍ରଥମ ପ୍ଲାଟଫର୍ମରୁ ମିଳିଛି । ଏମବିବିଏସ ପ୍ରଥମ ବର୍ଷ ଛାତ୍ର ସାଗର ବିନା କୋଚିଂରେ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମକେସିଜିରେ ନାମ ଲେଖାଇ ଥିଲେ । ସେ ପ୍ରଥମ ବର୍ଷର ପଢୁଥିବା ମାମୁଁ କୁଳମନି ସାହୁ ସୂଚନା ଦେଇଛନ୍ତି । ସାଗରଙ୍କ ନିଖୋଜ ନେଇ ବିଏନପୁର ଥାନା ଓ ଜିଆରପି ଥାନା ଷ୍ଟେସନ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ଅନ୍ୟପକ୍ଷେ ସାଗର ପଶ୍ଚିମବଙ୍ଗ ଖଡଗପୁର ଠାରେ ଥିବା ଚିହ୍ନଟ ହୋଇଥିବା ପରିବାର ଲୋକଙ୍କୁ ଜଣେ ବ୍ୟକ୍ତି ଯୋଗାଯୋଗ କରିଥିବା ସାଗରଙ୍କ ଅଭିଭାବକ କହିଛନ୍ତି ।

# ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ୧୯ ଶିଶୁଙ୍କ ମୁମ୍ବାଇ ଯାତ୍ରା

ବ୍ରହ୍ମପୁର, (ସବ୍ୟ) : ନୂତନ ଜୀବନ ପ୍ରଦାନ କରୁଛି ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ (ଆରବିଏସକେୱାଇ) କାର୍ଯ୍ୟକ୍ରମ । ଜଟିଳ ହୃଦରୋଗ ଅସ୍ତ୍ରୋପଚାର ପାଇଁ ୧୯ ଶିଶୁ ମୁମ୍ବାଇ ଯାତ୍ରା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଜିଲ୍ଲାର ବିଭିନ୍ନ ବ୍ଲକ ତଥା ମହାନଗରରୁ ହୃତପିଣ୍ଡ ଜନିତ ସମସ୍ୟାରେ ଆକ୍ରାନ୍ତ ଥିବା ଛୁଆ ମାନଙ୍କୁ ମୁମ୍ବାଇ ସ୍ଥିତ ଏସଆରସିସି ଶିଶୁ ଡାକ୍ତରଖାନାରେ ଚିକିତ୍ସା କରାଯିବ ।

ଏହି ଶିଶୁ ମାନେ ମୁମ୍ବାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଶିଶୁଙ୍କ ଅଭିଭାବକଙ୍କ ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଦୁଇଜଣ ଆୟୁଷ ଡାକ୍ତରଙ୍କ ଦଳ ଏହି ଶିଶୁ ମାନଙ୍କ ସହ ଗସ୍ତ କରିଛନ୍ତି । ଦୁଇମାସର ଶିଶୁଙ୍କ ଠାରୁ ଆରମ୍ଭ କରି ୧୫ବର୍ଷ ପର୍ଯ୍ୟନ୍ତ ପିଲା ମାନେ ଏହି ସୂଚୀରେ ରହିଛନ୍ତି ।



ସୂଚନାନୁସାରେ ଆରବିଏସକେୱାଇ କାର୍ଯ୍ୟକ୍ରମ ଜରିଆରେ (୦-୧୮ ବର୍ଷ) ଶିଶୁମାନଙ୍କର ଜନ୍ମଗତ ତ୍ରୁଟି ଓ ବିଳମ୍ବିତ ବିକାଶଜନିତ ସମସ୍ୟାର ଉପଚାର ସହ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ୱାସ୍ଥ୍ୟ ସମସ୍ୟା, ଅକ୍ଷମତାର ସହଜ ଚିହ୍ନଟକରଣ ଓ ଆବଶ୍ୟକୀୟ ପଦକ୍ଷେପ ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିନରେ କରାଯାଉଛି ।

ଆଜି ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଡା.ବିଜୟ କୁମାର ପାଣିଗ୍ରାହୀ, ପ୍ରଶାନ୍ତ ବରାଳ, କାର୍ଯ୍ୟକ୍ରମ ସଂଯୋଜକ ଲୋପାମୁଦ୍ରା ମିଶ୍ରଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

## ସହିଦ୍ ପଡ଼ିଆ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

# ସପ୍ତମୀରେ ଧୁନୁଚି ନାଚ ପ୍ରତିଯୋଗିତା

ବାରିପଦା, (ସବ୍ୟ) : ବାରିପଦା ସହରର ସର୍ବପୁରାତନ ସହିଦ ପଡ଼ିଆ ଦୁର୍ଗାପୂଜା ଓ ସାଂସ୍କୃତିକ କମିଟିର ବାର୍ଷିକ ସାଧାରଣ ବୈଠକ ସ୍ଥାନୀୟ ସାଇ ବିନାୟକ ବିବାହ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି । ବୟୋଜ୍ୟେଷ୍ଠ ସଦସ୍ୟ ଅରୁଣ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଜିତ କୁମାର ଦଳେଇ ବିଗତ ବର୍ଷର ଆୟବ୍ୟୟର ବିବରଣୀ ପାଠ କରିଥିଲେ ।

ବୈଠକରେ ଚଳିତ ବର୍ଷ କମିଟିର ୯୩ତମ ଦୁର୍ଗାପୂଜା ସମସ୍ତ ସରକାରୀ ନିୟମ ଅନୁପାଳନ କରି ପାଳନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା । ଅଷ୍ଟମୀ ସନ୍ଧ୍ୟାରେ ଦେବୀଙ୍କ ନିକଟରେ ଧୁନୁଚି ନାଚ, ନବମୀ ସନ୍ଧ୍ୟାରେ ସାମୂହିକ ଦାଣ୍ଡିଆ ନୃତ୍ୟ ଏବଂ ଦଶମୀରେ ବିସର୍ଜନ ପରେ ମହିଳାମାନଙ୍କ ସିନ୍ଦୂର ଖେଳ ଆୟୋଜନ କରାଯିବ । ଚଳିତ ବର୍ଷର ବିଶେଷ ଆକର୍ଷଣ ଭାବେ ସପ୍ତମୀ ସନ୍ଧ୍ୟାରେ ଧୁନୁଚି ନାଚ ପ୍ରତିଯୋଗିତା ଆୟୋଜନ ପାଇଁ ସ୍ଥିର ହୋଇଛି । ବୈଠକରେ ଚଳିତ ବର୍ଷ ପାଇଁ ନୂତନ କମିଟି ଓ କର୍ମକର୍ତ୍ତା ଚୟନ କରାଯାଇଛି ।

ସଭାପତି ଭାବେ ସୌଜଳ ମୌଳିକ, କାର୍ଯ୍ୟକାରୀ ସଭାପତି ଭାବେ ଖଗେଶ୍ୱର ବଳିଆର ସିଂ, ବିରେନ୍ଦ୍ରନାଥ ସାହୁ, ଦେବବ୍ରତ ଚକ୍ରବର୍ତ୍ତୀ ଓ ପାର୍ବତୀ ବାରିକ, ସାଧାରଣ ସମ୍ପାଦକ ଅଜିତ କୁମାର ଦଳେଇ, ସହ-ସମ୍ପାଦକ ଅଭିଷେକ ଘୋଷ ଓ ସ୍ୱନ୍ଦନ ଚାଟାର୍ଜୀ, ପୂଜା ସମ୍ପାଦକ ସରୋଜ କୁମାର ବୋଷ, କୋଷାଧ୍ୟକ୍ଷ କୌଶିକ ବୋଷ, ସହ-କୋଷାଧ୍ୟକ୍ଷ ତାରାପଦ ଦତ୍ତ ଓ କ୍ଷେତ୍ରମୋହନ ବାରିକ ଏବଂ ପୂଜା ଦାୟିତ୍ୱରେ ଜୟଦେବ ବାନାର୍ଜୀଙ୍କୁ ଚୟନ କରାଯାଇଛି । ସାଂସ୍କୃତିକ ସମ୍ପାଦକ ଭାବେ ବୈକୁଣ୍ଠ ଭୁଜବଳ, ସସ୍ମିତା ଘୋଷାଲ ଓ ଗୌତମ ରାୟଙ୍କୁ ଦାୟିତ୍ୱ ଦିଆଯାଇଛି ।

ଉପଦେଷ୍ଟା ମଣ୍ଡଳୀରେ ସ୍ୱପ୍ନରଞ୍ଜନ ମହାପାତ୍ର, ଜଗଦିଶ ଦାସ, ସତ୍ୟବ୍ରତ ମହାନ୍ତି, କୌସିକ ମୁଖାର୍ଜୀ, କୃଷ୍ଣଚନ୍ଦ୍ର ମହାନ୍ତି, ଜୟନ କୁମାର ପଣ୍ଡା, ମୁନ୍‌ମୁନ୍ କର୍ମକାର, ମାନସି ସାନିଆଲ, ସମ୍ପା ମଜୁନ୍ଦାର, ମହେଶ୍ୱର ସାହୁ, କ୍ଷୀରଦ କୁମାର ପାତ୍ର, ପ୍ରହଲ୍ଲାଦ ନାଏକ, ବୈଦନାଥ ମିଶ୍ର, ସୁଧାଂଶୁ ଶେଖର ଜେନା ଓ ପ୍ରଣବ ଦେଙ୍କୁ ରଖାଯାଇଛି । ବୈଠକରେ ସୌମେନ କାନ୍ତ ମହାନ୍ତି, ଅଞ୍ଜନ ଚାଟାର୍ଜୀ, କଲଲ ମୁଖାର୍ଜୀ ଓ ଅମିତ ବିଶ୍ୱାସଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ଆଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା

ବୁଗୁଡା, (ସବ୍ୟ) : ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଅଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡ଼ା ଏନଏସି, ତାଳସାକର ଓ ଗୋଲିଆ ଆଦି ୩ଟି କ୍ଲଷ୍ଟର ଅନ୍ତର୍ଗତ ୧୩ଟି ଶିକ୍ଷାନୁଷ୍ଠାନର ମୋଟ ୨୮୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ୧୪ ବର୍ଷରୁ କମ୍ ବର୍ଗର ୯୩ ଜଣ ଏବଂ ୧୭ ବର୍ଷରୁ କମ୍ ବର୍ଗର ୧୯୪ ଜଣ ପ୍ରତିଯୋଗୀ ରହିଥିଲେ । ବୁଗୁଡ଼ା ବ୍ଲକ ବିଦ୍ୟାଳୟ କ୍ରୀଡା ସଂଗଠନ ପକ୍ଷରୁ ଆୟୋଜିତ ଉକ୍ତ ଦ୍ୱିଦିବସୀୟ କ୍ରୀଡା ପ୍ରତିଯୋଗିତାର ଉଦଘାଟନ ଉତ୍ସବରେ ପିପୁଲ୍ସ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ଦାସ ଅଧକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଭାମଶ୍ୟାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ନାଗେଶ୍ୱର ରାଓ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବୁଗୁଡା ମିଡିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ ।

ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ଏବଂ ପ୍ରତିଯୋଗୀଙ୍କ ସାମୁହିକ ଶପଥ ଗ୍ରହଣ ପରେ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଗୌଡ, ଅମୀୟ ରଞ୍ଜନ ଭୂୟାଁ, ସତ୍ୟଶ୍ରୀ ଜେନା, ବିନୋଦ ବେହେରା, ଲକ୍ଷ୍ମଣ ବେହେରା, ଆକାଶ ପ୍ରଧାନ ଓ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ମହାନ୍ତ ପ୍ରମୁଖ ଦୌଡ, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ୍ ଥ୍ରୋ, ସଟପୁଟ୍ ଥ୍ରୋ, ଜଭଲିନ୍ ଥ୍ରୋ, ବ୍ୟାଡମିଣ୍ଟନ, ଭଲିବଲ, କ୍ରିକେଟ, ଖୋ-ଖୋ, କବାଡି, ଯୋଗାସନ ଆଦି ପ୍ରତିଯୋଗିତା ଗୁଡିକୁ ପରିଚାଳନା କରି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ବ୍ଲକ କ୍ରୀଡା ସଂଗଠନ ସମ୍ପାଦକ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି କିରଣ ବାଳା ତ୍ରିପାଠୀ ଓ ସୁନିତା ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।

# ପଦ୍ମିନୀ କେୟାରରେ ୪ ମଡୁଲାର ଓଟି ଉଦ୍‌ଘାଟିତ



କଟକ, (ସ୍ୱପ୍ର): ପଦ୍ମିନୀ କେୟାର ମଲ୍‌ଟି ସ୍ପେସିଆଲିଟି ହସ୍‌ପିଟାଲରେ ୪ଟି ଅତ୍ୟାଧୁନିକ ଅସ୍ତ୍ରୋପଚାର ପ୍ରକୋଷ୍ଠ (ମଡୁଲାର ଓଟି) ଉଦଘାଟିତ ହୋଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଟି ଗୁଡିକୁ ଲୋକାର୍ପଣ କରିବା ସହିତ ଏହି ଅତ୍ୟାଧୁନିକ ଓ ସଂକ୍ରମଣ ମୁକ୍ତ ଅସ୍ତ୍ରୋପଚାର କକ୍ଷ ପ୍ରତିଷ୍ଠା ଦ୍ୱାରା ରୋଗୀ ଚିକିତ୍ସା ଅଧିକ ସୁରକ୍ଷିତ ଓ ଫଳପ୍ରଦ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଡାକ୍ତର ଓ କର୍ମଚାରୀଙ୍କୁ ନିଷ୍ଠାପର ଓ ଉତ୍ସର୍ଗୀକୃତ ସେବା ପାଇଁ କୃତଜ୍ଞତା ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍‌ସ ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ଚଂଜନ କୁମାର ଦାସ, ପ୍ରଫେସର ଡା. ମାୟା ପାଢୀ, ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ଚିତ୍ତ ପ୍ରସାଦ ଦାସ, ଡା. ପ୍ରମୋଦ କୁମାର ମିଶ୍ର, ଡା. ସରୋଜ କୁମାର ସେଠୀ, ଡା. ଦୈତାରୀ ରାଉତରାୟ, ଡା. ବିପ୍ଲବୀ ସାରଙ୍ଗଧର ଦାସଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର, କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ । ହସ୍‌ପିଟାଲର ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ମୁଖାର୍ଜୀ ଉତ୍ସବରେ ପୌରୋହିତ୍ୟ କରି ଓଟି ଗୁଡିକରେ ଉପଲବ୍ଧ ଅତ୍ୟାଧୁନିକ ସୁବିଧା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ସାରଦା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନିଶାମୁକ୍ତ ଓଡ଼ିଶା ଅଭିଯାନ

ବ୍ରହ୍ମପୁର, (ସବ୍ୟ) : ନିଶାମୁକ୍ତ ଓଡ଼ିଶା ଅଭିଯାନ ପରିପ୍ରେକ୍ଷୀରେ ବ୍ରହ୍ମପୁର ଜିଆରପି ଥାନା କର୍ମଚାରୀମାନଙ୍କ ଦ୍ୱାରା ବ୍ରହ୍ମପୁର ରେଳ ଷ୍ଟେସନ ପରିସରରେ ଥିବା ରେଲୱେ ଅପର ପ୍ରାଇମେରୀ ସ୍କୁଲ ଏବଂ ନିକଟସ୍ଥ ଏକ ଇଂଲିଶ ମିଡିୟମ ସ୍କୁଲରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।



ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଜିଆରପି, ଆରପିଏଫ ଏବଂ ଅନ୍ୟ ରେଳ କର୍ମଚାରୀମାନେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ନିଶା ଦ୍ରବ୍ୟର କୁପ୍ରଭାବ, ଏହା ଦ୍ୱାରା ହେଉଥିବା ଶାରୀରିକ ଓ ମାନସିକ କ୍ଷତି ଏବଂ ପରିବାର ଓ ସମାଜ ଉପରେ ଏହାର ଖରାପ ପ୍ରଭାବ ବିଷୟରେ ସଚେତନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା ଏବଂ ନିଜ ପରିବାର ଓ ସମାଜକୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରାଯାଇଥିଲା ।

# ମୋବାଇଲ୍ ଚୋରି କରି ୨ ଗିରଫ

ବ୍ରହ୍ମପୁର, (ସବ୍ୟ) : ଟ୍ରେନ ଯାତ୍ରୀଙ୍କ ମୋବାଇଲ ଚୋରି ଘଟଣାରେ ସରକାରୀ ରେଳବାଇ ପୋଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ଭେଙ୍କଟ ରେଡ୍ଡୀ ଓ ରମେଶ ପାତ୍ର । ପୋଲିସ ସେମାନଙ୍କ ନିକଟରୁ ଚୋରି କରି ନେଇଥିବା ମୋବାଇଲ ଜବତ କରିଛି । ପୋଲିସ ଦୁଇଟି ଦାମୀ ମୋବାଇଲ ଜବତ କରିଥିବା କହିଛି । ମାମଲା ନଂ ୧୦୬/୨୬ ରେ ଆଜି କୋର୍ଟ ଚାଲାଣ କରିଛି ।

ଘଟଣାରୁ ପ୍ରକାଶ ଯେ ଗତ ୩୦ ତାରିଖ ବଡ଼ି ଭୋର ୪ଟାରେ ଲାଞ୍ଜିପାଲି ଚଣ୍ଡୀମନ୍ଦିରର ଜିତେନ ମୁଳି ସୁରଟରେ କାମ କରିବା ପାଇଁ ବ୍ରହ୍ମପୁର ରେଳ ଷ୍ଟେସନକୁ ଆସିଥିଲେ । ଟ୍ରେନ୍ ଧରିବାରେ ବିଳମ୍ବ ହେବାରୁ ଟ୍ରେନ୍ ଛାଡ଼ିଯାଇଥିଲା ଏବଂ ସେ ଷ୍ଟେସନ୍ ପରିସରରେ ଶୋଇ ପଡ଼ିଥିଲେ । ଏହି ସମୟରେ ଦୁଇଜଣ ଯୁବକ ତାଙ୍କ ନିକଟରେ ବସିଥିଲେ । ଉକ୍ତ ଜିତେନ୍ ଘୋର ନିଦରେ ଶୋଇଥିବା ଦେଖି ଉକ୍ତ ଦୁଇଯୁବକ ତାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍ ଓ ମନିପର୍ସ ଚୋରି କରି ନେଇଯାଇଥିଲେ । ଜିତେନ୍‌ଙ୍କ ନିଦ ଭାଙ୍ଗିବା ପରେ ତାଙ୍କ ମୋବିଆଲ ଓ ପର୍ସ ଗାୟବ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ପରେ ସେ ଏନେଇ ଜିଆରପି ଥାନାରେ ଅଭିଯୋଗ କରିଥିଲେ ।

ପୋଲିସ ଘଟଣାର ତଦନ୍ତ ବେଳେ ଷ୍ଟେସନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ପରେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଥିଲା ବୋଲି ସୂଚନା ଦେଇଛି ।

# କେନାଲରେ ଭାସିଯାଇ ବୃଦ୍ଧ ମୃତ

ଧରାକୋଟ, (ସବ୍ୟ) : ଧରାକୋଟ ଥାନା ଅନ୍ତର୍ଗତ କୁସରାବ ଗ୍ରାମର କହ୍ନେଇ ମହାରଣାଙ୍କ ପୁଅ ଭୂଷଣ ମହାରଣା ( ୭୧) ନିକଟସ୍ଥ ଋଷିକୁଲ୍ୟା ମୁଖ୍ୟ କେନାଲ କୁ ଗାଧୋଇବା ପାଇଁ ଯାଇଥିବା ବେଳେ ଅସାବଧାନତା କାରଣରୁ ଗୋଡ ଖସି ଯିବାରୁ ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି । କୁସରାବ ଗାଁ ନିକଟରୁ ଭୂଷଣ ମହାରଣା ଭାସିଯିବା ପରେ ପ୍ରାୟ ଦୁଇ କିମି ପରେ ତାଙ୍କ ଶବକୁ ଧରାକୋଟ ଅଗ୍ନିଶମ ବିଭାଗ ଓ ପୁଲିସ ତରଫରୁ ଉଦ୍ଧାର କରାଯାଇଥିଲା । ଧରାକୋଟ ପୋଲିସ ୧୨/୨୬ ପ୍ରକାରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ରାଷ୍ଟ୍ରୀୟ ଡ୍ରାଇଭର ଦିବସ

ଧରାକୋଟ, (ସବ୍ୟ) : ଧରାକୋଟ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ନିକଟସ୍ଥ ମୁକ୍ତେଶ୍ୱର ମନ୍ଦିର ପରିସରରେ ପାଳନ ହୋଇଯାଇଛି । ସଭାପତି ସୁରେଶ କୁମାର ସିଂହଙ୍କ ପୌରୋହିତ୍ୟରେ ଉପ ସଭାପତି ସୁରେଶ ଚନ୍ଦ୍ର ଗୌଡ ଓ ଉପଦେଷ୍ଟା ଏନ କଂଗ୍ରେସ ରେଡ୍ଡୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଠର ଗୋଟି ପଞ୍ଚାୟତର କମିଟି ଓ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ସଂଘ ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟ ପଦ୍ଧତି ପାଇଁ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଓ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଦାଉରୁ ଉଦ୍ଧାର, ପାଣି ଭିତରୁ ଉଦ୍ଧାର, ଦୁର୍ଘଟଣା ଶିକାର ଲୋକଙ୍କୁ ତତ୍କାଳ ସହଯୋଗ ସମ୍ପର୍କୀୟ ଡେମୋ ପ୍ରଦର୍ଶନ କରାଯାଇଥିଲା । ସଂଘ ପକ୍ଷରୁ ଟ୍ରାଫିକ ନିୟମ, ନିଶା ନିବାରଣ, ସାଧାରଣ ଜନତାଙ୍କୁ ସମ୍ମାନ ଦେବା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା ।

# ଜୁବୁଲି ଲାଇବ୍ରେରୀରେ ଶତାୟୁ ବିନ୍ଧାଣୀ ପୂର୍ଣ୍ଣଚନ୍ଦ୍ର ସ୍ମରଣିକା ପ୍ରଦାନ ସମାରୋହ

ବାରିପଦା, (ସବ୍ୟ) : ଐତିହ୍ୟର ଗନ୍ତାଘର ଓ ଜ୍ଞାନର ଭଣ୍ଡାର ଜୁବୁଲି ଲାଇବ୍ରେରୀ (ଶ୍ରୀରାମଚନ୍ଦ୍ର ପାଠାଗାର) ପରିସରରେ ଫଟୋଗ୍ରାଫି ଜଗତର କିମ୍ବଦନ୍ତୀ ଶତାୟୁ ପୁରୁଷ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ୧୦୨ତମ ଜୟନ୍ତୀ ଅବସରରେ ଚେତନାର ପଥେ ପଞ୍ଚକୋଷ ଅନୁଷ୍ଠାନ ପକ୍ଷରୁ ଗବେଷଣା ଭିତ୍ତିକ ସଚିତ୍ର ସ୍ମରଣିକା ଶତାୟୁ ବିନ୍ଧାଣୀ ପୂର୍ଣ୍ଣଚନ୍ଦ୍ର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ବିଘ୍ନେଶ୍ୱର ସାହୁଙ୍କ ମୁଖ୍ୟ ସମ୍ପାଦନାରେ ସ୍ମରଣିକାଟି ପ୍ରକାଶିତ ହୋଇଛି । ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ସୁପୁତ୍ରୀ ତଥା ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ବିଶିଷ୍ଟ



ଶିକ୍ଷାବିତ୍ ଓ ପ୍ରାବନ୍ଧିକ ଡଃ ମୋହିତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା ଓ ଶିକ୍ଷାବିତ୍ ଡଃ ପୁଷ୍ପା ପାତ୍ର ଯୋଗଦେଇ ସ୍ୱର୍ଗତ ବିନ୍ଧାଣୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ବକ୍ତାମାନେ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ବହୁମୁଖୀ ପ୍ରତିଭା ଓ ଫଟୋଗ୍ରାଫି କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କ କ୍ୟାମେରା ଲେନ୍ସରେ ଓଡ଼ିଶା ଓ ବିଶେଷକରି ମୟୂରଭଞ୍ଜର ଜନଜୀବନ, କଳା, ସଂସ୍କୃତି ଓ ଐତିହ୍ୟର ଅନେକ ଦୁର୍ଲଭ ଚିତ୍ର ସ୍ଥାନ ପାଇଥିଲା । ଏଥିପାଇଁ ସେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତି ଲାଭ କରିଥିବାବେଳେ ଓଡ଼ିଶାର ପ୍ରଥମ ଫଟୋ ସାମ୍ବାଦିକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିବା ବକ୍ତାମାନେ କହିଥିଲେ । ଏଥିସହ ସେ ଜଣେ ହାସ୍ୟରସିକ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ ବୋଲି ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ସ୍ଥାପତ୍ୟକାର ମନୋଜ କୁଅଁର, ଐତିହ୍ୟ ସଂଗ୍ରାହକ ବିଭୁ ରଞ୍ଜନ ଦାସ, ଫୁଟବଲ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ମିସ୍ତ୍ରୀ, ଲାଇବ୍ରେରୀର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପଟ୍ଟନାୟକ ଓ ବଳଦେବ ଶତପଥୀ ପ୍ରମୁଖ ଉପସ୍ଥିତ ରହି ବିନ୍ଧାଣୀଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଚେତନାର ପଥେ ପଞ୍ଚକୋଷର ସହ-ପ୍ରତିଷ୍ଠାତା ମାନସ ରଞ୍ଜନ ଷଡ଼ଙ୍ଗୀ ଓ ଲାଇବ୍ରେରିଆନ କନିକା ସେନାପତି ସହଯୋଗ କରିଥିଲେ । ଶେଷରେ ଶ୍ରୀରାମଚନ୍ଦ୍ର ପାଠାଗାରର ସାଧାରଣ ସମ୍ପାଦକ ଅଶୋକ କୁମାର ବେହେରା ଏଭଳି ଏକ ମହନୀୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପଞ୍ଚକୋଷ ଅନୁଷ୍ଠାନକୁ କୃତଜ୍ଞତା ଜଣାଇବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋଲା କୁଅରୁ ହାତୀ ଛୁଆ ଉଦ୍ଧାର

ଢେଙ୍କାନାଳ ,(ସବ୍ୟ) :ଢେଙ୍କାନାଳ ବନଖଣ୍ଡ ସଦରରେଞ୍ଜ ଗଦାଶିଳା ଫରେଷ୍ଟ ସେକସନ କାଉଁରିଆପାଳ ନିକଟରେ ଥିବା ଏକ ଖୋଲା କୂଅରେ ପଡିଯାଇଥିବା ଏକ ହାତୀ ଛୁଆକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି । ସୋମବାର ରାତିରେ କାଉଁରିଆପାଳ ଗ୍ରାମ ନିକଟରେ ହାତୀ ପଲ ଚଳପ୍ରଚଳ କରୁଥିବା ବେଳେ ଏକ ହାତୀ ଛୁଆ ଏକଖୋଲା କୂଅରେ ପଡିଯାଇଥିଲା । ଗ୍ରାମବାସୀଜାଣିବା ପରେ ସଙ୍ଗେ ସଙ୍ଗେ ବନବିଭାଗକୁ ଖବର ଦେଇଥିଲେ । ଖବରପାଇ ଗଦାଶିଳା ଫରେଷ୍ଟ କର୍ମଚାରୀଙ୍କ ସହିତ ବନବିଭାଗର ଅଧିକାରୀ,ରାପିଡ ରେସପନସ ଟିମ ଘଟଣା ସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବରେ ମାଈ ହାତୀ ଛୁଆକୁ ଉଦ୍ଧାର କରିଥିଲେ । ହାତୀ ଛୁଆକୁ କୂଅରୁ ବାହାର କରିବା ପରେ ତାଙ୍କୁ ଉପସ୍ଥିତ ପ୍ରାଣୀଚିକିତ୍ସକ ମାନେ ଚିକିତ୍ସା କରିବା ସହିତ ଫାଷ୍ଟ ଏଡ ପ୍ରଦାନ କରିଥିଲେ ।ଛୁଆଟି ଭଲ ଥିବା ବେଳେ ତାକୁ ବନବିଭାଗ ନିରୀକ୍ଷଣ ଭିତରେ ରଖିଛନ୍ତି । ପ୍ରାଣୀଚିକିତ୍ସକଙ୍କ ସୂଚନାଅନୁସାରେ ତାଙ୍କୁ ଚିକିତ୍ସା କରାଯାଉଛି ।

# ସପ୍ତାହକ ଭିତରେ ନୂତନ ରାଜ୍ୟ ଜିଏସଟି କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର : ବିଧାୟକ ଆକାଶ



ବ୍ୟାସନଗର, (ଜିପ୍ର) : ଯାଜପୁର ଜିଲ୍ଲା ଟଯାକ୍ସବାର ଆସୋସିଏସନର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜ ସେବୀ ସ୍ୱର୍ଗତ ମଦନ ମୋହନ ସ୍ୱାଇଁଙ୍କ ଜୟନ୍ତୀ ଅବସରରେ ବ୍ୟାସନଗର ସଂସ୍କୃତି ଭବନରେ ସମ୍ବିଧାନ, ଆଇନର ଶାସନ, ସାମାଜିକ ନ୍ୟାୟ ଓ ଯୁବପିଢ଼ି: ବର୍ତ୍ତମାନର ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଭାପତି ବିବେକାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ମଦନ ବାବୁଙ୍କ ଭଳି ଜଣେ ବହୁମୁଖୀ ପ୍ରତିଭାର ଜନ୍ମ ଜୟନ୍ତୀ ୧୩ ବର୍ଷ ଧରି ପାଳନ କରି ଆସୁଥିବାରୁ ଟ୍ୟାକ୍ସ ବାରର ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ । ସେ ତାଙ୍କର ଜୀବନୀ ଜଣେ ବ୍ୟବସାୟୀ, ବ୍ୟାସନଗର ମ୍ୟୁନିସିପାଲିଟିର କାଉନସିଲର, ବଣିକ ସଙ୍ଘ ସଂପାଦକ, ଉତ୍ତମ ଖେଳାଳି ହେଇ ଯାଜପୁର ରୋଡ ଆଥେଲେଟିକ ଆସୋସିଏସନ୍ ର କାର୍ଯ୍ୟକର୍ତ୍ତା ବିଶେଷ କରି ଯାଜପୁର ରୋଡରେ କୋର୍ଟ ପ୍ରତିଷ୍ଠା କରିବାରେ ପ୍ରମୁଖଭୂମିକା ଥିଲା ବୋଲି ଶ୍ରୀଯୁକ୍ତ ନାୟକ ପ୍ରକାଶ କରିଥିଲେ ।

ଆଲୋଚନାର ବିଷୟ ବସ୍ତୁ ଉପରେ ଆଲୋକ ପାତ କରି ଯୁବ ଛାତ୍ର ପିଢ଼ି ହିଁ ସମାଜ ତଥା ଦେଶର ଭବିଷ୍ୟତ ପ୍ରକୃତରେ ସେଇମନେ ହିଁ ସମ୍ବିଧାନ ଓ ଗଣତନ୍ତ୍ର ର ରକ୍ଷକ । ଯୁବ ପିଢ଼ିଙ୍କ ଅସୁବିଧା ଓ ସମସ୍ୟାଙ୍କୁ ବୁଝି ତାର ନିରାକରଣ ସହିତ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ଅଗ୍ରାଧିକାର ଦେବା ହେଲେ ସେମାନେ ଉଚିତ୍ ପଥରେ ଯାଇ ରାଜ୍ୟ ତଥା ଦେଶର ବିକାଶରେ ଭାଗିଦାରୀ ହେଇ ପାରିବେ । ସଭାପତି ବିବେକାନନ୍ଦ ମହାନ୍ତିଙ୍କ ପ୍ରଶ୍ନର ଉତ୍ତରରେ ବିଧାୟକ ରାଜ୍ୟ ଜିଏସଟିର ନୂତନ ଗୃହ ଧବଳଗିରିରେ ଏକ ସପ୍ତାହ ମଧ୍ୟରେ ଶୁଭ ଭିତିପ୍ରସ୍ତର ସ୍ଥାପନ ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସଭାପତି ଲଲାଟେନ୍ଦୁ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ସଭାପତି ଜଗବନ୍ଧୁ ସାହୁ, ପୂର୍ବତନ ସଭାପତି ମନୋଜ ମିଶ୍ର, ରାଜ୍ୟ ଜିଏସ୍‌ଟି ଅଭିଯୋଗ କମିଟି ସଦସ୍ୟ ଚାଟାର୍ଡ ଆକାଉଂଟାଂଟ ବିଶ୍ୱରଞ୍ଜନ ସୂତାର ପ୍ରମୁଖ ଯୋଗ ଦେଇଥିଲେ ।

ସଭାରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାମଲ, ବ୍ୟବସାୟୀ ଭଗବାନ ରାଉତ, ଚତୁର୍ଭୁଜ ନାୟକ, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ବଣିକ ସଙ୍ଘ ସଂପାଦକ ସଦାଶିବ ଦାଶ , ଚାଟାର୍ଡ ଆକାଉଂଟାଂଟ ମହାମାୟା ପ୍ରତାପ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା । ଉପସଭାପତି ସସ୍ମିତା ସ୍ୱାଇଁ ଅତିଥି ପରିଚୟ କରିଥିଲା ବେଳେ ସମ୍ପାଦକ ଧନେଶ୍ୱର ବାରିକ ବିବରଣୀ ପାଠ କରିଥିଲେ । ଯୁଗ୍ମସମ୍ପାଦକ ଅଶୋକ ଶର୍ମା ଧନ୍ୟବାଦ ଦେଇଥିଲେ । ଅଧ୍ୟାପିକା ମମତାମୟୀ ଦାଶ ମଞ୍ଚ ପରିଚାଳନା କରିଥିଲେ । ସହସମ୍ପାଦକ ଦୀପୁ ବାରିକ, କୋଷାଧ୍ୟକ୍ଷ ଅକ୍ଷୟ ବାରିକ କାର୍ଯ୍ୟକାରୀ କମିଟି ସଭ୍ୟ ରାଜେନ୍ଦ୍ର କୁମାର ଧୀରସାମନ୍ତ, ବିଜୟ କୁମାର ଜେନା, ହେମନ୍ତ ପଥାଳ, ପ୍ରବୀର ରାଉତ, ଦୁର୍ବାଦଳ ବସ୍ତୁ, ଅଜୟ ବିଶ୍ୱାଳ, ରଞ୍ଜନ କୁମାର ମଲ୍ଲିକ, ସତ୍ୟଜିତ ଶତପଥୀ, ସୂର୍ଯ୍ୟମଣି ପାଢ଼ୀ , ଦୀପ୍ତି କାନ୍ତ ବାରିକ୍, ଚନ୍ଦନ କୁମାର ସାହୁ ରତିକାନ୍ତ ବେହେରା,ଚିତ ରଞ୍ଜନ ମହାନ୍ତି, ବିଦ୍ୟାଧର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାସନଗର ମ୍ୟୁନିସିପାଲଟିର ପୂର୍ବତନ ଅଧ୍ୟକ୍ଷ ରସାନନ୍ଦ ମହାନ୍ତି, ଅଧ୍ୟକ୍ଷା ସବିତା ରାଉତ, ଭାଜପା ନେତା ସତ୍ୟ ନାରାୟଣ ମହାନ୍ତି, ସିପିଏମ ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ନାୟକ, ସାଂସଦ ପ୍ରତିନିଧୀ ନିରଞ୍ଜନ ଘଡ଼େଇ, ଯାଜପୁର ରୋଡ଼ ବାରର ସଭାପତି ମଙ୍ଗୁଳି ଚରଣ ସାହୁ, ପୂର୍ବତନ ଅଧ୍ୟକ୍ଷ ଡ. ଦୁଷ୍ମନ୍ତ ନାୟକ, ଡ.ପ୍ରମୋଦ କୁମାର ଶତପଥି ପ୍ରମୁଖଙ୍କ ସହିତ ବହୁ ଓକିଲ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## କାଲି ଚାକିରିରୁ ଅବସର, ଆଜି ମୃତ୍ୟୁ
# ନାଳରେ କାର ଖସି ଦମ୍ପତି ମୃତ



ପାରାଦୀପ ,(ଜିପ୍ର) : ଗତକାଲି (ମଙ୍ଗଳବାର) ନେଇଥିଲେ ଅବସର, ଆଜି (ବୁଧବାର) ହୋଇଗଲା ମୃତ୍ୟୁ । ଏଭଳି ଦୁଃଖଦ ଘଟଣା ଘଟିଛି ପାରାଦୀପ ଗଡ଼ ବଜାର ନିକଟରେ ରାତି ପ୍ରାୟ ୨ ଟା ହଠାତ କାର ଟିଏ ଆସିଲା ଆଉ ଡିଭାଇଡରରେ ପିଟି ହୋଇ ନାଳକୁ ଖସି ପଡିଲା କାରରେ ଥିବା ଦୁଇଜଣ ସେଇ କାର ଭିତରେ ଅଣନିଃଶ୍ୱାସୀ ହୋଇ ମୃତ୍ୟୁବରଣ କଲେ ମୃତକ ହେଲେ ବିଭୁତି ଭୁଷଣ ଦାସ ଓ ତାଙ୍କ ପତ୍ନୀ ପ୍ରତିମା ଦାସ । ପାରାଦୀପ ବନ୍ଦର ମେରାଇନ ବିଭାଗରେ ଚାକିରି କରିଥିଲେ ବିଭୁତି ।

ମଙ୍ଗଳବାର ଦିନ ସିଏ ଚାକିରିରୁ ଅବସର ନେଇଥିବା ବେଳେ ରାତିରେ ଗଡ଼ ରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ବିଳମ୍ବିତ ରାତିରେ ଉଭୟ ବିଭୁତି ଓ ତାଙ୍କ ପତ୍ନୀ ନିଜ କାରରେ ପାରାଦୀପ ଫେରୁଥିବା ବେଳେ ଘଟିଛି ଦୂର୍ଘଟଣା । ଗଡ଼ ମାର୍କେଟ କମ୍ପ୍ଲେକ୍ସ ରାସ୍ତା ଦେଇ ରାଜପଥକୁ ଉଠିବା ବେଳେ ଡିଭାଇଡରରେ ପିଟି ହୋଇ କାରଟି ରାସ୍ତା କଡ଼ରେ ଥିବା ଖାଲରେ ପଶିଯାଇଥିଲା । ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇଥିଲେ ମଧ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି । ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେବା ସହିତ ଲକ ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

## ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ପଂଚାୟତ ସମିତି ସଭାଗୃହରେ ସମିତିର ତ୍ରୟୋଦଶ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ପଂଚାୟତସମିତି ଅଧ୍ୟକ୍ଷା ସୁଚିସ୍ମିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ବିଡିଓ ଜ୍ୟୋତିର୍ମୟ କର,ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ସାଂସଦ ପ୍ରତିନିଧି କାହ୍ନୁ ଚରଣ ଦାଶ ପ୍ରମୁଖ ଯୋଗଦେଇଥିଲେ । ଏହି ଅଧିବେଶନରେ ୪୫ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ନିଜ ଅଂଚଳର ଉନ୍ନୟନମୂଳକ କାର୍ଯ୍ୟ, ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶେଷରେ ବିଡିଓ ଶ୍ରୀ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା କମିଶନର ସଦସ୍ୟାଙ୍କୁ ଯୁବମୋର୍ଚ୍ଚାର ସମ୍ବର୍ଦ୍ଧନା



ଚଣ୍ଡିଖୋଲ, (ସବ୍ୟୁ): ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏଠାକୁ ଆସିଥିବା ରାଜ୍ୟ ମହିଳା କମିଶନର ସଦସ୍ୟା କଳ୍ପନା ମଲ୍ଲିକଙ୍କୁ ଚଣ୍ଡିଖୋଲରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା ।ଶ୍ରୀମତୀ ମଲ୍ଲିକ ବାବା ଭୈରବା ନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆୟୋଜିତ ଶକ୍ତି ଶ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିଲା ବେଳେ ଚଣ୍ଡିଖୋଲ ବଜାରରେ ଯାଜପୁର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମକୁମାର ନାୟକଙ୍କ ନେତୃତ୍ୱରେ ଯୁବ କର୍ମୀ ମାନେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ବଳରାମ ନାୟକ,ଜୀବନଜ୍ୟୋତି ଜେନା,ପ୍ରସନ ସେନାପତି, ହିମାଂଶୁ ଜେନା, ବାସୁଦେବ ସ୍ୱାଇଁ, ଅଭିଷେକ ରାଉତ, ଅଭିଜିତ ଜେନା, ଅଭିଜିତ ଖିଲାର, ସୀପକ ସେଠୀ, ଦେବାଶିଷ ସଓ୍ୱାଇଁ, ପ୍ରଭୁଦତ୍ତ ଜେନା, ସନ୍ଦୀପ ଜେନାଙ୍କ ସମତେ ବଡ଼ଚଣାର ବହୁ ଯୁବ କର୍ମୀ ସାମିଲ ହୋଇଥିଲେ ।

## ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ନପାଇ ହଟହଟା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ କେନ୍ଦ୍ର ସରକାରଙ୍କ ବହୁ ଚର୍ଚ୍ଚିତ ଉଜଳା ଯୋଜନା ଦିଗହରା ହୋଇପଡିଥିବାର ଅଭିଯୋଗ ହୋଇଛି । ଜଣେ ମହିଳାଙ୍କ ପରିବାର ବର୍ଷ ବର୍ଷ ଧରି ଏହି ଯୋଜନାରେ ଜାଳେଣି ଗ୍ୟାସ ପାଇନପାରି ହଟହଟାର ସମ୍ମୁଖିନ ହେଉଥିବାର ଜଣାଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମର ମହିଳା ନିର୍ମଳା ସ୍ୱାଇଁଙ୍କ ନାମରେ ଉଜଳା ଯୋଜନାରେ କାର୍ଡ ରହିଛି । ତାଙ୍କର ଉପଭୋକ୍ତା ନମ୍ବର ହେଉଛି ୬୧୦୫୪୦ । ଗତ ୨୦୧୬ ମସିହାରେ ସେପ୍ଟେମ୍ବର ୨୦ ତାରିଖ ଦିନ ତାଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଥିଲା । ଇତି ମଧ୍ୟରେ ୧୦ବର୍ଷ ବିତି ସାରିଲାଣି । ନିର୍ମଳାଙ୍କୁ ମାତ୍ର ୨ଥର ଜାଳେଣୀ ଗ୍ୟାସ ପ୍ରଦାନ କରାଯାଇଛି । ନିର୍ମଳା ବାରମ୍ବାର ସ୍ଥାନୀୟ ଲାବଣ୍ୟ ଗ୍ୟାସ ବିତରଣ କେନ୍ଦ୍ରକୁ ଆସି ନିରାଶରେ ଫେରିବାକୁ ବାଧ ହେଉଛନ୍ତି ।

ସେହିପରି ଭାବେ ବହୁ ଅଙ୍ଗନୱାଡ଼ି କର୍ମୀଙ୍କ ନାମରେ ଉଜଳା ଯୋଜନାରେ କାର୍ଡ ରହିଛି । ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ନାମରେ ମଧ ଶିଶୁ ବିକାଶ ଯୋଜନା କେନ୍ଦ୍ର ନାମରେ ଜାଳେଣୀ ଗ୍ୟାସ କାର୍ଡ ରହିଛି । ଫଳରେ ଏହି କର୍ମୀମାନଙ୍କୁ ଉଜ୍ଜ୍ୱଳା ଯୋଜନାରେ ଜାଳେଣୀ ଗ୍ୟାସ ଦିଆଯାଉନଥିବାର ଅଭିଯୋଗ ହୋଇଛି ।

ତେବେ ଏହି ବ୍ଲକ ଅଂଚଳରେ ଉଜ୍ଜ୍ୱଳା ଯୋଜନା ଦିଗହରା ହୋଇପଡିଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ସଚେତନତା କର୍ମଶାଳା

ନାଉଗାଁ, (ସବ୍ୟୁ): ନାଉଗାଁ ଥାନା ଓ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ନିଶାମୁକ୍ତି ଓ ସାଇବର ଠକେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବିଭୁତି ଭୂଷଣ ସଓ୍ୱାଇଁ ସଭାପତିତ୍ୱ କରି ନିଶାର କୁପ୍ରଭାବ ଯୁବପିଢ଼ି ଓ ସମାଜ ଉପରେ କିପରି ପଡୁଛି ଏବଂ ସାଇବର ଠକେଇ ଦିନକୁ ଦିନ କିପରି ବୃଦ୍ଧି ପାଉଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ନାଉଗାଁ ଥାନାର ଭାରପ୍ରାପ୍ତ ନିରୀକ୍ଷକ ଶ୍ରୀ ଦେବାଶିଷ ପଣ୍ଡା ସାଇବର ଅପରାଧର ବିଭିନ୍ନ କୌଶଳ, ଏହାର ପ୍ରତିକାର ଓ ସତର୍କତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ, ମୋବାଇଲ ଫୋନ ମାଧ୍ୟମରେ ସାଇବର ଠକେଇ ବେଶି ଘଟୁଥିବାରୁ ଅଜଣା ଲିଙ୍କ, ଫାଇଲ କିମ୍ବା ବାର୍ତ୍ତା ଖୋଲିବା ଉଚିତ ନୁହେଁ । କୌଣସି ପରିସ୍ଥିତିରେ ଓଟିପି, ପାସୱାର୍ଡ କିମ୍ବା ବ୍ୟକ୍ତିଗତ ତଥ୍ୟ କାହା ସହିତ ସେୟାର କରିବା ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ନିଶାମୁକ୍ତ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ସଚେତନତା ଅତ୍ୟନ୍ତ ଜରୁରୀ । ଯୁବପିଢ଼ି ସଚେତନ ହେଲେ ପୋଲିସ ଓ ସମାଜର ମିଳିତ ପ୍ରୟାସରେ ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନ ସମ୍ଭବ । ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ, ଅଧ୍ୟାପକ ପ୍ରଭାତ କୁମାର ଶତପଥୀ, ହୃଦାନନ୍ଦ ସଓ୍ୱାଇଁ ଓ ତୁଷାରକାନ୍ତ ଦାସ ଯୋଗଦେଇ ନିଶାମୁକ୍ତି ଓ ସାଇବର ସୁରକ୍ଷା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଏହି କର୍ମଶାଳାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ଚୈତନ୍ୟ ଚରଣ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ ।

## ପ୍ରଶାସନ ବିରୁଦ୍ଧରେ ଶାସକ ଦଳ କର୍ମୀଙ୍କ ଆନ୍ଦୋଳନ
# ଉଦୟଗିରି ବୌଦ୍ଧ ବିହାର ସମ୍ମୁଖରେ ଧାରଣା

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ବଡଚଣାରେ ଏବେ ବ୍ୟବସ୍ଥାର ସୁପରିଚାଳନା କ୍ଷେତ୍ରରେ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି ।ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସରକାରୀ ଦଳ ଓ ସରକାରୀ କଳ ମଧ୍ୟରେ ସର୍ବଦା ଉତ୍ତମ ବୁଝାବଣା ରହିବା ନଜିର ଥିବା ସ୍ଥଳେ ଏଠାରେ କିନ୍ତୁ ଓଲଟା ଚିତ୍ର ଦେଖିବାକୁ ମିଳିଛି । ପ୍ରଶାସନ ଓ ସରକାଳଙ୍କ ପକ୍ଷରୁ ପ୍ରଶିଦ୍ଧ ବୌଦ୍ଧ ବିହାର ଉଦୟଗିରିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ନିୟୋଜିତ ଥିବା ଏକ ଠିକା ସଂସ୍ଥା ଶାସକଦଳ ନେତା ଓ କର୍ମୀଙ୍କ ବୋଲ ପମାନିବାରୁ ଉକ୍ତ ସଂସ୍ଥା ବିରୁଦ୍ଧରେ ବୁଧବାର ଦିନ ଶାସକଦଳର ସ୍ଥାନୀୟ କର୍ମୀ ଓ କେତେକ ନିର୍ବାଚିତ ପ୍ରତିନିଧି ଆନ୍ଦୋଳନ କରିବା ସହ ଦୀର୍ଘ ସମୟ ଧାରଣା ଦେଇଥିଲେ ।

ଏହି ଘଟଣା ଶାସକଦଳ ପକ୍ଷରୁ ଶାସନକଳକୁ ସିଧାସଳଖ ବିରୋଧ ପରି ଦୃଶ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି । ସୂଚନା ଅନୁଯାୟୀ ଉଦୟଗିରି ବୌଦ୍ଧ ବିହାରର ରକ୍ଷଣାବେକ୍ଷଣ ଓ ସଫେଇ ପାଇଁ ପୂର୍ବରୁ ଥିବା ଠିକା ସଂସ୍ଥାକୁ ବାହାର କରାଯାଇ ଏବେ ଏକ ନୂଆ ସଂସ୍ଥାକୁ ନିଯୁକ୍ତ କରାଯାଇଛି । ପୂର୍ବରୁ ଥିବା ସଂସ୍ଥା ସ୍ଥାନୀୟ ବେକାର ମାନଙ୍କୁ ନିଯୁକ୍ତି ଦେଇଥିଲା । ତେବେ ଏବେର ଠିକା ସଂସ୍ଥା ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ଦେବା ବଦଳରେ ବାହାର ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ଓ ଦରମା ପ୍ରଦାନରେ ବିଳମ୍ବ କରିଥିଲା । ଯାହାକୁ ନେଇ ସ୍ଥାନୀୟ ଯୁବକ ଓ ଶାସକ ଦଳର ନେତୃବୃନ୍ଦ ଖପା ହୋଇଥିଲେ । ଏହି ସମସ୍ୟା ନେଇ ସ୍ଥାନୀର୍ୟ ଧାୟକ ଉକ୍ତ ଠିକା ସଂସ୍ଥା ସହିତ କଥା ହେବାକୁ ବାରମ୍ବାର ଚେଷ୍ଟା କଳିଥିଲେ ମଧ ସଂପୃକ୍ତ ସଂସ୍ଥା ତାଙ୍କ ସହିତ ଯୋଗାଯୋଗ କରିନଥିଲା ।ଏପରିକି ଜିଲ୍ଲାପାଳଙ୍କୁ ମଧ ଏଥିନେଇ ଅବଗତ କରାଯିବା ପରେ ବି ସୁଫଳ ମିଳିନଥିଲି । ଯାହାକୁ ନେଇ ବଡଚଣାର ଶାସକଦଳ କର୍ମୀ ଓ ମଝିପଡା ପଞ୍ଚାୟତର କେତେକ ନିର୍ବାଚନ ପ୍ରତିନିଧି ମାନେ ବୁଧବାର ସକାଳୁ ଉଦୟଗିରି ବୌଦ୍ଧ ବିହାରର ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିବା ସହ ଧାରଣାରେ ବସିଥିଲେ ।ଆନ୍ଦୋଳନରତ ଶାସକ ଦଳର କର୍ମୀ ମାନେ ପ୍ରଶାସନ ବିରୁଦ୍ଧରେ ନାରାବାଯି କରିବା ସହ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ଓ ଯଥାଶୀଘ୍ର ବକେୟା ଦରମା ପ୍ରଦାନ ପାଇଁ ଦାବି କରିଥିଲେ ।

ଦୀର୍ଘ ସମୟ ଆନ୍ଦୋଳନ ଚାଲିବା ପରେ ଅବଶ୍ୟ ବଡଚଣା ବିଧିୟକଙ୍କ ହସ୍ତକ୍ଷେପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ତେବେ କାହା ବଳ ଓ ଇଙ୍ଗିତରେ ଏବେ ଏଠାରେ ନିଯୁକ୍ତି ପାଇଥିବା ଠିକା ସଂସ୍ଥା ବଡଚଣାର ବିଧାୟକ ଓ ସ୍ଥାନୀୟ ଶାସକଦଳର ନେତୃବୃନ୍ଦଙ୍କୁ ଅଣଦେଖା କରି ଏପରି ମନମାନୀ କରିବାକୁ ସାହସ କଲା ତାହା ସାଧାରଣରେ ପ୍ରଶ୍ନ ହୋଇଛି ।

## ମହାକାଳପଡ଼ା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

ମହାକାଳପଡ଼ା,(ସବ୍ୟୁ): ମହାକାଳପଡ଼ା ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଉପାଧ୍ୟକ୍ଷ ବିଜୟ ଶୁକ୍ଳା,ସାଂସଦଙ୍କ ପ୍ରତିନିଧି ଜୀବନ ସାହୁ, ବିଧାୟକ ଙ୍କ ପ୍ରତିନିଧି ସରୋଜ ସାହୁ, ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ଜିପିଓ ପ୍ରଦିପ ଦାସ, ବିଏସଏସଓ ଦୀପକରଞ୍ଜନ ପରିଡା ଆଦି ମଂଚାସୀନ ଥିଲେ । ଏତଦ ବ୍ୟତୀତ ବିଭିନ ପଂଚାୟତର ସରପଞ୍ଚ ଓ ସମିତି ସଭ୍ୟ / ସଭ୍ୟା ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭ ରେ ୨୦ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଦିବଂଗତ ସୁବୋଧ ଲେଙ୍କାଙ୍କ ଅକାଳ ବିୟୋଗ ନେଇ ନିରବ ପ୍ରାର୍ଥନା ପରେ ବୈଠକର କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିପିଓ ଶ୍ରୀ ଦାସ ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ବ୍ଲକଅଞ୍ଚଳର ବିଭିନ ବିଭାଗୀୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଡିଓ ଶ୍ରୀ ଆଚାର୍ଯ୍ୟ ପ୍ରତିନିଧି ମାନଙ୍କ ଦ୍ୱାରା ଉପସ୍ଥାପିତ ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ।ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟାନୟନ କରିବା ସହିତ ଅତ୍ୟାବଶ୍ୟକ ସମସ୍ୟା ର ତ୍ୱରିତ ସମାଧାନ କରିବାକୁ ଉପସ୍ଥିତ ଅଧିକାରୀ ମାନଙ୍କୁ ସୂଚନା ଦେଇଥିଲେ ।

## ଆନନ୍ଦ ମାର୍ଗ ରିଲିଫ ଟିମ୍ ପକ୍ଷରୁ ସେବା କାର୍ଯ୍ୟ



ଭୁବନେଶ୍ୱର ,(ସବ୍ୟୁ): ଯାଜପୁର ଜିଲ୍ଲା, ବଡ଼ଚଣା ବ୍ଲକର ସୋଲାର ପଞ୍ଚାୟତ ପୋଲିସ ଟ୍ରେନିଂ କଲେଜର ବାଉଣ୍ଡରିକୁ ଲାଗି ଏରସମା ସାହିରେ ପ୍ରାୟ ୩୫ ଟି ଆଦିବାସୀ ପରିବାର ବିଗତ ମହାବାତ୍ୟା (୧୯୯୯) ଏରସମାରୁ ଆସି ଏଠାରେ ବସବାସ କରୁଛନ୍ତି । ସେମାନେ ଝୁମ୍ପୁଡି କରି ବଡ଼ ଦୟନୀୟ ଅବସ୍ଥାରେ ଅଛନ୍ତି, । ଜାଗାର କାଗଜ ପତ୍ର କିଛି ନାହିଁ । ସେମାନଙ୍କୁ ଜରୁରୀ ସାହାଯ୍ୟ ଦରକାର । ଏହି ପରିପ୍ରେକ୍ଷୀରେ ଆନନ୍ଦ ମାର୍ଗ ରିଲିଫ ଟିମ ପକ୍ଷରୁ ନିହାତି ଅସୁବିଧା ରେ ଥିବା ୧୯ ଟି ପରିବାରକୁ ମଙ୍ଗଳବାର ଦିନ ତାରପୋଲିନ, ଡାଲି,ତେଲ, ଆଳୁ, ଚୁଡା, ଗୁଡ଼ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଅବଧୂତିକା ଆନନ୍ଦ ସଙ୍ଘମୀତ୍ରା ଆଚାର୍ଯ୍ୟା, ଅବଧୂତୀକା ଆନନ୍ଦ ସୁଧୀରା ଆଚାର୍ଯ୍ୟା, ଆଚାର୍ଯ୍ୟ ଜୟଦିପାନନ୍ଦ ଅବଧୂତ, ଆଚାର୍ଯ୍ୟ ନଟବର ବେହେରା, ବରିଷ୍ଠ ମାର୍ଗୀ ହର୍ଷବର୍ଦ୍ଧନ ଲେଙ୍କା,ସରତ ବନବାସୀ ପରିଚାଳନା କରିଥିଲେ ।

## ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି : ଯୁବକ ଗିରଫ

ନିଶ୍ଚିନ୍ତକୋଇଲି ,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ଗ୍ରାମପଂଚାୟତ ଛପଚିକଣାସ୍ଥିତ ପ୍ରସିଦ୍ଧ ମା ହରଚଣ୍ଡି ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି କରିବା ଅଭିଯୋଗରେ ନେମାଳ ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି । ମଙ୍ଗଳବାର ରାତି ବିଳମ୍ବିତ ପ୍ରହରରେ ସ୍ଥାନୀୟ ଗ୍ରାମର ଅଞ୍ଜନ ରାଉଳଙ୍କ ପୁତ୍ର ପୁପୁନ ରାଉଳ(୨୨) ସ୍ଥାନୀୟ ମନ୍ଦିର ହୁଣ୍ଡି ଭାଙ୍ଗି ପ୍ରାୟ ୨ହଜାର ଟଙ୍କା ଲୁଟି ନେଇଥିଲେ । ଏସମ୍ପର୍କରେ ମନ୍ଦିର ପରିଚାଳନା କମିଟି ତରଫରୁ ଗୋଲଖ ମହାପାତ୍ର ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ନେମାଳ ଥାନା କେଶ ନଂ ୨୩୭/୨୦୨୬ରେ ପୋଲିସ ପୁପୁନକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ପୋଲିସ ସୂତ୍ରରୁ ପ୍ରକାଶ । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବାର ଜଣାଯାଇଛି ।

## ଅଧ୍ୟାପକ କିଶୋର ରାୟଙ୍କ ସ୍ମୃତିସଭା

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ଦୁହୁରିଆ ସ୍ଥିତ ବିଏସ୍ ଗାର୍ଡେନ୍‌ରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ସ୍ୱର୍ଗତଃ ଅଧ୍ୟାପକ କିଶୋର ରାୟ କେନ୍ଦ୍ରାପଡା କଲେଜର ପୂର୍ବତନ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ଦ୍ୱାଦଶାହ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କର ବନ୍ଧୁ ଡକ୍ଟର ଗୁରୁଚନ୍ଦ୍ର ହଜାରୀ, ଧୀରେନ୍ ବେହେରା, ସମାଜସେବୀ ରାଜେଶ ପଣ୍ଡା ତାଙ୍କର ଛାତ୍ର ଅଧ୍ୟାପକ ଡକ୍ଟର ରାମଚନ୍ଦ୍ର ପାତ୍ର, ଅଧ୍ୟାପକ ରଂଜିତ୍ ସାହୁ, ଅଧ୍ୟାପକ ସମ୍ପ୍ରୀତ ନାୟକ ପ୍ରମୁଖ ତାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ । ସେ ଜଣେ ଅମାୟିକ ବ୍ୟକ୍ତିତ୍ୱ, ଉଚ୍ଚକୋଟୀର ଅଧ୍ୟାପକ ଥିଲେ । ତାଙ୍କ ଛାତ୍ରମାନେ ଭାରତ ଏବଂ ଭାରତ ବାହାରେ ବିଭିନ୍ନ ଉଚ୍ଚ ପଦବୀରେ ଅଧିଷ୍ଠିତ । ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ବିୟୋଗରେ ଆମ୍ଭେମାନେ ଜଣେ ପଦାର୍ଥ ବିଜ୍ଞାନୀକୁ ହରାଇଲୁ ବୋଲି ମତ ଦେଇଥିଲେ । ତାଙ୍କର ପୁଅ ବିଭୁପଦ ସଞ୍ଜିବ ଓ ଚିରଞ୍ଜିବ ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଜନ୍ମଦିନରେ ରକ୍ତଦାନ ଶିବିର

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ୟୁଥ୍ ଲିଡ୍ ଫାଉଣ୍ଡେସନ୍ ଓ ମିଶନ୍ ରକ୍ତଦାନ ଆନୁକୁଲ୍ୟରେ କେନ୍ଦ୍ରାପଡା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ଥିବା ରାଜ୍ୟ ରକ୍ତ ଭଣ୍ଡାର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଅଂଚଳର ଯୁବ ସ୍ୱେଚ୍ଛାସେବୀ ରାଜେଶ ବଳ ନିଜ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ରାଜ୍ୟରେ ରକ୍ତର ଅଭାବ ହେତୁ ଥାଲାସେମିଆ ରୋଗୀମାନେ ରକ୍ତ ନେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଏହି ରକ୍ତଦାନ ଶିବିରକୁ ଜିଲ୍ଲା ପଂଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଉପପ୍ରବନ୍ଧକ ଡକ୍ଟର ସୁକାନ୍ତ କୁମାର ପ୍ରଧାନ ଏବଂ ରକ୍ତ ଭଣ୍ଡାରର ମୁଖ୍ୟ ଡକ୍ଟର ମାନସ କୁମାର ଜେନା ଯୋଗଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ଏଥିରେ ୨୨ ଜଣ ଯୁବକ/ଯୁବତୀ ଥାଲାସେମିଆ ରୋଗୀଙ୍କ ଉଦ୍ଦେଶ୍ୟରେ ରକ୍ତଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରକ୍ତଦାନ ଭଣ୍ଡାରର ସଦସ୍ୟ ରାଜେଶ କୁମାର ମିଶ୍ର, ଦୀପକ କୁମାର ବରାଳ, ଶ୍ରାବଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଦାନଗଦି, (ସବ୍ୟୁ): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ମୁଖ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ ।ଏହି ଶିବିରରେ ମୋଟ ୩୫୩ ଜଣ ଭିନ୍ନକ୍ଷମ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ୧୬୫ ଜଣ ଶାରୀରିକ ଭିନ୍ନକ୍ଷମ , ୩୧ ଜଣ ଦୃଷ୍ଟିହୀନ , ୫୩ ଜଣ ଶ୍ରବଣବାଧିତ , ୩୭ ଜଣ ମାନସିକ ଅଗ୍ରସର/ସିପି ୪୫ ଜଣ ୧୪ ବର୍ଷରୁ କମ ଶିଶୁ ଏବଂ ୨୨ ଜଣ ବହୁବିଧ ଭିନ୍ନକ୍ଷମ ) ଶିଶୁ/ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ । ଶିବିରରେ ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ମୋଟ ୨୮୨ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମୂଲ୍ୟାଙ୍କନ କରାଯାଇଥିଲା । ମୂଲ୍ୟାଙ୍କନ ପରେ ୧୩ ଜଣ ହିତାଧିକାରୀଙ୍କୁ ସହାୟକ ଉପକରଣ ପ୍ରଦାନ ପାଇଁ ଚିହ୍ନଟ କରାଯାଇଛି । ଏହା ସହ ୪୫ ଜଣଙ୍କୁ ଅନ୍ୟାନ୍ୟ ସରକାରୀ ସହାୟତା ପାଇଁ ମନୋନୀତ କରାଯାଇଛି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳସାମନ୍ତଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ତୁରନ୍ତ ସହାୟତା ସ୍ୱରୂପ ୧ଟି ହୁଇଲ ଚେୟାର, ୧ ଯୋଡ଼ା କ୍ରଚ, ୩ ଜଣଙ୍କୁ ଆଧାର କାର୍ଡ ଏବଂ ୩ ଜଣଙ୍କୁ ଆୟ, ଜାତି ଓ ନିବାସ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ, ଦାନଗଦି, ଶ୍ରୀ ପ୍ରଦୀପ କୁମାର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଜାନକୀ ହେମ୍ବ୍ରମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।


## ଓୟୁଜେ କଟକ ଜିଲ୍ଲା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ସାଲେପୁର, (ସବ୍ୟୁ): ଓ.ୟୁ.ଜେ ସାଲେପୁର ଶାଖା ପକ୍ଷରୁ ତରିତୋ ପଞ୍ଚାୟତ ଗୁଆଳି ଗ୍ରାମର ମହାନଦୀ ପାର୍ଶ୍ୱ ବିଲୱକର୍ଣ୍ଣ ମଠ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓ.ୟୁ.ଜେ କଟକ ଜିଲ୍ଲା ଉପସଭାପତି ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ନାରାୟଣ ପତି, ମୁଖ୍ୟ ବକ୍ତା ଭାବେ ଓ.ୟୁ.ଜେ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଅଜୟ କୁମାର ଦାସ, ଓ.ୟୁ.ଜେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାନନ ବିହାରୀ ନାୟକ, କିଶନନଗର ଥାନା ଅଧିକାରୀ ମାନେଶ୍ୱର ପ୍ରଧାନ, ମଧୁମାଟି ସାମ୍ବାଦିକ ସଂଘର ସଭାପତି ଶାରଦା ପ୍ରସନ୍ନ ପଣ୍ଡା, ସମ୍ପାଦକ ବିରଞ୍ଚି ନାରାୟଣ କର ଯୋଗ ଦେଇ ବୃକ୍ଷରୋପଣ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ।

ମଠ ପରିସରରେ ବିଭିନ୍ନ ପ୍ରଜାତିର ଔଷଧୀୟ ଓ ଫଳ ଗଛର ଚାରା ରୋପଣ କରାଯାଇଥିଲା। ଲଗାଯାଇଥିବା ଚାରାର ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳର ବୃକ୍ଷପ୍ରେମୀ ଶିବ ପ୍ରସାଦ ପୁହାଣ, ଇଶ୍ୱର ଚନ୍ଦ୍ର ପରିଡା, ରାଜେଶ ରାଉତରାୟ, ଅଞ୍ଜନ ପରିଡା, ପବିତ୍ର ପୁହାଣ , ପ୍ରକାଶ ପରିଡା, ଅଜିତ ପରିଡା, ପ୍ରସନ୍ନ ପରିଡା, ପ୍ରବୋଧ ପରିଡା, କିଶୋର ପରିଡା ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନ ସଭ୍ୟ ନାରାୟଣ ଓଝା, ଚିତ୍ତରଞ୍ଜନ ମୁଦୁଲି , ଉମାକାନ୍ତ ଜେନା, ପ୍ରତ୍ୟୁଷ ମହାନ୍ତି,ବିନୟ ଦାଶ, ଇଂ ସନ୍ତୋଷ କୁମାର ସ୍ୱାଇଁ, ଯଜ୍ଞେଶ୍ୱର ବିଶାଳ, ରତିକାନ୍ତ ପଟ୍ଟନାୟକ, ଭୈରବ ଚନ୍ଦ୍ର ସେଠୀ, ସରୋଜ ମଲ୍ଲିକ, ସସ୍ମିତ ପଟ୍ଟନାୟକ, ଜଗଦୀଶ ରାଉତ, ଜଗନ୍ନାଥ ଆଚାର୍ଯ୍ୟ, ଜ୍ଞାନ ରଞ୍ଜନ ଦାସ, କୈଳାଶ ଚନ୍ଦ୍ର ବେହେରା, ଚିତ୍ତ ରଞ୍ଜନ ବେହେରା,ସାହିତ୍ୟିକ ଚନ୍ଦ୍ରମଣି ଭୂୟାଁ, ସୟଦ ଆଲାମ ହୁସେନ, ସେକ ରହି ମୁଦ୍ଦିନ ସହ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ପରିଚାଳନା କରିଥିଲେ। କଟକ ଜିଲ୍ଲାର ଓ.ୟୁ.ଜେର ସମ୍ପାଦକ ପ୍ରଦୀପ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାୟକଙ୍କୁ ଭେଟିବାକୁ ଗଞ୍ଜାମରୁ ସାଇକେଲରେ ଆସିଲେ ଯୁବକ



ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଧାୟକଙ୍କୁ ଭେଟ କରିବା ଲାଗି ଗଞ୍ଜାମ ଜିଲ୍ଲାରୁ ତିନିଦିନ କାଳ ସାଇକଲ ଚଳାଇ ଜଣେ ଯୁବକ କୁମାରୀସ୍ଥିତ ବିଜେପି କାର୍ଯ୍ୟାଳୟରେ ବୁଧବାର ଦିନ ଆସି ପହଁଚିଛନ୍ତି ।

ଗଞ୍ଜାମ ଜିଲ୍ଲା ସେରଗଡ ଥାନା ଅନ୍ତର୍ଗତ ବାରାସିଙ୍ଗି ଗ୍ରାମର ଦୀପକ ଗୌଡ( ୨୨) ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କ ସାଧାରଣ ଲୋକମାନଙ୍କ ପ୍ରତି ରହିଥିବା କାମ କରିବାର ଢଙ୍ଗ ଓ ତାଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଦ୍ୱାରା ଅବହେଳିତ ଓ ନିଷ୍ପେଶିତମାନଙ୍କୁ କରାଯାଉଥିବା ସହାୟତା ଦୀପକଙ୍କୁ ବେଶ ଅନୁପ୍ରାଣୀତ କରିଥିଲା । ଫଳରେ ସେ ବିଧାୟକ ଶ୍ରୀ ସାହୁଙ୍କୁ ଭେଟିବାକୁ ନିର୍ଣ୍ଣୟ କରିଥିଲେ ।

ପୁର୍ବରୁ ଦୀପକ ସାଇକଲ ଯୋଗେ ଅନେକ ସେଲିବ୍ରେଟିଙ୍କୁ ଭେଟିବା ଲାଗି ଭାରତ ବର୍ଷର ବିଭିନ୍ନ ସ୍ଥାନକୁ ଯାଇଥିବା ବେଳେ ବୁଧବାର ଜାରକା ନିକଟସ୍ଥ କୁମାରୀ ଗ୍ରାମରେ ବିଧାୟକ ଶ୍ରୀ ସାହୁଙ୍କୁ ଭେଟିଛନ୍ତି । ଗଞ୍ଜାମ ଜିଲ୍ଲାରୁ ସାଇକଲ ଚଳାଇ ଧର୍ମଶାଳା ବିଧାୟକଙ୍କୁ ଭେଟ କରିବା ଲାଗି ଆସିବା ଦୀପକଙ୍କ ବିଧାୟକଙ୍କ ପ୍ରତି ରହିଥିବା ଭଲପାଇବା ଏଥିରୁ ସ୍ପଷ୍ଟ ଜଣାପଡୁଥିଲା । ବିଧାୟକ ଶ୍ରୀ ସାହୁ କୁମାରୀସ୍ଥିତ ନିଜ କାର୍ଯ୍ୟାଳୟରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ ଦୀପକ ମଧ୍ୟ ବିଧାୟକଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଦୀପକ କୁମାରୀ କାର୍ଯ୍ୟାଳୟରେ ପହଁଚିବା ପରେ ତାଙ୍କୁ ବିଜେପି କର୍ମୀ ଓ ଟ୍ରଷ୍ଟ ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିବା ଆତିଥେୟ ପ୍ରଦାନକୁ ସେ ବେଶ ପ୍ରଶଂସା କରିଛନ୍ତି ।

# ଆସ୍ଥାରେ "ଏକ୍ସେଲେରେଟ ମୁନ-୨୦୨୬'ର ଏକାଡ଼େମୀକ ସମ୍ମିଳନୀ



ଫୁଲନଖରା/ବାଲିଅନ୍ତା,(ସବ୍ୟୁ):ରାଜ୍ୟର ଅଗ୍ରଣୀ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ପକ୍ଷରୁ "ଏକ୍ସେଲେରେଟ ମଡେଲୟୁନାଇଟେଡ ନେସନ୍ସ (ମୁନ)-୨୦୨୬'ର ଦୁଇଦିନିଆ ଏକାଡେମିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏକ ବିଶ୍ୱ, ଏକ ଭବିଷ୍ୟତ, ଅସୀମ ସମ୍ଭାବନା ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ । ଏହି ଅବସରରେ ବିଶ୍ୱ ତଥା ସମସାମୟିକ ପ୍ରସଙ୍ଗକୁ ନେଇ ଗଭୀର ଆଲୋଚନା ଓ ମତ ବିନିମୟ ହୋଇଥିଲା । ମଡେଲୟୁନାଇଟେଡ ନେସନ୍ସର କୂଟନୈତିକ ପରିବେଶରେ ଯୁବ ପ୍ରତିନିଧିମାନେ ବିଭିନ୍ନ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଗବେଷଣା, ତର୍କ ଓ ଯୁକ୍ତି ଉପସ୍ଥାପନ କରିବା ସହ ସମ୍ମିଳିତ ଭାବେ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ । ଏହା ମାଧ୍ୟମରେ କୂଟନୀତି, ନୀତି ନିର୍ଦ୍ଧାରଣ, ସାର୍ବଜନୀନ ବକ୍ତୃତା, ଯୋଗାଯୋଗ, ନେତୃତ୍ୱ ଓ ସାମୂହିକ ନିଷ୍ପତ୍ତି ଗ୍ରହଣ ଭଳି କ୍ଷେତ୍ରରେ ଯୁବପ୍ରତିନିଧିଙ୍କ ଦକ୍ଷତା ବିକଶିତ ହୋଇଥିଲା । ସମ୍ମିଳନୀର ଉଦ୍‌ଘାଟନୀ ସମାରୋହ ପାରମ୍ପରିକ ଦୀପ ପ୍ରଜ୍ଜ୍ୱଳନରୁ ଆରମ୍ଭ ହୋଇଥିଲା । ପରେ "ଏକ୍ସେଲେରେଟ ମୁନ-୨୦୨୬' ଓ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ସମ୍ପର୍କରେ ପରିଚୟ ପ୍ରଦାନ କରାଯାଇଥିଲା । ଉପମହାସଚିବ ବଂଶିକା ପ୍ରିୟଦର୍ଶିନୀ ଓ ମହାସଚିବ ସଓ୍ୱୟମ ସାଇ ପଣ୍ଡା ସମାବେଶକୁ ସମ୍ବୋଧିତ କରି ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ-ତଥା-ସମ୍ପାଦକ ଡ. ବଙ୍କିମ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ି ମଧ୍ୟରେ ନେତୃତ୍ୱ ଗୁଣ, ସଚେତନ ଆଲୋଚନା, ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ଦାୟିତ୍ୱବୋଧ ସମ୍ପନ୍ନ ନାଗରିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ "ୟୁଥ-୪-ଓ୍ୱାଟର୍-ପ୍ଲସ' ପକ୍ଷରୁ ଧର୍ମାନନ୍ଦ ସୁନ୍ଦରାୟ ଓ ଶୁଭ୍ରସୀମା ମହାନ୍ତି ଯୋଗଦେଇ ସମାବେଶକୁ ସମ୍ବୋଧିତ କରିଥିଲେ । ସମ୍ମିଳନୀରେ ସହଯୋଗ ପାଇଁ ଉଭୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁଇଦିନିଆ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଯୁବ ପ୍ରତିନିଧିମାନେ ବିଭିନ୍ନ ମତ ଓ ଦୃଷ୍ଟିକୋଣ ଉପରେ ଆଲୋଚନା କରିବା ସହ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ । ଫଳରେ ସେମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତନ, ଯୋଗାଯୋଗ ଦକ୍ଷତା, ନେତୃତ୍ୱ ଓ ସାମୂହିକ ଭାବେ ନିଷ୍ପତ୍ତି ନେବାର କ୍ଷମତା ବିକଶିତ ହୋଇଥିଲା । ସମ୍ମିଳନୀର ସମନ୍ୱୟ ଦାୟିତ୍ୱ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଫ୍ୟାକଲଟି ସମନ୍ୱୟକ ଡ. ଅନନ୍ୟା ସଓ୍ୱାଇଁ ତୁଲାଇଥିଲେ । ଉଦଯାପନୀ ସମାରୋହରେ ପ୍ରତିନିଧିମାନେ ସମ୍ମିଳନୀର ଅନୁଭୂତି ବାଣ୍ଟିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ପ୍ରମାଣପତ୍ର ବଣ୍ଟନ ଓ ଉଦଯାପନୀ ଅଭିଭାଷଣ ପ୍ରଦାନ କରାଯାଇ ଦୁଇଦିନିଆ ଏକାଡେମିକ ସମ୍ମିଳନୀର ଔପଚାରିକ ସମାପନ କରାଯାଇଥିଲା । "ଏକ ବିଶ୍ୱ, ଏକ ଭବିଷ୍ୟତ, ଅସୀମ ସମ୍ଭାବନା' ବାର୍ତ୍ତାକୁ ନେଇ ଆୟୋଜିତ "ଏକ୍ସେଲେରେଟ ମୁନ-୨୦୨୬' ଯୁବପିଢ଼ିଙ୍କ ମଧ୍ୟରେ ବିଶ୍ୱସ୍ତରୀୟ ଚିନ୍ତନ, ନେତୃତ୍ୱ, କୂଟନୈତିକ ଦକ୍ଷତା ଓ ଦାୟିତ୍ୱବୋଧ ବିକାଶ ପାଇଁ ଏକ ଉପଯୋଗୀ ଶିକ୍ଷଣୀୟ ମଞ୍ଚ ଭାବେ ପରିଗଣିତ ହୋଇଥିଲା ।

# ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ, ରାସ୍ତାରୋକ

ନିମାପଡା,(ସବ୍ୟୁ): ଚିକିସାରେ ଅବହେଳା କାରଣରୁ ଜଣେ ରୋଗୀର ମୃତ୍ୟୁ ଘଟିଥିବା ଏବଂ ସଂପୃକ୍ତ ନର୍ସିଂହୋମ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରି ବୁଧବାର ଦିନ ଥାନାରେ ଅଭିଯୋଗ କରାଯିବା ସହିତ ଜୟଗୁରୁ ଆଶ୍ରମ ଛକ ଠାରେ ଶବ ରଖି ରାସ୍ତା ଅବରୋଧ କରାଯାଇଛି। ନିମାପଡା ବ୍ଲକ ଅନ୍ତର୍ଗତ କୋଟକୁସାଙ୍ଗ ପଞ୍ଚାୟତ ସାନଶିରିବୁଲା ଗ୍ରାମର ବିଗଂଚି ନାରାୟଣ ଖଟୁଆ (୪୦) ଅର୍ଶ ଅପରେସନ ପାଇଁ ନିମାପଡାରେ ଥିବା ଏକ ଘରୋଇ ନର୍ସିଂ ହୋମକୁ ଆସିଥିଲେ। ସେଠାରେ ତାଙ୍କର ଅର୍ଶ ଅପରେସନ ହୋଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂଙ୍କଟାପନ୍ନ ହେବାରୁ ନର୍ସିଂହୋମ ପକ୍ଷରୁ ଭୁବନେଶ୍ୱର ନେଇ ଯିବାକୁ ପରିବାର ଲୋକଙ୍କୁ କୁହାଯାଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ବିଗଂଚିଙ୍କୁ ଚିକିସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ନେଇଥିଲେ। ତେବେ ଚିକିସାଧିନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ନିମାପଡାରେ ଚିକିସାରେ ଅବହେଳା ଯୋଗୁଁ ବିଗଂଚିଙ୍କ ମୃତ୍ୟୁ ଘଟିଥିବା ଏବଂ ସଂପୃକ୍ତ ନର୍ସିଂହୋମ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରି ମୃତକଙ୍କ ପରିବାର ଓ ଗ୍ରାମବାସୀ ନିମାପଡା ଜୟଗୁରୁ ଆଶ୍ରମ ଛକ ଠାରେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଘଟଣା ସ୍ଥଳରେ ନିମାପଡା ତହସିଲଦାର,ଅତିରିକ୍ତ ତହସିଲଦାର ଓ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ପ୍ରମୁଖ ପହଂଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏସଂପର୍କରେ ମୃତକଙ୍କ ଭାଇ ନିମାପଡା ଥାନାରେ ଏକ ଅଭିଯୋଗ କରିବା ପରେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସଂପୃକ୍ତ ନର୍ସିଂହୋମ ମାଲିକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ରତାମାଟି ଛକରେ ଦୁର୍ଘଟଣା: ୨ ଯୁବକ ଗୁରୁତର

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରତାମାଟି ଛକ ନିକଟରେ ବୁଦବାର ଦିନ ଏକ ଭୟାବହ ରାସ୍ତା ଦୁର୍ଘଟଣା ଘଟିଛି । ରାସ୍ତା ଅତିକ୍ରମ କରୁଥିବା ଏକ ବାଇMୁ ଏକ ଅଜଣା ଗାଡ଼ି ସମ୍ମୁଖରୁ ଧMା ଦେଇ ଦ୍ରୁତ ଗତିରେ ଫେରାର ହୋଇଯାଇଛି । ଏହି ଦୁର୍ଘଟଣାରେ ବାଇକଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିବା ବେଳେ ବାଇକ ଆରୋହୀ ଅଚ୍ୟୁତପୁର ପଞ୍ଚାୟତ ଅଞ୍ଚଳର ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି ।ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟ ଗୁରୁତର ଯୁବକଙ୍କୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ସେଠାରେ ସେମାନଙ୍କର ଚିକିତ୍ସା ଜାରି ରହିଛି । ମାତ୍ର ମାସେ ତଳେ ଉକ୍ତ ରତାମାଟି ଛକରେ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ କରକମଳରେ ଏକ ଫୁଟ ଓଭରବ୍ରିଜ୍ ଲୋକାର୍ପଣ ହୋଇଥିଲା । ନଗରବାସୀ ଓ ସ୍ଥାନୀୟ ଯାତ୍ରୀଙ୍କ ସୁରକ୍ଷିତ ରାସ୍ତା ଅତିକ୍ରମ ପାଇଁ ଏହା ନିର୍ମାଣ କରାଯାଇଥିଲେ ହେଁ, ବାସ୍ତବରେ ତାହା ସାଧାରଣ ଲୋକଙ୍କ କୌଣସି କାମରେ ଆସୁନାହିଁ ।

# ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, (ସବ୍ୟୁ): ଟୋଲା ଗୋପୀନାଥପୁର ମଦେବ ନିଆଳୀସ୍ଥ ରିମାକ୍ରିଏସନ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଓଡ଼ିଶାର ପ୍ରଖ୍ୟାତ କ=ଶିଳ୍ପୀ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇାଯାଇଛି । ରିମାକ୍ରିଏସନର ଅଧ୍ୟକ୍ଷ ଅଭିନେତା ଡ଼ଃ ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ସ୍ୱର୍ଗତ ପଟ୍ଟନାୟକଙ୍କର ଗୁଣଗାନ ପୂର୍ବକ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଭାରେ ସଙ୍ଗୀତ ନିର୍ଦ୍ଦେଶକ ମନୋଜ ମିଶ୍ର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ରବି ନାରାୟଣ ମିଶ୍ର, ଚୈତନ୍ୟ ଚରଣ ଆପଟ, ଯୋଗେନ୍ଦ୍ର ସାହୁ, ପବିତ୍ର ସ୍ୱାଇଁ, ବେନୁଚରଣ ସାହୁ, ଆର୍ତ୍ତତ୍ରାଣ ଭୋଇ ,ନରେନ୍ଦ୍ର କୁମାର ପଣ୍ଡା, ପବିତ୍ର ମୋହନ ସାହୁ, ଜମେଶ୍ୱର ଖୁଣ୍ଟିଆ, ସାମ୍ବାଦିକ କଳାକାର ବିନୟ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନକରିଥିଲେ । ଓଡ଼ିଶାର ଗ୍ରାମାଞ୍ଚଳରେ ରିମାକ୍ରିଏସନ ଷ୍ଟୁଡ଼ିଓ ଓ ପ୍ରଯୋଜନର ସଂସ୍ଥା ନିୟମିତ ରାଜ୍ୟର ଖ୍ୟାତନାମା କଳାକାରମାନଙ୍କ ପରଲୋକରେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରି ଆସୁଥିବାରୁ ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ ।

## ଡେଙ୍ଗୁ ରୋଗୀ ଚିହ୍ନଟ

ବାଙ୍କୀ ,(ସବ୍ୟୁ) :ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ତିନି ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଘରକୁ ଦୁଇ ଜଣ ଫେରି ଥିବା ବେଳେ ଆଉ ଜଣେ ବ୍ୟକ୍ତି ଯେ କି ଢ଼ସଂର ଗ୍ରାମର ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉ ଥିବା ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଆଲୋକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ଗତମାସରେ ଜଣେ ରୋଗୀ ପୁରୀ ବାହୁଡ଼ା ଯାତ୍ରାରୁ ଫେରି ଜ୍ୱରରେ ପୀଡିତ ହୋଇ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାରୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସେ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।ସେହିଭଳି ଡମପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ଯେ କି କେରଳ ରେ କାର୍ଯ୍ୟ କରୁଥିଲେ ସେଠାରେ ଜ୍ୱରରେ ପୀଡିତ ହୋଇ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି ହୋଇଥିଲେ । ପରୀକ୍ଷା ପରେ ଡେଙ୍ଗୁ ଜଣା ପଡ଼ିବାରୁ ତାଙ୍କୁ ଚିକିତ୍ସା କରା ଯାଇ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

# ଜାତୀୟ କ୍ରୀଡା ଦିବସ ସମାରୋହ: ୪୨ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧନା



ବାଲୁଗାଁ ,(ସବ୍ୟୁ): ବାଲୁଗାଁ ସ୍ପୋର୍ଟ୍ସ ଆଣ୍ଡ କଲଚୁରାଲ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଅଶୋକ ନଗର ସ୍ଥିତ ବଣିକ ସଂଘ ସଭା ଗୃହରେ ଜାତୀୟ କ୍ରୀଡା ଦିବସ ସମାରୋହ ପାଳିତ ହୋଇଯାଇଛି । ପ୍ରାଧ୍ୟାପକ ଡକଟର ମାନସ ମୋହନ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କ୍ରୀଡା ସମାରୋହରେ ମୁଖ୍ୟ ଅତିଥି ଭାବେ ବାଲୁଗାଁ ଥାନା ପୋଲିସ ଅଧିକାରୀ ଶ୍ରଦ୍ଧା ନାୟକ ଯୋଗଦେଇଥିଲେ ।ଉତ୍ସବର ଅନ୍ୟତମ ଅତିଥି ଭାବେ ଗୋଦାବରୀଶ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବିନାୟକ ହୋତା, ବାଲୁଗାଁର ପୁରାତନ ଫୁଟବଲ ଅନୁଷ୍ଠାନ ତଥା ଲକିଷ୍ଟାରର ସମ୍ପାଦକ ମୁରଲୀଧର ସାମନ୍ତସିଂହାର, ଅନ୍ତର୍ଜାତୀୟ କରାଟେ କୋଚ ଦୀପକ ସାମନ୍ତରାୟ,ଅଧ୍ୟାପକ ଡକଟର କୈଳାସ ଚନ୍ଦ୍ର ମହାରଣା,ବଡକୁଳ ଚିଲିକା ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ, ବିଶିଷ୍ଟ ଫୁଟବଲ ଖେଳାଳି ଲିଙ୍ଗରାଜ ଜାଲି,କ୍ରୀଡା ପୃଷ୍ଠପୋଷକ ମନୋଜ ଶ୍ରୀଚନ୍ଦନ, ଇଞ୍ଜିନିୟର ସନ୍ୟାସୀ ସାହୁ ଯୋଗଦେଇ ଜାତୀୟ କ୍ରୀଡା ଦିବସର ଆଭିମୁଖ୍ୟ ଏବଂ ବାଲୁଗାଁ ବାଣପୁର ଅଂଚଳର ପ୍ରତିଭାବାନ ଖେଳାଳିମାନଙ୍କର ଅବଦାନ ଓ ସଫଳତା ପଶ୍ଚାତରେ ଥିବା କ୍ରୀଡା ଶିକ୍ଷକ ଓ ଅଭିଭାବକମାନଙ୍କର ସମର୍ପିତ ପ୍ରେରଣା ଓ ନିଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କରାଟେ, ଫୁଟବଲ, ବ୍ୟାଡ଼ମିଣ୍ଟନ, କବାଡି, ଟେନିସ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଏବଂ ଜାତୀୟ ପଦକ ଲାଭ କରିଥିବା ୪୨ ଜଣ କ୍ରୀଡ଼ାବିତମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏଥି ସହ ଅନ୍ତର୍ଜାତୀୟ କୋଚ ଓ ରେଫେରୀ ଦୀପକ ସାମନ୍ତରାୟ, ଜାତୀୟ କରାଟେ ଚାମ୍ପିୟାନସିପରେ ସ୍ୱର୍ଣ୍ଣପଦକ ହାସଲ କରିଥିବା କ୍ରିଷ୍ଣଝ ଶିକାରୀ, ଜାତୀୟ ଜୁନିଅର କରାଟେ ଚାମ୍ପିୟାନସିପରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ଆଦିତ୍ୟରାଜ ପ୍ରଧାନଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଅଧ୍ୟାପକ ଡକଟର କୈଳାସ ଚନ୍ଦ୍ର ମହାରଣା ।ଏହି କାର୍ଯ୍ୟକ୍ରମକୁ ସୁନାମଧନ୍ୟ ଖେଳାଳି ସୋମେନ ସେନାପତି, ପ୍ରେମନାଥ ପଲାଇ, ସଂଗ୍ରାମ ନାୟକ, ଆଭାସ ପ୍ରିତମ ବେହେରା, ପ୍ରସନ୍ନ ବେହେରା, ନବୀନ ରାଉତ, ବବୁଲ ଗୁର୍ଲ୍ଲା ପ୍ରମୁଖ ପରିଚାଳନା କରିଥିଲେ ।

# ନିଖୋଜ ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର

ଅସ୍ତରଙ୍ଗ,(ସବ୍ୟୁ): ଅସ୍ତରଙ୍ଗ ବ୍ଲକଆଳସାହି ପଞ୍ଚାୟତ ବରାଙ୍ଗ ଗ୍ରାମର ୬୫ ବର୍ଷୀୟ ବୃଦ୍ଧ ବିପିନ ସାହୁ ସୋମବାର ମଧ୍ୟାହ୍ନରେ ଗ୍ରାମ ନିକଟରେ ଥିବା ପୁଇଁଚାନ୍ଦୀଆ ନାଳକୁ ସବୁଦିନ ପରି ସୋମବାର ଦିନ ମାଛ ଧରିବାକୁ ଯାଇଥିଲେ । କିନ୍ତୁ ସନ୍ଧ୍ୟାରେ ଘରକୁ ନ ଫେରିବାରୁ ବହୁତ ଖୋଜାଖୋଜି କରି ନିରାଶ ହେବା ପରେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ମଙ୍ଗବାର ସକାଳୁ ପାଓ୍ୱାର ବୋଟ ଧରି ନଦୀ ର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହେବା ପରେ ପୁନର୍ବାର ଫେରିଯାଇଥିଲେ । ହେଲେ ବୁଧବାର ସକାଳେ ନିଖୋଜ ବିପିନ ସାହୁଙ୍କ ମୃତ ଶରୀର ଗ୍ରାମ ଠାରୁ କିଛି ବାଟ ଥିବା ଏକ ନାଳରେ ଭାସୁଥିବାର ଦେଖିବାକୁ ମିଳିଥିଲା ।ଖବର ପାଇ ପରିବାର ଓ ଗ୍ରାମବାସୀ ମୃତ ଶରୀର ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ । ଅସ୍ତରଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରି ଡାକ୍ତରୀ ମଇନା ପରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ବରିଷ୍ଠ କଂଗ୍ରେସ ନେତା ଦିଲୀପ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



ଟାଙ୍ଗୀ/କୁହୁଡ଼ି,(ସବ୍ୟୁ): ଟାଙ୍ଗୀ ଥାନା ଅଧିନସ୍ଥ ସୋରଣ ଗ୍ରାମର ବିଶିଷ୍ଟ ସମାଜସେବୀ, ରାଜନେତା ଦିଲ୍ଲୀପ ମହାନ୍ତି (ଜାବୁଲା ମହାନ୍ତି)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଦିଲ୍ଲୀପ ମହାନ୍ତି କଂଗ୍ରେସର ଜଣେ ଟାଣୁଆ ନେତା ଥିଲେ ଚିଲିକା ବ୍ଲକ କଂଗ୍ରେସ କମିଟିର ସଭାପତି, ସମବାୟ ସମିତିର ବରିଷ୍ଠ ସଦସ୍ୟ ଓ ସୋରଣ ଗ୍ରାମର ସରପଞ୍ଚ ଥିଲେ । ସେ ଗ୍ରାମ ପାଇଁ ଯେଉଁ ସେବା କରିଛନ୍ତି ତାହା ଅଭୁଲା ହୋଇ ରହିବ ବରିଷ୍ଠ କ୍ରୀଡାବିତ ରାଜକିଶୋର ବୈରିଗଞ୍ଜନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଓଡ଼ିଶା ସମବାୟ ସମିତି ସଭାପତି କବିତା ପରିଡ଼ା, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ବେହେରା, ବରିଷ୍ଠ ଆଇନଜୀବୀ ମନୋଜ କୁମାର ମାନସିଂହ, ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ, ଆଇନଜୀବୀ ଖଗେଶ୍ୱର ପାତ୍ର, ଆଇନଜୀବୀ ସୁରେନ୍ଦ୍ର ପ୍ରଧାନ, ଓ କେଦାର ପାତଳାସିଂହ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦିଲ୍ଲୀପ ମହାନ୍ତି ଜଣେ ଉଦାରବାଦୀ, ପରୋପକାରୀ ଓ ସମାଜସେବୀ ଥିଲେ ବୋଲି ଆଇନଜିବୀ ଶ୍ରୀ ମାନସିଂହ କହିଥିଲେ । ଦୀପକ ମହାନ୍ତି, ରୂପକ ମହାନ୍ତି, ସରୋଜ ପ୍ରଧାନ, ଦେବାନନ୍ଦ ମହାନ୍ତି, ନିହାର ମହାନ୍ତି ଓ ବିରତି ପ୍ରସାଦ ମହାନ୍ତି ତଥା କୁହୁଡି, ରତନପୁର ଓ ସୋରଣ ଗ୍ରାମର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

## ଅସମ୍ପୂର୍ଣ୍ଣ ବ୍ରିଜ ଉପରେ ଚଢିଗଲା କାର, ଚାଳକ ଗୁରୁତର

ବାରଙ୍ଗ,(ସବ୍ୟୁ): ମଙ୍ଗଳବାର ବିଳମ୍ବିତ ରାତିରେ ନନ୍ଦନକାନନ ଓଆଇଏସଏଫ ବ୍ୟାରେଗ ରାସ୍ତାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ନନ୍ଦନକାନନରୁ ପଦାସାହି ଗ୍ରାମକୁ ଯାଉଥିବା ରାସ୍ତାରେ ନିର୍ମାଣାଧୀନ ବ୍ରିଜ ଉପରକୁ ଏକ ଦ୍ରୁତ ଗାମୀ କାର ଚଢିଯିବାରୁ ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି । ଏଥିରେ ଚାଳକ ଗୁରୁତର ଆହତ ହୋଇଛନ୍ତି ।

ମଙ୍ଗଳବାର ବିଳମ୍ବିତ ରାତି ଓଡି ୦୨ ସିଓ୍ୱାୟି ୧୬୭୮ ନମ୍ବର ବିଶିଷ୍ଟ କଳା ରଙ୍ଗର ହୁଣ୍ଡାଇ କ୍ରେଟା କାର୍‌ରେ ଦୁଇ ଜଣ ବ୍ୟକ୍ତି ନନ୍ଦନକାନନ ପଟରୁ ପଦାସାହି ଅଭିମୁଖେ ଯାଉଥିଲେ । ଏହି ରାସ୍ତାରେ ଓଆଇଏସଏଫ ବ୍ୟାରେକ ଠିକ ସାମ୍ନାରେ ଏକ ଛୋଟ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି । ବ୍ରିଜର ମୂଳ କାମ ସରିଥିଲେ ମଧ୍ୟ ସଂଯୋଗ ରାସ୍ତା ଓ ସୁରକ୍ଷା କାମ ବାକି ଅଛି ।ଅଭିଯୋଗ ଅନୁସାରେ, ବ୍ରିଜ ସାମ୍ନାରେ କୌଣସି ବ୍ୟାରିକେଡ, ବିପଦ ସୂଚକ ଲାଲ ପତାକା, ରିଫ୍ଲେକଟର କିମ୍ବା ଆଲୋକ ବ୍ୟବସ୍ଥା କରାଯାଇ ନଥିଲା । ଫଳରେ ରାତିର ଅନ୍ଧାରରେ ଚାଳକ ରାସ୍ତା ସମ୍ପର୍କରେ ଜାଣିପାରି ନଥିଲେ ଏବଂ ଅସମ୍ପୂର୍ଣ୍ଣ ବ୍ରିଜ ଉପରକୁ ଦ୍ରୁତ ବେଗରେ ଚଢି ଯାଇଥିଲେ । ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗାଡିର ସାମ୍ନା ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି,ଂ ଦୁର୍ଘଟଣାର ପ୍ରଭାବରେ ଡ୍ରାଇଭର ଓ ପ୍ୟାସେଞ୍ଜର ସାଇଡ ଏୟାରବ୍ୟାଗ ଉଭୟ ଖୋଲି ଯାଇଛି । ଚାଳକ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।ଏହି ଘଟଣା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ।

## ଓଡିଶା, ନାଗାଲ୍ୟାଣ୍ଡ ଓ ଆସାମରେ ବନ୍ୟା ରିଲିଫ ସହାୟତା ପ୍ରଦାନ କରିଛି ନେସ୍ଲେ ଇଣ୍ଡିଆ

ଭୁବନେଶ୍ୱର, (ସବ୍ୟୁ): ନେସ୍ଲେ ଇଣ୍ଡିଆ ପକ୍ଷରୁ ଓଡିଶା, ନାଗାଲ୍ୟାଣ୍ଡ ଓ ଆସାମରେ ବନ୍ୟା ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ରିଲିଫ ସହାୟତା ପ୍ରଦାନ କରାଯାଇଛି । କମ୍ପାନୀ ଜରୁରୀ ସାମଗ୍ରୀ ସହିତ ପ୍ରଭାବିତ ଲୋକମାନଙ୍କ ନିକଟରେ ପହଂଚିବା ପାଇଁ ସ୍ଥାନୀୟ ପ୍ରଶାସନ ସହ ମିଶି କାର୍ଯ୍ୟ କରୁଛି । ଓଡିଶାରେ କମ୍ପାନୀର ଏହି ଟିମ ଚାନ୍ଦବାଲି ତହସିଲ ଓ ତିହିଡି ବ୍ଲକ୍ରେ ପ୍ରଭାବିତ ଲୋକଙ୍କୁ ରିଲିଫ ସହାୟତା ଯୋଗାଇବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ସହ ମିଶି କାର୍ଯ୍ୟ କରିଥିଲା । କମ୍ପାନୀ ପକ୍ଷରୁ ୩୦୦୦ ଗ୍ରୋସରୀ କିଟ ଓ ୧୦୦୦ ହାଇଜିନ କିଟ ପ୍ରଦାନ କରାଯାଇଥିଲା ।ସେହିପରି ନାଗାଲ୍ୟାଣ୍ଡରେ, ମୋନ୍‌ରେ ଜିଲ୍ଲା କମିଶନରଙ୍କ ସହ ଯୋଗାଯୋଗରେ ନେସ୍ଲେ ଇଣ୍ଡିଆ ବନ୍ୟା ପ୍ରଭାବିତ ଲୋକଙ୍କୁ ୧୦୦୦ ଗ୍ରୋସରୀ କିଟ ପ୍ରଦାନ କରିଥିଲା ବେଳେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ନାଗରିକ ସଂସ୍ଥା ଏହାର ବିତରଣରେ ସହଯୋଗ କରିଥିଲେ । ଆସାମରେ ନେସ୍ଲେ ଇଣ୍ଡିଆ ରିଲିଫ ସହାୟତାରେ ସହଯୋଗ କରିବା ପାଇଁ ଜୋର୍ହାଟ ଓ ଶିବସାଗରର ଜିଲ୍ଲା କମିଶନରଙ୍କ ସହ କାର୍ଯ୍ୟ କରିଥିଲା ଏବଂ ୪୦୦୦ ଗ୍ରୋସରୀ କିଟ ପ୍ରଦାନ କରିଥିଲା । ଏହି ଦୁଇଟି ଜିଲ୍ଲାରେ ପ୍ରଭାବିତ ଲୋକଙ୍କୁ ୨୦୦୦ ଲେଖାଏଁ କିଟ ଦିଆଯାଇଥିଲା । ଆସାମ ଡିଜାଷ୍ଟର ରିଲିଫ ଟିମ ଓ ସ୍ଥାନୀୟ କର୍ତ୍ତୃପକ୍ଷ ଏହି କିଟଗୁଡିକରରେ ନିର୍ଦ୍ଧାରିତ ସମୟରେ ବିତରଣରେ ସହଯୋଗ କରିଥିଲେ । ଏହି ପ୍ରୟାସ ସମ୍ପର୍କରେ ନେସ୍ଲେ ଇଣ୍ଡିଆର କର୍ପୋରେଟ ଆଫାୟାର୍ସ, ସଷ୍ଟେନାବିଲିଟି ଓ ସିଏସଆର ଶାଖା ମୁଖ୍ୟ କୁଓ୍ୱଁର ହିମ୍ମତ ସିଂହ କହିଛନ୍ତି, ନେସ୍ଲେରେ ଆମେ ସେବା ଯୋଗାଉଥିବା ସମୁଦାୟଗୁଡିକର ଅଂଶ ହେବାର ଅର୍ଥ ହେଉଛି ସେମାନଙ୍କର ଆବଶ୍ୟକ ସମୟରେ ସେମାନଙ୍କ ପାଖରେ ଉପସ୍ଥିତ ରହିବା । ଯେତେବେଳେ ଆମେ ପାରିବୁ ଓ ଯେତେବେଳେ ସହାୟତାର ଆବଶ୍ୟକ ଥିବା ସେତେବେଳେ ଆମେ ସହଯୋଗର ହାତ ବଢାଇବା ପାଇଁ ସର୍ବୋତମ ପ୍ରୟାସ କରିବୁ । ଆମେ ଗର୍ବିତ ଯେ, ଆମର ଟିମଗୁଡିକୁ ଆମ ଚାରି ପାଶ୍ୱର୍ରେ ଥିବା ଲୋକଙ୍କୁ ସାହାଯ୍ୟ କରିବାର ଉତ୍ସାହରେ ଏକାଠି ହୋଇପାରିଛନ୍ତି ।

# ନିମ୍ନମାନର କାର୍ଯ୍ୟ : ଭୁଶୁଡିଲା ବ୍ରିଜର ସୁରକ୍ଷା ପ୍ରାଚୀର

ଭାପୁର ,(ସବ୍ୟୁ): ଅବଧି ସରିବାର ସାତବର୍ଷ ପରେ ବି କାଳିଗିରି ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ, ଏପଟେ ଭୁଷୁଡି ପଡିଲାଣି ଗାର୍ଡଓ୍ୱଲ । ବ୍ରିଜର ସ୍ଥାୟିତ୍ୱକୁ ନେଇ ଉଠିଲାଣି ପ୍ରଶ୍ନ । ଘଟଣାରୁ ପ୍ରକାଶ ନୟାଗଡ ଜିଲ୍ଲା ଭାପୁର ବ୍ଲକର ଜୀବନରେଖା କୁହାଯାଉଥିବା ୪୮ ନମ୍ବର ରାଜ୍ୟ ରାଜପଥ ମଧ୍ୟରେ ଥିବା ନିଚ୍ଚା କାଳିଗିରି ବ୍ରିଜ ।ଏହି ବ୍ରିଜକୁ ଉଚ୍ଚା କରାଯାଉ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ଭାପୁର ବ୍ଲକର ଜନସାଧାରଣ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ । ହେଲେ ଟେଣ୍ଡର ହୋଇ ୮କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ । ପରବର୍ତ୍ତୀ ସମୟରେ ଏହାକୁ ପ୍ରାୟ ୧୧ କୋଟି ଟଙ୍କା ବୃଦ୍ଧି କରାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଅବଧି ସରିବା ପରେ ମଧ୍ୟ ବ୍ରିଜ ନିର୍ମାଣ କାର୍ଯ୍ୟ ହୋଇ ପାରୁନି ସମ୍ପୂର୍ଣ୍ଣ । ଏଥିପାଇଁ ପ୍ରତିଦିନ ଘଟୁଛି ଛୋଟ ବଡ ଦୁର୍ଘଟଣା । ଚ ପ୍ରତିବର୍ଷ ବନ୍ୟା ହେଲେ ଏହି ବ୍ରିଜ ଉପରେ ୫ଫୁଟରୁ ୧୦ଫୁଟ ପର୍ଯ୍ୟନ୍ତ ରାସ୍ତାରେ ପାଣି ପ୍ରବାହିତ ହୋଇଥାଏ ଫଳରେ ଯାତାୟାତ ପ୍ରଭାବିତ ହୋଇଥାଏ । ଯାହାଫଳରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଥାଏ । ଏହାକୁ ଦୃଷ୍ଟିରେ ଗୋଟିଏ ବର୍ଷ ଭିତରେ ବ୍ରିଜ କାମ ଖୁବ ଶୀଘ୍ର କରିବା ଟେଣ୍ଡର ପ୍ରକ୍ରିୟା ହୋଇଥିଲେ ମଧ୍ୟ ତାହା ୭ବର୍ଷ ହେଲା ସରୁନି ।

## ମୃତ ଛାତ୍ରୀଙ୍କ ପରିବାର ଜାତୀୟ ମାନବଅଧିକାର କମିଶନଙ୍କ ଦ୍ୱାରସ୍ଥ

ଭାପୁର,(ସବ୍ୟୁ):ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୧ତାରିଖ ମଙ୍ଗଳବାର ଦିନ ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଦେବା ଯୋଗୁଁ ଜଣେ ଛାତ୍ରୀ ଙ୍କ ମତ୍ୟୁ ଅଭିଯୋଗ ହୋଇଥିଲା । ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ଗୋପାଳ ବେହେରାଙ୍କ ଝିଅ ସନ୍ତୋଷି ବେହେରା ମୃତ୍ୟୁବରଣ କରିଥିଲେ । ଏହାର ନିରିପକ୍ଷ ତଦନ୍ତ ସହିତ ଯେଉଁ ଡାକ୍ତର ଚିକିତ୍ସା କରିଥିଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଥିଲା । କିନ୍ତୁ,ପ୍ରଶାସନ ସମ୍ପୃକ୍ତ ଡାକ୍ତରଙ୍କୁ ବଦଳି କରି ଚୁପ ହୋଇ ବସି ଯାଇଥିବା ଦେଖାଦେଇଛି ।ତ୍ରୁଟିପୂର୍ଣ୍ଣ ଚିକିତ୍ସା ଦ୍ୱାରା ନିଜ ଝିଅର ମୃତ୍ୟୁକୁ ନେଇ ପରିବାର ଲୋକ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ଦ୍ୱାରା ଥାନା ପକ୍ଷରୁ ୨୬୮/୨୬ରେ ଏକ ମାମଲା ରୁଜୁ ହୋଇଥିଲା । ଥାନା ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ପରିବାର ଗତ ଅଗଷ୍ଟ ୧୫ ତାରିଖ ଦିନ ଜାତୀୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି । କମିଶନ ଡ଼ାଇରୀ ନଂ ୧୯୦୮୯//୨୬ ରେ ଏକ ମାମଲା ରୁଜୁ କରିଥିବା ଜାତୀୟ ମନବାଧିକାର କମିଶନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଏହି ଘଟଣାକୁ କମିଶନ ଗୁରୁତ୍ୱର ସହ ବିଚାର କରି ତଦନ୍ତ ପରିସରକୁ ଆଣିବ ବୋଲି ଜଣାପଡିଛି ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଜେନାଙ୍କ ପରଲୋକ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ରାୟଚକ୍ରଧରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଜେନାଙ୍କର ପରଲୋକ ଘଟିଛି । ଗତ ୩୦ ତାରିଖ ମଧ୍ୟରାତ୍ରରେ ହୃଦଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି ।ପୁରୀ ଜିଲ୍ଲାର ଗଡ଼ ମୃଗଶିରା ପଞ୍ଚାୟତ ଅନ୍ତର୍ଗତ ବାଲିସାହି ତାଙ୍କର ଜନ୍ମସ୍ଥାନ ଥିଲା । ସେ ୧୯୬୯ ମସିହାରେ ରାୟଚକ୍ରଧରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଜଣେ ଶିକ୍ଷକ ଭାବେ ଯୋଗଦେଇଥିଲେ । ତାଙ୍କର ବିୟୋଗରେ ପୂର୍ବତନ ଛାତ୍ର କମଳାକାନ୍ତ ମିଶ୍ରଙ୍କ ସମେତ ଅନ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ଅନେକ ପୁରାତନ ଛାତ୍ରଛାତ୍ରୀ ସ୍ୱର୍ଗତ ଜେନାଙ୍କର ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କର ପରଲୋକରେ ପୂର୍ବତନ ଛାତ୍ରଛାତ୍ରୀ, ସହକର୍ମୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

ସମୟ

## ସମ୍ପାଦକୀୟ



# ଆତଙ୍କବାଦକୁ ମୋଦିଙ୍କ ଭର୍ତ୍ସନା

କିର୍ଗିଜସ୍ଥାନର ବିଶକେକ୍‌ଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂସ୍ଥା (SCO) ୨୬ତମ ଶିଖର ସମ୍ମିଳନୀରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆତଙ୍କବାଦ ବିରୋଧରେ କେବଳ ମନ୍ତବ୍ୟ ଦେଇ ନାହାନ୍ତି, ଏଥର ସାଂଘାଇ ସହଯୋଗ ସଂସ୍ଥାରେ ପାଳି ନିୟମରେ ଅଧ୍ୟକ୍ଷ ହୋଇଥିବା ପାକିସ୍ତାନ ବିରୋଧରେ ତେରଚ୍ଛା ବାଣ ମାରି, ନିଜ ଦେଶରେ ଆତଙ୍କବାଦକୁ ଜନ୍ମ ଦେଉଥିବା ଦେଶ କେବେହେଲେ ଆତଙ୍କବାଦକୁ ସମ୍ପତ୍ତି କରି ପାରିବ ନାହିଁ ବୋଲି କଡ଼ା ଭାବେ ତାଙ୍କ ବକ୍ତବ୍ୟରେ ଜବାବ ଦେଇଛନ୍ତି । ଯେଉଁ ଦେଶରେ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦିଆଯାଏ, ସେ ଦେଶ ବିରୋଧରେ ସମସ୍ତେ ଦୃଢ଼ ଭାବେ ବାର୍ତ୍ତା ପ୍ରେରଣ କରିବା ଉଚିତ ବୋଲି ମୋଦିଜୀ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ କରି ଦେଇଥିଲେ । ସେ ମଧ୍ୟ SCO (Shanghai Cooperation Organisation) କୁ ଭାରତର ଭବିଷ୍ୟ ଦୃଷ୍ଟିକୋଣ ଭାବେ Security, Connectivity and Opportunity (ନିରାପତ୍ତା, ସଂଯୋଗ ଓ ସୁବିଧା) ଦୃଷ୍ଟିରୁ ଗତ ବର୍ଷ ତିଆନ୍‌ଜିନ ଏସ୍. ସି. ଓ ସମ୍ମିଳନୀରେ ଯାହା ବର୍ଣ୍ଣନା କରିଥିଲେ ତାହାର ପୁନରାବୃତ୍ତି ମଧ୍ୟ କରିଥିଲେ ।

**ପ୍ରକୃତରେ ଭାରତ ହିଁ ଆତଙ୍କବାଦର ଶରବ୍ୟ ହୋଇ ଚାଲିଛି । ଅନ୍ୟାନ୍ୟ ଦେଶ ମଧ୍ୟ ଆତଙ୍କବାଦର ଶରବ୍ୟ ହୋଇଛନ୍ତି । ମାତ୍ର ବିଗତ ବାରବର୍ଷ ମଧ୍ୟରେ ଆତଙ୍କବାଦର ବିଲୋପ ସାଧନ ପାଇ ସାରା ବିଶ୍ୱରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱର ଉତ୍ତୋଳନ କରି ଯେଉଁ ନେତୃତ୍ୱ ନେଇଛନ୍ତି, ସମଗ୍ର ବିଶ୍ୱରେ ତାହାକୁ ସମର୍ଥନ ମିଳି ପାରିଛି ।**

ସାଂଘାଇର ଏହି ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ ସରିଫ ମଧ୍ୟ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦି ଆତଙ୍କବାଦକୁ ଭର୍ତ୍ସନା କରିବା ସହିତ ପ୍ରତ୍ୟେକ ରାଷ୍ଟ୍ରର ସଂଯୋଗୀକରଣ ପ୍ରତି ଦୃଷ୍ଟି ଦିଆଯାଉ ଏବଂ ରାଷ୍ଟ୍ରର ସାର୍ବଭୌମତ୍ୱ ଓ ଭୌଗୋଳିକ ସୀମାକୁ ମଧ୍ୟ ସମ୍ମାନ ଦିଆଯାଉ ବୋଲି ତାଙ୍କ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଆତଙ୍କବାଦ ବିରୋଧରେ ଦେଇଥିବା ମନ୍ତବ୍ୟ ଏକପ୍ରକାର ଗୁରୁତ୍ୱପୂର୍ଣ୍ଣ ଥିଲା । ଆତଙ୍କବାଦର ଦୋ ମୁହାଁ ନୀତିକୁ ଯାହା ମୋଦଜୀ ତାଙ୍କ ବକ୍ତବ୍ୟରେ ଦର୍ଶାଥିଲେ, ବିଶ୍‌କେକ୍‌ରେ ଅନୁଷ୍ଠିତ ଏସ୍.ସି.ଓ. ଶିଖର ସମ୍ମିଳନୀରେ 'ବିଶ୍‌କେକ୍ ଘୋଷଣାନାମାରେ' ତାହା ଗୃହୀତ ହୋଇଛି ।

ଆତଙ୍କବାଦ ଯୋଗୁଁ ଅନେକ ନୀରିହ ଜୀବନର ପରିସମାପ୍ତି ଘଟୁଛି ଏବଂ ପାକିସ୍ତାନ ଏପରି ଆତଙ୍କବାଦ ଭିଆଇ ଆସୁଛି ବୋଲି ପାକିସ୍ତାନ ନାଁ ନ ନେଇ ମୋଦିଜୀ ସମସ୍ତଙ୍କୁ ଏକ ସ୍ୱରରେ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ନିବେଦନ କରିଥିଲେ ।

ପ୍ରକୃତରେ ଭାରତ ହିଁ ଆତଙ୍କବାଦର ଶରବ୍ୟ ହୋଇ ଚାଲିଛି । ଅନ୍ୟାନ୍ୟ ଦେଶ ମଧ୍ୟ ଆତଙ୍କବାଦର ଶରବ୍ୟ ହୋଇଛନ୍ତି । ମାତ୍ର ବିଗତ ବାରବର୍ଷ ମଧ୍ୟରେ ଆତଙ୍କବାଦର ବିଲୋପ ସାଧନ ପାଇ ସାରା ବିଶ୍ୱରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱର ଉତ୍ତୋଳନ କରି ଯେଉଁ ନେତୃତ୍ୱ ନେଇଛନ୍ତି, ସମଗ୍ର ବିଶ୍ୱରେ ତାହାକୁ ସମର୍ଥନ ମିଳି ପାରିଛି ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

### ଆଜିର ଅନୁଚିନ୍ତା:

# ଏବର ନେତା ଓ ଜନତା



ରତ୍ନାକର ରାଉତ

ଜନ ସଚେତନତା ଓ ଜନ ସହଯୋଗ ଗଣତନ୍ତ୍ରର ଅବିକଳ୍ପ ଆଧାର । କେବଳ ନିଜର ଅଧିକାର ନୁହେଁ ବରଂ କର୍ତ୍ତବ୍ୟ ସଂପର୍କରେ ଗଣମାନେ ଅବଗତ ହେବା ଉଚିତ ।

କୌଣସି ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅବକ୍ଷୟ ନିମନ୍ତେ ନେତାମାନେ ଯେତିକି ଦାୟୀ ନୁହଁନ୍ତି, ସେତେବେଶୀ ଦାୟୀ ଜନତା । ଅତଏବ ଗଣତନ୍ତ୍ରର ସୁରକ୍ଷା, ସଫଳତା ଓ ପ୍ରତିଷ୍ଠା ସଂପୂର୍ଣ୍ଣ ନିର୍ଭର କରେ ସେହି ଗଣତାନ୍ତ୍ରିକ ଶାସନର ମେରୁଦଣ୍ଡ ଓ ଉପଭୋକ୍ତା ଜନତାଙ୍କ ଉପରେ ।

କେଉଁ ନେତାଙ୍କୁ ଆକ୍ଷେପ ଓ ଦୋଷ ଦେଇ ଦାୟୀ କରିବା ପୂର୍ବରୁ, ପ୍ରଥମେ ସେହି ନେତାଙ୍କୁ ଜନପ୍ରତିନିଧି-ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ସାଂସଦମାନଙ୍କ ଯାଏଁ ସଭିଏଁ ଏହି ବର୍ଗରେ ଅନ୍ତର୍ଭୁକ୍ତ-ବନେଇଥିବା ନାଗରିକମାନେ ନିଜକୁ ପ୍ରଶ୍ନ କରିବା ଆବଶ୍ୟକ, ସେମାନେ ତାଙ୍କର ନାଗରିକ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିଛନ୍ତି ତ? ନେତାଙ୍କୁ ଦୋଷ ଦେବା ଓ ଆରୋପ ଲଗେଇବା ଅର୍ଥ ନିଜ ଉପରୁ ଦାୟିତ୍ୱ ଖସେଇ ଦେଇ ଆପଣା ଭୁଲ ପାଇଁ ଅନ୍ୟ ମୁଣ୍ଡରେ ଅଠା ବୋଳିଦେବା ।

ନାଗରିକର ଭୋଟ ଅଧିକାର ଓ ପାଞ୍ଚ ବର୍ଷରେ ଥରେ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଯୋଗଦାନ ହେଉଛି ପ୍ରତ୍ୟେକ ନାଗରିକ ହାତରେ ସମ୍ବିଧାନ ସମର୍ପଣ କରିଥିବା ଅମୋଘ ଅସ୍ତ୍ର ।

ସେ ଅସ୍ତ୍ରର ସଦୁପଯୋଗ କଲେ ମୂଲ୍ୟହୀନ ପ୍ରସଙ୍ଗ ଆଧାରରେ ନୁହେଁ ବରଂ ନାନାଦି ଜନ ସମସ୍ୟା ଓ ଜନ ହିତୈଷୀ ବହୁମୁଖୀ ବିକାଶମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦେଉଥିବା ଓ ସେହି ସମସ୍ୟା ସବୁକୁ ନିରାକରଣ କରିବାର ମାନସିକତା ପୋଷଣ କରୁଥିବା ଏବଂ ସେ ସଂପର୍କରେ ଯଥେଷ୍ଟ ବୋଧଗମ୍ୟତା ଥିବା ଉତ୍ତରଦାୟୀ ଜନପ୍ରତିନିଧି ଦେଖି, ପରଖି, ବୁଝି ଚୟନ କରିବାକୁ ଜନତା କ୍ଷମ ହୋଇ ପାରିବେ ।

ଅନ୍ୟଥା ପାହାଡ଼କୁ ଟେକା ଫୋପାଡ଼ିବାର ଫଳାଫଳ ଯାହା ହୁଏ, ସମୟଭିତ୍ତିକ ଆରୋପ, ପ୍ରତ୍ୟାରୋପ, ଉତ୍ତେଜନା ଓ ଆସ୍ଫାଳନରେ ମାତିବା ଅର୍ଥ ଠିକ୍ ସେହିପରି କେବଳ ଶକ୍ତି ଓ ସାମର୍ଥ୍ୟର ବୃଥା ଅପଚୟ କରି ନିରାଶ ହେବା ଛଡ଼ା ଅନ୍ୟ କିଛି ଫଳଦାୟୀ ହୋଇପାରେନି । ଜବାବଦେହୀ ଓ ଉତ୍ତରଦାୟୀ ନେତା ଏବଂ ସଚେତନ, ସାହସୀ ଓ ଶୃଙ୍ଖଳିତ ଜନତା ଉଭୟ ମିଳିତ ଭାବେ ଗଣତନ୍ତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିପାରିବେ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ପ୍ରତ୍ୟେକ ନାଗରିକକୁ ବୁଝିବାକୁ ହେବ, ଭୋଟ୍ ହେଉଛି ଦାୟିତ୍ୱ, କେବଳ ଅଧିକାର ନୁହେଁ ।

ଗ୍ରାମ ପଞ୍ଚାୟତ ନିର୍ବାଚନ ଆସିଲେ ପ୍ରାୟତଃ ଦେଖିବାକୁ ମିଳେ ଯିଏ ସମସ୍ତଙ୍କୁ ପରୋକ୍ଷ ଅବା ପ୍ରତ୍ୟେକ୍ଷରେ ଉପକୃତ କରୁଛି, ଯାହାର ପ୍ରଚାର ଗାଡ଼ି ସବୁଠୁ ଅଧିକ ପ୍ରଚାର କରୁଛି, ଯିଏ ଅଧିକ ଥାଟ ପାଟ ଦେଖେଇ ବ୍ୟୟ ବହୁଳ ନିର୍ବାଚନ ଲଢୁଛି, ଅନେକ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଆକୃଷ୍ଟ କରୁଛି, ତାକୁ ହିଁ ଅଧିକ ଲୋକେ ଭୋଟ୍ ଦିଅନ୍ତି । କେଉଁଠି କାଁ ଭାଁ ବ୍ୟତିକ୍ରମ ଥାଇପାରେ, ମାତ୍ର ଏହା ହିଁ ଗ୍ରାମାଞ୍ଚଳରେ ପଞ୍ଚାୟତ ନିର୍ବାଚନର ବାସ୍ତବ ଚିତ୍ର ।

ତେଣୁ ପାଞ୍ଚ ବର୍ଷ ପରେ ସେହି ସରପଞ୍ଚ କେତେ ରାସ୍ତା କଲେ, କେତେ ନଳକୂପ ଖୋଳିଲେ, ତାଙ୍କ ଅବଧି ମଧ୍ୟରେ କଣ କଣ ବିକାଶମୂଳକ କାମ କରି ସେ ପଂଚାୟତର ସାମଗ୍ରିକ ବିକାଶ କରିଥାରେ ଲୋକଙ୍କର ଜୀବନର ମାନଦଣ୍ଡରେ କଣ ପରିବର୍ତ୍ତନ ଆଣିଲେ, ତାହା ପଚାରୁ ନାହୁଁ । ଫଳରେ ନେତାମାନେ ବୁଝିଛନ୍ତି, ଜନତା କାମ ଚାହୁଁନି, କେବଳ ପ୍ରଲୋଭନ ଚାହୁଁଛି । ତେବେ ଦୋଷ କାହାର? ଜନତା ଯେତେଦିନ ପର୍ଯ୍ୟନ୍ତ ଜାତି, ଧର୍ମ, ଟଙ୍କା, ମଦ ଓ ନାନାଦି ପ୍ରଲୋଭନରେ ବଶୀଭୂତ ହୋଇ ଭୋଟ୍ ଦେବ, ସେତେଦିନ ପର୍ଯ୍ୟନ୍ତ ବିଦ୍ୟାଳୟ, ଡାକ୍ତରଖାନା, ଜଳସେଚନ, ଗମନାଗମନ ଓ ବେରୋଜଗାରୀ କେବେ ନିର୍ବାଚନୀ ପ୍ରସଙ୍ଗ ହୋଇପାରିବ ନାହିଁ ।

ଅନ୍ୟ ପକ୍ଷରେ ପ୍ରଶ୍ନ କରିବା ଛାଡ଼ିଦେଲେ ଜନତା, ନେତା ମାନେ ଜବାବଦେହୀ ନ ହୋଇ ମନୋମୁଖୀ, ବେପରବାୟ ଓ ସ୍ୱେଚ୍ଛାଚାରୀ ହୋଇଯାଆନ୍ତି । ଏହାର ଏକ ଉଦାହରଣ ଦିଆଯାଇ ପାରେ । ଧରାଯାଉ କୌଣସି ଏକ ସହରରେ ଗୋଟିଏ ପାର୍କ ହେବା କଥା । ସେଥିପାଇଁ ବଜେଟରେ କୋଟିଏ ଟଙ୍କାର ଅନୁମୋଦନ ବ୍ୟବସ୍ଥା ହେଲା । ଇତିମଧ୍ୟରେ ତିନିବର୍ଷ ବିତିଗଲାଣି । ନିରୂପିତ ସ୍ଥାନରେ କେବଳ ଫଳକଟିଏ ଲାଗିଛି । କାମ କାହିଁକି ନ ହୋଇ ବିଳମ୍ବ ହେଉଛି କେହି କର୍ପୋରେଟରଙ୍କୁ ପଚାରି ନାହାଁନ୍ତି, କେହି RTIରେ ସ୍ଥିତି ସଂପର୍କରେ ତଥ୍ୟ ମାଗି ନାହାଁନ୍ତି, କେହି କୌଣସି ସଭାରେ ମଧ୍ୟ ପ୍ରଶ୍ନ କରିବାକୁ ସାହସ କରି ନାହାଁନ୍ତି । ଲୋକ ଜାଣିଲେ ନାହିଁ ସେ ଜନ ପ୍ରତିନିଧି କଣ କାର୍ଯ୍ୟ କଲେ ନ କଲେ । ଯେବେ ପୁଣି ନିର୍ବାଚନ ଆସିଲା, ସେହି ପ୍ରାର୍ଥୀଙ୍କୁ ଦ୍ୱିତୀୟ ଥର ଭୋଟ୍ ମିଳିଗଲା । ଏଠାରେ ନେତା ଅପେକ୍ଷା ନିରବ ଜନତା ହିଁ ଅଧିକ ଦାୟୀ । କାରଣ ଗଣତନ୍ତ୍ରରେ ଶାସକଙ୍କୁ ତଦାରଖ କରିବା ଜନତାଙ୍କର ସବୁଠୁ ବଡ଼ କର୍ତ୍ତବ୍ୟ ।

**କେରଳର କୋଝିକୋଡ୍ ସହରରେ ଲୋକେ ନିଜେ ମିଶି ନାଗରିକ ବଜେଟ୍ ପ୍ରସ୍ତୁତ କଲେ । କେଉଁଠି ରାସ୍ତା ଦରକାର, କେଉଁଠି ଜଳ ନିଷ୍କାସନ, ଅନ୍ୟ କେଉଁଠି କଣ କଣ ସବୁ ଉନ୍ନତିମୂଳକ କାମ ସବୁ ଦରକାର, ସେ ସବୁର ସବିଶେଷ ତାଲିକା ପ୍ରସ୍ତୁତ କରି ମ୍ୟୁନିସିପାଲିଟିକୁ ଦେଲେ । ଫଳରେ ସେଠାରେ ନେତାମାନଙ୍କ ଉପରେ ମାନସିକ ଚାପ ରହିଲା ଏବଂ ସେମାନେ ଦାୟିତ୍ୱବାନ ହେଲେ । ଏହା ହିଁ ଗଣତନ୍ତ୍ରର ଚମତ୍କାରିତା । ଯେତେବେଳେ ଜନତା ଜାଗ୍ରତ ହୁଏ, ନେତା ଆପେ ଆପେ ସୁଧୁରିଯାଏ ।**

ତେଣୁ ବିଚାର କରିବା କଥା, ସଚେତନ ଜନତା କେମିତି ପରିବର୍ତ୍ତନ ଆଣିପାରିବେ? ଏହାର ପ୍ରକୃଷ୍ଟ ଉଦାହରଣ ହେଉଛି, କେରଳ ରାଜ୍ୟର କୋଝିକୋଡ୍ ସହରର ନାଗରିକ ମାନେ ନେଇଥିବା ଏକ ଉଦାହରଣୀୟ ପଦକ୍ଷେପ । ଘଟଣାଟି ନିମ୍ନରେ ସଭିଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଗଲା ।

କେରଳର କୋଝିକୋଡ୍ ସହରରେ ଲୋକେ ନିଜେ ମିଶି ନାଗରିକ ବଜେଟ୍ ପ୍ରସ୍ତୁତ କଲେ । କେଉଁଠି ରାସ୍ତା ଦରକାର, କେଉଁଠି ଜଳ ନିଷ୍କାସନ, ଅନ୍ୟ କେଉଁଠି କଣ କଣ ସବୁ ଉନ୍ନତିମୂଳକ କାମ ସବୁ ଦରକାର, ସେ ସବୁର ସବିଶେଷ ତାଲିକା ପ୍ରସ୍ତୁତ କରି ମ୍ୟୁନିସିପାଲିଟିକୁ ଦେଲେ । ଫଳରେ ସେଠାରେ ନେତାମାନଙ୍କ ଉପରେ ମାନସିକ ଚାପ ରହିଲା ଏବଂ ସେମାନେ ଦାୟିତ୍ୱବାନ ହେଲେ । ଏହା ହିଁ ଗଣତନ୍ତ୍ରର ଚମତ୍କାରିତା । ଯେତେବେଳେ ଜନତା ଜାଗ୍ରତ ହୁଏ, ନେତା ଆପେ ଆପେ ସୁଧୁରିଯାଏ ।

ସେଥିପାଇଁ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ କଣ ହେବା ଉଚିତ ସେ ସଂପର୍କରେ ଆଲୋଚନାର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୧- ପଢ଼, ବୁଝ, ତା'ପରେ ଭୋଟ୍ ଦିଅ । ପ୍ରାର୍ଥୀର ଅତୀତ କାର୍ଯ୍ୟ, ଅପରାଧିକ ରେକର୍ଡ, ଶିକ୍ଷା, ଇସ୍ତାହାର ଦେଖ । କେବଳ ଚେହେରା ନୁହେଁ, ଚରିତ୍ର ଦେଖ ।

୨- ପ୍ରଶ୍ନ କର । ଗ୍ରାମସଭା, ୱାର୍ଡ ସଭାରେ ଯୋଗଦିଅ । ଆମ ଅଞ୍ଚଳରେ କାହିଁକି ଏ ସବୁ ମୌଳିକ ସୁବିଧା ନାହିଁ, କାହିଁକି କଳରେ ନିୟମିତ ପାଣି ଆସୁନି? - ଏପରି ପ୍ରଶ୍ନ ନେତାଙ୍କୁ ତାଙ୍କ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନ କରେଇଦେବ ।

୩- ସହଯୋଗ କର । ସରକାର ରାସ୍ତା କଲେ ଆମେ ତାକୁ ଭାଙ୍ଗିଲେ ଚଳିବ ନାହିଁ । ଗଛ ଲଗେଇଲେ ଆମେ ତାକୁ କାଟିଲେ ଚଳିବ ନାହିଁ । ସରକାରୀ ସଂପତ୍ତିର ସୁରକ୍ଷା, ସ୍ୱତଃପ୍ରବୃତ୍ତ ଭାବେ ସେଗୁଡ଼ିକର ତଦାରଖ କରବା ନାଗରିକଙ୍କ ନୈତିକ କର୍ତ୍ତବ୍ୟ । ସର୍ବସାଧାରଣ ସଂପତ୍ତି ସସସ୍ତଙ୍କର ସଂପତ୍ତି । ତେଣୁ ସମସ୍ତଙ୍କ ସହଭାଗିତାରେ ତାହା ସୁରକ୍ଷିତ ଓ ସୁଦୃଢ଼ ରହିପାରିବ । ଅଧିକାର ସହିତ କର୍ତ୍ତବ୍ୟର ସନ୍ତୁଳନ ନିହାତି ଆବଶ୍ୟକ ।

ଗଣତନ୍ତ୍ରର ଅର୍ଥ ନୁହେଁ, ଯେନତେନ ପ୍ରକାରେ ଦାୟିତ୍ୱସଂପନ୍ନ ନ ହୋଇ ପାଞ୍ଚ ବର୍ଷରେ ଥରେ ଯାଇ EVMରେ ବଟନ୍ ଟିପି ନିଜର କର୍ତ୍ତବ୍ୟ ସଂପାଦନ କରିବା । ଏହା ଦୈନନ୍ଦିନ ଜୀବନର ଅଭ୍ୟାସ, ନିଜ କର୍ତ୍ତବ୍ୟ ଓ ଅଧିକାର ସଂପର୍କରେ ସତତ ଜାଗୃତି ଓ ଅସୀମ ସଚେତନତା । ଯେଉଁଦିନ ଲୋକେ ନିଜ ଘର ଆଗ ନାଳି ସଫା ରଖିବାକୁ କର୍ପୋରେଟରଙ୍କ ଉପରେ ନିର୍ଭର ନ କରି ନିଜେ ଦାୟିତ୍ୱ ନେବା ଆରମ୍ଭ କରିବେ, ସେଦିନହିଁ ବାସ୍ତବରେ ସ୍ୱରାଜ ଆସିବ ।

ଶେଷରେ ଗୋଟିଏ କଥା ଉଲ୍ଲେଖ କରିବାକୁ ମନରେ ଆଦୌ କୁଣ୍ଠା ନାହିଁ, ଯେପରି ଜନତା, ସେପରି ନେତା । ଯଦି ନାଗରିକମାନେ ସତର୍କ, ସଚେତନ ଓ ଦାୟିତ୍ୱବାନ ହେବେ, ତେବେ ନେତା ମଧ୍ୟ ସେହିପରି ହେବାକୁ ବାଧ୍ୟ ହେବେ । ନଚେତ୍ ମନେ ରଖିବାକୁ ହେବ, ଆମେ ଯେଉଁ ଆବର୍ଜନା ସୃଷ୍ଟି କରିବୁ, ତା'ର ଦୁର୍ଗନ୍ଧ ଆମକୁ ହିଁ ପ୍ରଥମେ ଭୋଗିବାକୁ ହେବ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ସେଦିନର ସଂଗ୍ରାମୀଦାୟାଦ ଅମିତାଭ



ନିବେଦିତା ମହାନ୍ତି

କଥାରେ ଅଛି- ଯମ ତ ନଜାଣେ ବାଳୁତ ଯୁବା । ଆଜିର ଦିନରେ ସଂଗ୍ରାମ କ୍ଷେତ୍ରରେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରଥମ ସହକର୍ମୀ ସ୍ୱର୍ଗୀୟ ଭାଗୀରଥି ମହାପାତ୍ର ଓ ସ୍ୱାଧୀନତା କ୍ଷେତ୍ରରେ ପ୍ରଥମ ମହିଳା ନାରୀ ସଂଗ୍ରାମୀ ଓ ରାଜବନ୍ଦିନୀ ଭାବେ ଜୀବନ ଉତ୍ସର୍ଗ କରିଥିବା ସରଳା ଦେବୀଙ୍କର ଏକମାତ୍ର ପୁତ୍ର ଅମିତାଭ ମହାପାତ୍ରଙ୍କର ୧୯୮୫ ମସିହାରେ ଦେହାବସାନ ଘଟିଥିଲା ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ, ରାଷ୍ଟ୍ରନୀତିଜ୍ଞ ତଥା ଭାରତୀୟ ସମ୍ବିଧାନ ସଭାର ସଦସ୍ୟ, ଓଡ଼ିଶା କଂଗ୍ରେସର ଭଗୀରଥ, ଭାଗୀରଥି ମହାପାତ୍ର ଓ ଓଡ଼ିଶାର ପ୍ରଥମ ମହିଳା ସତ୍ୟାଗ୍ରହୀ, ରାଜବନ୍ଦିନୀ, ବିପ୍ଳବିନୀ, ପ୍ରଥିତଯଶା ଲେଖିକା ସରଳାଦେବୀଙ୍କର ଏକମାତ୍ର ପୁତ୍ର ଅମିତାଭ (ଶ୍ରଦ୍ଧେୟ ଟିକୁନ)ଙ୍କର ଜନ୍ମ ୧୯ ନଭେମ୍ବର ୧୯୨୪ ମସିହା ସୁଦୂର ବିହାର ଅର୍ନ୍ତଗତ ଦରଭଙ୍ଗାରେ ହୋଇଥିଲା । ପିଲାଦିନେ ସ୍ୱାଧୀନତା ଆନ୍ଦୋଳନରେ ମାତାପିତାଙ୍କର ସକ୍ରିୟ ଯୋଗଦାନ ଯୋଗୁଁ ବହୁସମୟରେ ତାଙ୍କୁ ପିତାମାତାଙ୍କ ସ୍ନେହରୁ ବଞ୍ଚିତ ହେବାକୁ ପଡ଼ିଥିଲା । ପିଲାଦିନେ ଅନେକ ସମୟରେ ସେ ନିଜ ଜ୍ଞାତି ପରିଜନଙ୍କ କୋଳରେ ସମୟ କାଟିଥିଲେ । ମାତ୍ର ୪ମାସର ଶିଶୁ ପୁତ୍ର ଭାବେ ହଜାରୀବାଗ ଜେଲରେ ମା' ସରଳା ଦେବୀଙ୍କ ସଙ୍ଗରେ ସେ ରହିଥିଲେ । ଚାରିବର୍ଷ ବୟସ ହେଲାବେଳକୁ ତାଙ୍କୁ ପିତା ଭାଗୀରଥି, ନିଜ ପରିବାରର ଜ୍ଞାତିଜନ ଓ ଅଳକା ଆଶ୍ରମରେ ବିତାଇବାକୁ ପଡ଼ିଥିଲା । କାରଣ ମା' ସରଳା ଦେବୀ ଲୁଣ ଲବଣ ସତ୍ୟାଗ୍ରହରେ ଗିରଫ ହେବା ପରେ ସୁଦୂର ଭେଲୋର ଜେଲ୍‌ରେ ୬ମାସ ପାଇଁ ବନ୍ଦୀ ଥିଲେ (୩୧,ମେ ୧୯୩୦ରୁ ୬ ଡ଼ିସେମ୍ବର ୧୯୩୦ ଯାଏଁ )।

ସେତେବେଳର ପରିବେଶ ତାଙ୍କୁ ବାନରସେନାରେ ଯୋଗଦାନ କରିବାକୁ ବାଧ କରିଥିଲା। ରେଭେନ୍ସା କଲିଜିଏଟ୍ ସ୍କୁଲ୍‌କୁ ପାଠ ପଢ଼ିବାକୁ ଯିବା ସମୟରେ ଅଧିକାଂଶ ସମୟ ସେ ସ୍ୱରାଜ ଆଶ୍ରମକୁ ଯିବା ଆସିବା କରିବା ଓ ଗାନ୍ଧିବାଦୀମାନଙ୍କ ସହିତ ସିଧାସଳଖ ସମ୍ପର୍କରେ ଆସିବା ଯୋଗୁଁ ସେ ସବୁ ତାଙ୍କୁ ଦେଶପ୍ରେମ ଓ ସମାଜସେବାରେ ବାନ୍ଧି ରଖି ପାରିଥିଲା । ତେଣୁ ରେଭେନ୍ସା କଲେଜରେ ପାଠ ପଢ଼ିବା ସମୟରେ ୧୯୪୦ ମସିହାରେ ମାତ୍ର ୧୬ବର୍ଷ ବୟସରେ ମଦ ଦୋକାନ ସମ୍ମୁଖରେ ପିକେଟିଂ କରିବା, ବିଦେଶୀ ବସ୍ତ୍ର ପୋଡ଼ିବା ଆଦି ଅପରାଧରେ ୧୧ଦିନ ଲାଗି ଅମିତାଭଙ୍କୁ ଅଟକବନ୍ଦୀ ରଖା ଯାଇଥିଲା ।

ପରବର୍ତ୍ତୀ ସମୟରେ ଅନ୍ୟ ବାନରସେନା ଓ ସଂଗ୍ରାମୀମାନଙ୍କ ସହିତ ମିଶି କଂଗ୍ରେସର ନୀତି, ଆଦର୍ଶ, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ, ବିଦେଶୀବସ୍ତ୍ର ବର୍ଜନ ଓ ବିଭିନ୍ନ ବାର୍ତ୍ତା ଗାଁ ଗାଁ ବୁଲି ପ୍ରଚାରରେ ନିଜକୁ ସେ ନିୟୋଜିତ କରିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନର ଡାକରାରେ ବଡ଼ ବଡ଼ କଂଗ୍ରେସ ନେତାଙ୍କ ସମେତ ପିତା ଭାଗୀରଥି ଓ ମାତା ସରଳା ଦେବୀଙ୍କ କାରାବରଣ ପରେ ସେ ଇଂରେଜ ସରକାର ବିରୋଧୀ କାର୍ଯ୍ୟକଳାପ ଓ ବାର୍ତ୍ତା ପ୍ରଚାର ଯୋଗୁଁ ଦୁଇବର୍ଷ ଲାଗି ବ୍ରହ୍ମପୁର ଜେଲରେ କାରାବରଣ କରିବାକୁ ପଡ଼ିଥିଲା ।

ସ୍ୱାଧୀନତା ପରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷା ସମାପ୍ତି ପରେ ସେ ଓକିଲାତିରେ ଯୋଗଦାନ କରିଥିଲେ । କିନ୍ତୁ ପିଲାଦିନରୁ ପିତାମାତାଙ୍କର ଶିକ୍ଷା, ଆଚରଣ ଓ ସଂସ୍କାର ଖୁବ୍ ପ୍ରଭାବ ତାଙ୍କ ଉପରେ ପକାଇଥିଲା। ଫୌଜଦାରୀ ଓ ଦେୱାନୀ କେଶ୍‌ରେ ପାରଦର୍ଶିତା ହାସଲକରି ଖୁବ୍‌କମ୍ ସମୟ ଭିତରେ ସେ ସଫଳତା ଲାଭ କରିପାରିଥିଲେ । କିନ୍ତୁ ଆଇନ ବ୍ୟବସାୟ ଓ ଅର୍ଥର ମୋହ ତାଙ୍କୁ ଗ୍ରାସ କରିପାରି ନଥିଲା । ନିଜର ସଂସ୍କାର ତାଙ୍କୁ ଏତେ ମାତ୍ରାରେ ପ୍ରଭାବିତ କରିପାରିଥିଲା ଯେ ସେତେବେଳେ ସେ ଜଣେ ଦକ୍ଷ ଆଇନଜୀବୀ ଭାବରେ ପ୍ରତିଷ୍ଠାଲାଭ କରିପାରିଥିଲେ ମଧ ଜଣେ ସଚ୍ଚୋଟ ଓ ସମର୍ପିତ ସମାଜସେବକ ଭାବେ ସେ ଅଧିକ ପ୍ରତିଷ୍ଠା ଲାଭ କରି ପାରିଥିଲେ । ୧୯୫୭ ମସିହାରେ ବନ୍ୟା ସମୟରେ ଜଣେ ସଂଗ୍ରାମୀ ସ୍ୱାମୀଙ୍କ ଅନୁପସ୍ଥିତିରେ ଅତ୍ୟାଚାରିତ ହୋଇଥିବା ସେ ସମୟରେ ଓଡ଼ିଶାରେ ଚହଳ ପକାଇଥିବା ବହୁ ଚର୍ଚ୍ଚିତ ଶାନ୍ତିଲତା ହତ୍ୟାକାଣ୍ଡର କେଶ୍ ଲଢ଼ିବାକୁ ତାଙ୍କୁ ଯେତେବେଳେ ସୁଯୋଗ ଆସିଲା ସେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ୧୯୬୪ ମସିହାରେ ହୋଇଥିବା ବିରାଟ ଛାତ୍ର ଅନ୍ଦୋଳନରେ ସ୍ୱର୍ଗୀୟ ବିଜୁଧେନ୍ଦୁ ମିଶ୍ର, ଆଡଭୋକେଟ ଅଶୋକ ଦାଶ ଓ ଅନ୍ୟାନ୍ୟ ବହୁ ନେତୃବୃନ୍ଦଙ୍କ ସହିତ ମିଶି ସେ ସେହି ଆନ୍ଦୋଳନକୁ ସଫଳ କରିଥିଲେ । ମାତା ସରଳା ଦେବୀ ସେହି ସମୟରେ କଟକର ଗୌରୀଶଙ୍କର ପାର୍କଠାରେ ଓ୍ୱଜସ୍ୱିନୀ ଭାଷଣ ଦେଇ ୧୪୪ ଧାରା ଭଙ୍ଗ କରିଥିଲେ । ଅମିତାଭ ସେହି ଛାତ୍ର ଆନ୍ଦୋଳନରେ ଅଂଶଗ୍ରହଣ କରି ନେତୃତ୍ୱ ନେଇଥିବା ଯୋଗୁଁ ତାଙ୍କୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ମଧ ଜେଲ୍ ଯିବାକୁ ପଡ଼ିଥିଲା ।

ଅମିତାଭ ଭାଇ (ଟିକୁନ ଭାଇ)ନାମରେ ତାଙ୍କର ଖ୍ୟାତି ତତ୍‌କାଳୀନ କୌଣସି ରାଜନେତାଙ୍କଠାରୁ ବି କମ୍ ନଥିଲା। ଜରୁରୀକାଳୀନ ପରିସ୍ଥିତିରେ ଜୟପ୍ରକାଶ ନାରାୟଣଙ୍କ ସକ୍ରିୟ ଆନ୍ଦୋଳନରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ କଟକର ବାଲିଯାତ୍ରା ପଡ଼ିଆଠାରେ ଏକ ବିରାଟ ସାଧାରଣ ସଭାର ଆୟୋଜନ ହୋଇ ପାରିଥିଲା, ଯେଉଁ ସଭାରେ କି ଜୟପ୍ରକାଶ ନାରାୟଣ ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ ।



**( ଶ୍ରାଦ୍ଧ ବାର୍ଷିକରେ ଶ୍ରଦ୍ଧାଞ୍ଜଳି)**

ସେତେବେଳର ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ସାଧାରଣ ସଂପାଦିକା ରାଜେନ୍ଦ୍ର କୁମାରୀ ବାଜପେୟୀ ନିର୍ଦ୍ଦେଶକ୍ରମେ ଦୁର୍ବଳ ହୋଇଯାଇଥିବା କଟକର କଂଗ୍ରେସକୁ ସଜାଡ଼ିବାକୁ କଟକ ନଗର କଂଗ୍ରେସ କମିଟିର ସଭାପତି ଭାବେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ୧୯୮୨ ମସିହାରେ ହୋଇଥିବା ବନ୍ୟା ସମୟରେ ମଧ ତାଙ୍କର ଅବଦାନ କିଛି କମ୍ ନଥିଲା। ତାଛଡ଼ା ଆଇନ୍ କ୍ଷେତ୍ରରେ ମଧ ଓଡ଼ିଶା ଭଳି ଗରିବ ରାଜ୍ୟର ଲୋକମାନଙ୍କ ପାଇଁ 'ଓଡ଼ିଶା ଲିଗାଲ୍ ସେଲ୍' ଗଠନ କରି ଜୀବନର ଶେଷ ପର୍ଯ୍ୟନ୍ତ ତାର ସଦସ୍ୟ ରହି ବହୁଲୋକଙ୍କୁ ସାହାଯ୍ୟ କରି ପାରିଥିଲେ । ସେହି ସମୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିରେ ସ୍ୱତନ୍ତ୍ରଭାବେ କଂଗ୍ରେସ ଲିଗାଲ୍ ସେଲ୍ ଗଠନ କରାଯାଇଥିଲା ।

କୋର୍ଟ କଚେରୀରେ ଅଧିକ ଖର୍ଚ୍ଚାନ୍ତ ନ ହୋଇ ସାଧାରଣ ଲୋକଙ୍କ ମାମଲାଗୁଡ଼ିକ ସେ ସ୍ୱଳ୍ପ ସମୟ ଓ ସ୍ୱଳ୍ପ ଖର୍ଚ୍ଚରେ ସମାଧାନ କରାଇ ପାରୁଥିଲେ। ସେଥିପାଇଁ ଅନେକ ଲୋକ ତାଙ୍କର ସାହାଯ୍ୟ ଓ ସହଯୋଗ ଲୋଡୁଥିଲେ। ଆପୋଷ ବୁଝାମଣା ଭିତରେ ତତ୍‌କାଳୀନ ଅନେକ ବଡ଼ ବଡ଼ କେଶ୍‌ର ବାଟ ଖୋଜି ବାହାର କରି ସର୍ବସାଧାରଣରେ ସେ ନିଜର ପ୍ରତିଷ୍ଠା ଅର୍ଜନ କରି ପାରିଥିଲେ । ଏ ସବୁ ବ୍ୟତୀତ ସେ ଥିଲେ କଂଗ୍ରେସ ଦଳର ଜଣେ ଦକ୍ଷ ସଂଗଠକ ଓ ସାଧାରଣ ଲୋକଙ୍କ ନିକଟରେ ଜଣେ ସ୍ନେହୀ ମଣିଷ ।

ଏକମାତ୍ର ପୁତ୍ର ହିସାବରେ ପିତାଙ୍କର ଦେହାବସାନ ପରେ ସେ ନିଜର ଶୋକସନ୍ତପ୍ତ ମା' ସରଳା ଦେବୀଙ୍କ ଅସୁସ୍ଥତାକୁ ସହଜରେ ଗ୍ରହଣ କରି ପାରି ନଥିଲେ । ତଥାପି ନିଜର ଭଗ୍ନ ସ୍ୱାସ୍ଥ୍ୟନେଇ ମଧ କେବେ କାହା ନିକଟରେ କ୍ଷୋଭ ପ୍ରକାଶ କରିନଥିଲେ । ସାଧାରଣ ମଣିଷଟିଏ ପରି ସେ ଦେଶ ଓ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ଏପରିକି ମୃତ୍ୟୁ ପୂର୍ବଦିନ (୧୯୮୫ ସେପ୍ଟେମ୍ବର ୨ତାରିଖ) ରାତ୍ରୀରେ କଟକ ନଗର କଂଗ୍ରେସ (ଇ) ତରଫରୁ କଂଗ୍ରେସ ଶତବାର୍ଷିକ ଉପଲକ୍ଷେ କଟକର ସହିଦ ଭବନ ଠାରେ ଆୟୋଜିତ କାର୍ଯ୍ୟକାରୀ କମିଟି ବୈଠକରେ ସେ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ କମିଟିରେ ମଧ ରହିଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଏହି ଯେ, ସେ ସେହି କାର୍ଯ୍ୟକାରୀ କମିଟିର ବୈଠକରୁ ଉଠିବା ପରଠାରୁ ନିଜ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଠିକ୍ ତା ପରଦିନ ପିତାଙ୍କ ମୃତ୍ୟୁର ଦଶବର୍ଷ ଏକମାସ ଏକଦିନ (୧୯୮୫ ସେପ୍ଟେମ୍ବର ୩ ତାରିଖ) ମାତ୍ର ୫୮ବର୍ଷ ବୟସରେ ତାଙ୍କର ରୁଗ୍‌ଣ ମାତା ସରଳା ଦେବୀ, ସହଧର୍ମିଣୀ, ତିନିକନ୍ୟା ଓ ତିନିପୁତ୍ରଙ୍କୁ ଶୋକସାଗରରେ ଭସାଇଦେଇ ସେ ପରଲୋକ ଗମନ କରିଥିଲେ ।

ଏହିପରି ଏକ ସ୍ନେହୀ ପ୍ରୀତିପୂର୍ଣ୍ଣ, କର୍ମମୟ ତଥା ସମାଜସେବୀ ବ୍ୟକ୍ତିତ୍ୱର ଏତେ ଅଳ୍ପବୟସରେ ଅବସାନ ହୋଇଯିବ ବୋଲି କାହାର ଧାରଣା ମଧ ହୋଇ କରି ନଥିଲା। ସେ ସମୟରେ ଯେଉଁମାନେ ଅମିତାଭ ବାବୁଙ୍କ ସଂସ୍ପର୍ଶରେ ଆସିଥିଲେ ସମସ୍ତେ ମର୍ମାହତ ହୋଇଥିଲେ । ଆଜି ସେହି ଦିବଂଗତ ନେତାଙ୍କ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି।

**ଭୁବନେଶ୍ୱର,ମୋ-୮୨୪୯୧୬୦୨୯୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁବର୍ଣ୍ଣରେଖାରେ...

ବାଲେଶ୍ୱରର ବହୁ ପଞ୍ଚାୟତ ଜଳମଗ୍ନ ହୋଇଥିବାବେଳେ ବିଭିନ୍ନ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି ।

ମଙ୍ଗଳବାର ଆଖୁଆପଦାଠାରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହିତ ହୋଇଥିଲା । ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ଏଠାରେ ବିପଦ ସଙ୍କେତ ୧୮.୩୩ ମିଟରର ଥିବାବେଳେ ୧୭.୮୫ ମିଟର ଉପରେ ଜଳ ପ୍ରବାହିତ ହେଉଛି । ଅଗଷ୍ଟ ମାସରୁ ସେପେଟମ୍ବର ପର୍ଯ୍ୟନ୍ତ ଲଗାତାର ଲଘୁଚାପ ପ୍ରଭାବରେ ଭଦ୍ରକ ଓ ଯାଜପୁର ଜିଲ୍ଲା ବନ୍ୟା ଯୋଗୁ ପ୍ରଭାବିତ ହୋଇଛି । ଏପର୍ଯ୍ୟନ୍ତ ବହୁ ଅଞ୍ଚଳ ଜଳମଗ୍ନ ରହିବା ସହ ବନ୍ୟା ବିପନ୍ନଙ୍କ ଯନ୍ତ୍ରଣା କମୁନି । ପୁଣି ବନ୍ୟା ପାଣିରେ ବୁଡ଼ି ରହିବାକୁ ପଡୁଛି । ଆଗକୁ ଆଉ ଦୁଇଦୁଇଟା ଲଘୁଚାପ ବର୍ଷା ବିପନ୍ନଙ୍କ ଚିନ୍ତା ବଢ଼ାଇ ଦେଇଛି ।

## ପାଣି ଘେରରେ...

ଆରୁହାବୃତି-୧ ଓ ୨, ମିଆଁପାଟଣା, ନଥିପୁର, ହରିଣକୁଲି, ନୀଳପୁରା, ଚିରକୁଲା, ଗବଗାଁ, କୁସୁଡ଼ା, ରାମଦେଇଚକ, ପୁରୁଷୋତ୍ତମପୁର, ଦୁବାଳିଆ, କୃଷ୍ଣପୁର, ବାଜିଆ, ତେଘୋରି, ଉଲୁଡ଼ା, ନାଚିନ୍ଦା, ମହମ୍ମଦପୁର, ଜଳଧା, ରଘୁଚକ, ଦେଉର, ନିଶ୍ଚିନ୍ତ ଡ଼ିହା, କୁମ୍ଭୀରଗଡ଼ି, ରସଲପୁର, କନ୍ତେଇ, କନା, ଖଳାବାଡ଼ିଆ ଗାଁରେ ପାଣି ପଶିଯାଇଛି । ଭୋଗରାଇ ବ୍ଲକ ନିକଟରେ କମ୍‌ଉଚ୍ଚ ଦୁର୍ବଳ ଥିବା ବନ୍ଧଗୁଡ଼ିକ ନିକଟରେ ବାଲିବସ୍ତା ପକାଯାଇଥିବା ଖବର ମିଳିଛି । ସେହିପରି ବସ୍ତା ଅଂଚଳଦେଇ ପ୍ରବାହିତ ହୋଇଥିବା ଜଳକା ନଦୀରେ ବନ୍ୟା ଆସିବା ଫଳରେ ବସ୍ତା ବ୍ଲକର ବିଭିନ୍ନ ଅଞ୍ଚଳକୁ ପାଣି ମାଡ଼ିଯାଇଛି । ବାଲିଆପାଳ ବ୍ଲକର ବିଷ୍ଣୁପୁର ପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁପୁର, ନୟାବାଲି,ଇକୋଡ଼ପାଳ, ରାଣତ୍ରୀପୁର, ଜାମକୁଣ୍ଡା ପଞ୍ଚାୟତ ସମେତ ସୁଙ୍ଗମୁହଁ ଉଦମାନସିଂ, ଆଠବାଟିଆ, ଗୁନାପୁର, ମଧୁପୁରା, ବଡ଼ବସ୍ତ, କାଳରୁଇ, ଚୌଧୁରୀକୁଦ, ପାଳଚମ୍ପେଇ, ଶରଦାସାହି, ଚଡ଼ବଡ଼ାପାଳ, ସୂର୍ଯ୍ୟପୁର, କଣ୍ଟାବଣି ଆଦି ଗ୍ରାମରେ ବନ୍ୟାଜଳ ପଶିବା ଫଳରେ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସର୍ଦ୍ଦାରବନ୍ଧ, ଶ୍ୟାମନଗର, ରାଇବଣିଆ,କାଳିକ ପଞ୍ଚାୟତ ପାଣିଘେରରେ ରହିଛି ।

ସେହିପରି ବୁଢାବଳଙ୍ଗ ନଦୀରେ ବନ୍ୟାଜଳ ଆସିବା ଫଳରେ ବାଲେଶ୍ୱର ସଦରବ୍ଲକ ସମେତ ବାଲେଶ୍ୱର ସହରର ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି । ବାଲେଶ୍ୱର ସହର ଅନ୍ତର୍ଗତ ଲାଲବାହାଦୁର ଶାସ୍ତ୍ରୀମାର୍ଗ ଚୂନଭାଟି ରାସ୍ତାରୁ କସିମିଳା ଆଡ଼କୁ ଯାଇଥିବା ରାସ୍ତାରେ ୫ଫୁଟରୁ ଉର୍ଦ୍ଧ୍ୱ ବନ୍ୟା ପାଣି ପ୍ରବାହିତ ହେବା ଫଳରେ ଏହି ରାସ୍ତା ଦେଇ ଯାତାୟାତ ଠପ ହୋଇଯାଇଛି । ବାଲେଶ୍ୱର ମ୍ୟୁନିସ୍‌ପାଲିଟି ଅନ୍ତର୍ଗତ ଶ୍ରୀକୋଣପୁର, ଯାଦପୁର, ସଦରବ୍ଲକ ଅନ୍ତର୍ଗତ ନଗରମ, କସିମିଳା,କୁଡ଼ିଆ ଆଦି ଅଞ୍ଚଳରେ ବନଯାପାଣି ମାଡ଼ିଯିବା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛି । କେତେକସ୍ଥାନରେ ପରିସ୍ଥିତି ଏପରି ହୋଇଛି ଯେ ଗାଁ ଦାଣ୍ଡରେ ଦେଶୀଡ଼ଙ୍ଗା ଚାଲିଛି । ଆଉ କେତେକ ସ୍ଥାନରେ ପାୱାରବୋର୍ଟ ଲୋକମାନଙ୍କ ପାଇଁ ସାହାଭରଷା ସାଜିଛି । ବନ୍ୟା ପାଣି ବଢୁଥିବାରୁ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସତର୍କ କରାଯିବା ସହ ସବୁଠି ବାଲିବସ୍ତା ମହଜୁଦ କରି ରଖାଯାଇଛି । ଉଦ୍ଧାରକାର୍ଯ୍ୟ ନିମନ୍ତେ ୯ଟି ବୋଟ୍ ଓ ଏନ୍‌ଡିଆରଏଫ୍ ଟିମ୍ ପ୍ରସ୍ତୁତ ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ବନଯା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯିବା ସହ ଯେକୌଣସି ପରିସ୍ଥିତିର ତତ୍କାଳ ମୁକାବିଲା ନିମନ୍ତେ ପ୍ରଶାସନିକ ଅଧିକାରୀମାନେ ତତ୍ପରଥିବା ଜଣାପଡ଼ିଛି ।

## ନବୀନ...

ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନଙ୍କ ମାମଲାକୁ ଖାରଜ କରିଥିଲେ । ଯାହାକୁ ଖୋର୍ଦ୍ଧା ଜିଲ୍ଲା କୋର୍ଟ କାଏମ ରଖିଛନ୍ତି । ସରକାରୀ କୋଷାଗାରରୁ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ କରି ହେଲିକପ୍ଟର ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୋଇଥିଲା । କିନ୍ତୁ ୨ ବର୍ଷ ବିତିଯିବା ପରେ ମଧ୍ୟ ଅଭିଯୋଗର ସତ୍ୟତା ନେଇ କୌଣସି ପ୍ରମାଣ ଉପସ୍ଥାପନ ହୋଇପାରି ନଥିଲା । ତେଣୁ ଆଇନଗତ ଏବଂ ପ୍ରାମାଣିକ ତ୍ରୁଟି ପାଇଁ ଜିଲ୍ଲା ଜଜ୍ ବି ଏହି ମାମଲାରେ କୌଣସି ଭିତ୍ତି ନଥିବା ସ୍ପଷ୍ଟ କରି ଖାରଜ କରିଛନ୍ତି ।

ତେବେ ବିଜେଡି ପକ୍ଷରୁ ପ୍ରତିକ୍ରିୟା ଦିଆଯାଇ କୁହାଯାଇଛି ଯେ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ମିଥ୍ୟା ଓ କପୋଳ କଳ୍ପିତ ଅଭିଯୋଗ କରାଯାଇଥିଲା । ବିରୋଧୀମାନେ ଅସହିଷ୍ଣୁ ଭାବନା ନେଇ ଏହି ଚକ୍ରାନ୍ତ କରି ବାରମ୍ବାର ଅଭିଯୋଗ କରୁଥିଲେ । ଯାହାକି ମିଥ୍ୟା ବୋଲି ପ୍ରମାଣିତ ହୋଇଛି । ସତ୍ୟ ଓ ନ୍ୟାୟର ବିଜୟ ହୋଇଛି ।

## ସଶକ୍ତ...

ଆଉ ୧୪ଟି ଆଇଏସ୍‌ଏସ୍ ପ୍ରକଳ୍ପ ଏବଂ ୬ଟି ମିଡିଅମ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ । ବର୍ତ୍ତମାନ ୫ଟି ନୂଆ ମେଜର ଓ ମିଡିଅମ୍, ୫୮ଟି ମେଗା ଲିଫ୍ଟ ଏବଂ ୫ଟି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।

ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରକୁ ସହାୟତା ପାଇଁ ୩,୨୨୪ଟି କମ୍ୟୁନିଟି ଲିଫ୍ଟ ଇରିଗେସନ୍, ୨୦,୨୨୮ଟି ଡିପ୍ ବୋରୱେଲ୍ ଏବଂ ୮,୯୧୭ଟି ସୋଲାର ଡିପ୍ ବୋରୱେଲ୍ ନିର୍ମାଣ କରାଯାଇଛି । ଭୂ-ଜଳ ସ୍ଥିରତା ବଜାୟ ରଖିବା ପାଇଁ 'ଛାତ' ଯୋଜନାରେ ୨୦,୦୦୦ ରୁଫ୍‌ଟପ୍ ରେନ୍‌ୱାଟର ହାର୍ଭେଷ୍ଟିଂ ଷ୍ଟ୍ରକ୍ଚର ଏବଂ 'ଅରୁଆ' ଯୋଜନାରେ ୧,୨୦୦ଟି ରିଚାର୍ଜ ସାଫ୍ଟ ସମ୍ପୂର୍ଣ୍ଣ ହୋଇଛି । ଜଳସେଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ୪୦,୦୦୦ରୁ ଉର୍ଦ୍ଧ୍ୱ 'ପାଣି ପଞ୍ଚାୟତ'କୁ ସଶକ୍ତ କରାଯାଉଛି । ଏହିସବୁ ପଦକ୍ଷେପ ପାଇଁ ପୂର୍ବରୁ ପଞ୍ଚମ ରାଷ୍ଟ୍ରୀୟ ଜଳ୍ ପୁରସ୍କାରରେ ଓଡ଼ିଶା 'ସର୍ବଶ୍ରେଷ୍ଠ ରାଜ୍ୟ' ଭାବେ ଘୋଷିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବହୁ ପ୍ରତୀକ୍ଷିତ 'କାନୁ ପୁର ପ୍ରକଳ୍ପ'ର ସଫଳ ସମାପ୍ତି ବିଷୟରେ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଉଲ୍ଲେଖ କରିଛନ୍ତି । ୨୦୦୩-୦୪ରୁ ଅଟକି ରହିଥିବା ଏହି ପ୍ରକଳ୍ପର ସ୍ଥାନୀୟ ମା' ଶାଳବଣୀ ଇଷ୍ଟଦେବୀଙ୍କ ପୀଠର ସମ୍ମାନଜନକ ସ୍ଥାନାନ୍ତର, ଏନ୍‌ଏଚ୍‌ଏଆଇ ସହ ସମନ୍ୱୟ ଏବଂ ସିଡବ୍ଲ୍ୟୁସି ଓ ଆଇଆଇଟି ରୁର୍କୀର ବୈଷୟିକ ସହାୟତାରେ ପ୍ଲାଷ୍ଟିକ୍ କଟ୍-ଅଫ୍ ୱାଲ୍ ନିର୍ମାଣ କରି ସମସ୍ତ ସମସ୍ୟାର ସମାଧାନ କରାଯାଇଛି । ଅଗଷ୍ଟ ୩୧ ସୁଦ୍ଧା ଏହି ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଆସନ୍ତା ବର୍ଷକ ମଧ୍ୟରେ କେନାଲ ନେଟୱାର୍କ ଶେଷ ହୋଇ ୨୫,୦୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବ । ଡବଲ୍ ଇଞ୍ଜିନ୍ ସରକାରଙ୍କ ମାର୍ଗଦର୍ଶନରେ ଓଡ଼ିଶା ଜଳ ସମ୍ପଦର ଉତ୍କୃଷ୍ଟ ପ୍ରବନ୍ଧନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି ।

## ଆମେରିକା...

ନେପାଳ ଭଳି ବିପର୍ଯ୍ୟସ୍ତ ରାଷ୍ଟ୍ର ଗୁଡିକ କ୍ଷତିପୂରଣ ଦେବା ନେପାଳ ଆନୁଷ୍ଠାନିକ ଭାବେ ଏହାର ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଜାଳବାୟୁ ସମ୍ବନ୍ଧୀୟ କ୍ଷତିପୂରଣ ଦାବି ପତ୍ର ପଠାଇଛି । ହିମାଳୟରୁ ଏଯେଉଁ ସୁନାମୀ ଆସିଲା ନେପାଳକୁ ଏହି ଖେଳକ୍ଷତି ଭରଣ କରିବା ପାଇଁ ୪ରୁ ୫ ବିଲିୟନ ଡଲାର ଆବଶ୍ୟକ ରହିଛି । ଯଦି ହିମାଳୟରୁ ହିମବାହ ଉଭାବ ହୋଇଯାଏ ତେବେ ଦକ୍ଷିଣ ଏସିଆଙ୍କ ୨୦୦ କୋଟି ଅଧିକ ଲୋକ ଜଳସୁରକ୍ଷା ଉପରେ ବିପଦ ପଡ଼ିବ । ନେପାଳ ପ୍ରଧାନମନ୍ତ୍ରୀ ଖୁବ ଶୀଘ୍ର ଜାତିସଂଘ ସାଧାରଣ ଅଧିବେଶନରେ ଯୋଗଦେବାକୁ ନ୍ୟୁୟର୍କ ଯିବେ । ସେଠାରେ ଏହି ପ୍ରସ୍ତାବ ଦିଆଯିବ । ନେପାଳ ସରକାରଙ୍କ ପକ୍ଷରୁ ହୋଇଥିବା କ୍ଷୟକ୍ଷତିର ଭରଣା ଲାଗି ଅର୍ଥଦେବାକୁ ଅନୁରୋଧ ପଠାଯାଇଛି । ଭାରତ, ଚୀନ ଓ ଆମେରିକା ଅନୁରୂପ ଭାବେ କ୍ଷତିପୂରଣ ଦିଅନ୍ତୁ ବୋଲି ଦାବି କରାଯାଇଛି ।

## ବାରଣାସୀ...

ରେଲୱେ ଟିକେଟ୍ ଓ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା ।

ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲଓ୍ୱନ୍ତ ସିଂହ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଖୋର୍ଦ୍ଧା ରୋଡ୍ ଡିଭିଜନର ଅତିରିକ୍ତ ଡିଆର୍‌ଏମ୍ ପ୍ରଦୀପ କୁମାର ବେହେରା, ଆଇଆରସିଟିସିର ଆଞ୍ଚଳିକ ପରିଚାଳକ ଅନୁଜ ଦତ୍ତ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ୨୦୨୬-୨୭ ବର୍ଷରେ ମୋଟ ୧୦ ଟି ପର୍ଯ୍ୟାୟରେ ୮,୦୦୦ ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣାସୀ, ହରିଦ୍ୱାର, ଋଷିକେଶ, ରାମେଶ୍ୱରମ ଓ ମଦୁରାଇ ଭ୍ରମଣ କରିବେ ।

## ଏୟାର...

ମୂଲ୍ୟାୟନ କରାଯାଇଥିଲା । ଅଗଷ୍ଟ ୧୧ ଓ ୧୨ ତାରିଖରେ ଅଯୋଧରେ ୧୬ ଜଣ ପ୍ରାର୍ଥିଙ୍କ ସାକ୍ଷାତକାର ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଶ୍ରୀ ମିଶ୍ରଙ୍କୁ ଚୟନ କରାଯାଇଛି । ୧୯୮୬ରେ ଶ୍ରୀ ମିଶ୍ରା ଭାରତୀୟ ବାୟୁସେନାରେ ଯୋଗଦେଇଥିଲେ । ୩୮ ବର୍ଷ କାର୍ଯ୍ୟକଳା ପରେ ୨୦୨୬ରେ ଅବସର ନେଇଥିଲେ । ଅଯୋଧ୍ୟା ରାମମନ୍ଦିରରେ ଦାନ, ଆର୍ଥଚୋରୀ ଘଟଣା ପରେ ଢ଼ାଞ୍ଚଗତ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯାଇଛି । ଶ୍ରୀ ମିଶ୍ର ତାଙ୍କ ଚାକିରି କାଳରେ ଉଲ୍ଲେଖନୀୟ ସର୍ବତମ ଯୁଦ୍ଧ ପଦକ, ଅତିବିଶିଷ୍ଟ ସେବା ପଦକ ଓ ବିଶିଷ୍ଟ ସେବା ପଦକ ପାଇଛନ୍ତି ।

## ୭ରେ...

ଦୌଡ଼ରେ ସାମିଲ କରିବା ପାଇଁ ସରକାର ତାଙ୍କୁ ରାତି ଅଧିଆ ପଦନ୍ନତୀ ଦେଇଥିଲେ । ଏହା ଡିଜିପି ଚୟନ ସମ୍ପର୍କିତ ନିୟମ ଓ ପ୍ରକାଶ ସିଂ ଗାଇଡ ମାମଲାର ଉଲ୍ଲଂଘନ ଅପରପକ୍ଷରେ ରାଜ୍ୟ ସରକାର ଜବାବୀ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ଆଇପିଏସ ଅଧିକାରୀଙ୍କ ପଦନ୍ନତୀ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟା ଏଥିରେ କୌଣସି ନିୟମର ଉଲ୍ଲଂଘନ ହୋଇନାହିଁ । ପୂର୍ବତନ ଡିଜିପି ୱାଇବି ଖୁରାନିଆ ଅବସର ନେଲା ପରେ ଅନ୍ତରୀଣ ଡିଜିପି ଭାବେ ବିନୟତୋଷ ମିଶ୍ରଙ୍କୁ ସରକାର ଦାୟିତ୍ୱ ଦେଇଛନ୍ତି । ଗତ ଅଗଷ୍ଟ ୭ରେ ପୋଲିସ ଡିଜି ଚୟନ ପାଇଁ ୟୁପି ଏସି ବୈଠକ ସ୍ଥଗିତ ହେବା ପରେ ଏହି ପ୍ରସଙ୍ଗ ସାମ୍ନାକୁ ଆସିଥିଲା । ଏହା ବିରୋଧରେ ଜନସ୍ୱାର୍ଥ ସମଳିତ ମାମଲା ଦାଖଲ କରାଯାଇଥିଲା । ଆମିକସ କୁରି ମଧ୍ୟ ରାଜ୍ୟ ଡିଜିପି ଚୟନରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଉଲ୍ଲଂଘନ ହେବା ପରେ ମତ ଦେଲା ପରେ ସୁପ୍ରିମକୋର୍ଟ ଏହି ମାମଲାକୁ ଗ୍ରହଣ କରିଥିଲେ । ପ୍ରଥମେ ୧୩ ତାରିଖ ଓ ପରେ ୧୮ ତାରିଖ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ତେବେ ରାଜ୍ୟର ଉତ୍ତର ରେକର୍ଡଭୁକ୍ତ ହୋଇନଥିବାରୁ କୋର୍ଟ ତାହା ଦେଖିବାକୁ ଚାହିଁବାରୁ ଶୁଣାଣି ସେପ୍ଟେମ୍ବର ୨କୁ ଧାର୍ଯ୍ୟ କରିଥିଲେ । ଏହି ମାମଲାର ଶୁଣାଣି ପୁଣି ୭ ତାରିଖକୁ ଘୁଞ୍ଚିଛି ।

# ଏଆଇ କୁମ୍ଭୀର ଫଟୋରେ ଲୋକେ ଭୟଭୀତ

ବୋରିଗୁମ୍ମା, (ସବ୍ୟୁ): ବୋରିଗୁମ୍ମା ଥାନା ଅନ୍ତର୍ଗତ ବଡ଼ପଡ଼ା ନଦୀରେ ୧୦ ଫୁଟିଆ କୁମ୍ଭୀର ଥିବା ନେଇ ଭାଇରାଲ ହୋଇଥିବା ଫଟୋର ପର୍ଦ୍ଦାଫାସ କରିଛି ବନ ବିଭାଗ । ନଦୀରେ କୌଣସି କୁମ୍ଭୀର ନାହିଁ, ବରଂ ଏହା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାହାଯ୍ୟରେ ତିଆରି କରାଯାଇଥିବା ଏକ ନକଲି ଫଟୋ ବୋଲି ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସୋସିଆଲ ମିଡିଆରେ ଏହି ମିଥ୍ୟା ଫଟୋ ପ୍ରସାରିତ କରି ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ବୋରିଗୁମ୍ମା ବନ ବିଭାଗ ବଡ଼ପଡ଼ା ଗ୍ରାମର ଦୁଇ ଭାଇ ପୂର୍ଣ୍ଣ ଭୂମିଆ ଓ ସୁରେନ୍ଦ୍ର ଭୂମିଆଙ୍କୁ ଅଟକ ରଖିଛି । ସେମାନଙ୍କ ବିରୋଧରେ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିବା ପାଇଁ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ ହୋଇଛି ।

ମଙ୍ଗଳବାର ନଦୀ ପଠାରେ ଏକ ବିରାଟ କୁମ୍ଭୀର ଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମାଲଦା ଓ ବଡ଼ପଡ଼ା ଅଞ୍ଚଳର ଚାଷୀ ତଥା ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଗଭୀର ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଜୟପୁର ଏସିଏଫ ଅମିତ କୁମାର ନାୟକଙ୍କ ନେତୃତ୍ୱରେ ବୋରିଗୁମ୍ମା ବନାଞ୍ଚଳ ଅଧିକାରୀ ଡମ୍ବୁରୁଧର ଗମାଙ୍ଗ ଓ ବନ କର୍ମଚାରୀମାନେ ଘଟଣାସ୍ଥଳ ଓ ସନ୍ଦିଗ୍ଧଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ସୁରେନ୍ଦ୍ର ଏଆଇ ଆପ ସାହାଯ୍ୟରେ କିପରି ନକଲି ଫଟୋ ପ୍ରସ୍ତୁତ କରି ଭାଇରାଲ କରିଥିଲେ, ତାହାର ଡେମୋ ଦେଖାଇବା ସହ ନିଜର ଭୁଲ ସ୍ୱୀକାର କରିଥିଲେ । ଭବିଷ୍ୟତରେ କେବେ ଏହିଭଳି ଭୁଲ ହେବ ନାହିଁ ବୋଲି ଲିଖିତ ଭାବେ ଫରେଷ୍ଟ ରେଞ୍ଜର ଙ୍କୁ ଦେଇଥିଲେ । ଏହା ଏକ ଗୁଜବ ବୋଲି ପ୍ରମାଣିତ ହେବା ପରେ ପ୍ରଶାସନ ପକ୍ଷରୁ ସୋସିଆଲ ମିଡିଆରେ ଏଭଳି ଭ୍ରାନ୍ତ ତଥ୍ୟ ନ ଫଇଲାଇବାକୁ ସାଧାରଣ ଜନତାଙ୍କୁ ସତର୍କ କରାଯାଇଛି । ଘଟଣା ସମ୍ପର୍କରେ ପୋଲିସ ଅଧିକ ତଦନ୍ତ ଚଳାଇଛି । ଏହି ଚଢ଼ାଉରେ ବୋରିଗୁମ୍ମା ଫରେଷ୍ଟର ମନୋଜ କୁମାର ମହାପାତ୍ର, ଟୁକୁନା କୋଟିଲିଙ୍ଗା, ଫରେଷ୍ଟ ଗାର୍ଡ ବିରେନ୍ଦ୍ର କିଷାନ, ପ୍ରିୟାଶ୍ରୀ ପାଢ଼ୀ,ସୋମା ମିଞ୍ଜି,ବିକ୍ରମ ବେହେରା, ଶିବ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।


**AFFIDAVIT**

I, Jyotirmayee Kar, W/O- Santosh Kumar Panda, resident of Choudhari Sahi, Motiganj, Balasore, Odisha, Pin- 756003 declare by this affidavit No.- 5094, Vol.- 111/26, Dtd.-06.08.2026 that now onwards I shall be known as **Jyotirmayee Panda** for all future purposes.
Sd/- Jyotirmayee Panda

**AFFIDAVIT**

By virtue of an affidavit before Executive Magistrate, Erasama. I, Anjali Das, D/o- Amulya Giri, Vill- Banapatkandha, P.o- Balithutha, Dist- Jagatsinghpur declare by affidavit No-2322 Dt-17.08.2026 that my name is Anjali Das which has been recorded in my Aadhaar card, Disability ID and Voter ID. But my name has been recorded as Anjali Giri in my School Certificate. Both **Anjali Das and Anjali Giri** is one and same person **D/o- Amulya Giri** of village Banapatkandha.

**ପୂର୍ବ ତଟ ରେଳପଥ**
**'E' ପ୍ରକ୍ୟୋରମେଣ୍ଟ ପ୍ରଣାଳୀ**
ନିବିଦା ସୂଚନା ସଂ.: Ref :SDMM/KUR/EP/ 2026-27/E-procument tender Notice/9, ଦିନାଙ୍କ : 27.08.2026
(1) ଟେଣ୍ଡର ସଂ.: 81266300
କ୍ରମ ସଂ. 1 : ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : [illegible] ପରିମାଣ : 80 [illegible]
(2) ଟେଣ୍ଡର ସଂ.: 81266310
କ୍ରମ ସଂ. 2 : ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : [illegible] ପରିମାଣ : 50 ସେଟ୍ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.09.2026 ରିଖ 1500 ଘଣ୍ଟା (ଉଭୟ କ୍ରମ ସଂ. ପାଇଁ) ।
ଉପରୋକ୍ତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଛି ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ
PR-408/R/26-27

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE, BURLA - 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
4001/292/2627 No. HHEP / WK-100/3/Vol-II / 6550 Date : 01.09.2026
**NOTICE INVITING TENDER No. HHEP-70/2026**
Sealed Tenders are invited in two parts i.e. (i) Techno-commercial Bid & (ii) Price Bid in separate sealed envelopes from reputed firms / agencies for execution of the following works as mentioned below.

| Description | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Rewinding & Repairing of 02 Nos. of 75 HP Jasco make Non Clog Sewrage Submersible pumps (Model: JSE 75) of #5 #6 D & D pit of Burla Power House | Rs. 4720/- (Rs. 4000/- + GST@18% | 8,950.00 |

- Period of Sale / Download of tender paper : 07.09.2026 (10.30AM) to 21.09.2026 up to 05:30PM
- Last Date & Time of Receipt of tender document : 22.09.2026 up to 03:30PM
- Date & time of opening of bid : 22.09.2026 at 04:00PM

For details of the tender documents, terms and conditions please visit our website www.ohpc.co.in
OIPR : 4001/4007/1/26-27/0025 Sd/- C & P Head HHEP, Burla

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/1727/2627
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.
ପତ୍ର ସଂଖ୍ୟା ୧୮ **ବିଜ୍ଞାପନ** ତା : ୧୪.୦୮.୨୬
[illegible]
ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0230

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/1728/2627
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.
ପତ୍ର ସଂଖ୍ୟା ୧୮ **ବିଜ୍ଞାପନ** ତା : ୧୩.୦୮.୨୬
[illegible]

| | | | |
|---|---|---|---|
| ୧ | ସୁର୍ଜିତ କିଆ ହିଆଲ୍, ପିତା-ସୁର୍ଜିତ ସାମୁଏଲ୍ ହିଆଲ୍, ଗ୍ରା-ଡଙ୍ଗାଇଡପୁଟ, ପୋ-ଲିଟିଗୁଡ଼ା, ଥା/ଜି-କୋରାପୁଟ | ଏଲ୍ଆଇ.ଜି-୧୩ (LIG-13) କମ୍ପୋଜିଟ ହାଉସିଂ ସ୍କିମ୍ କାଟି, ଭୁବନେଶ୍ୱର | ୧. ହେମନ୍ତ କୁମାର ହିଆଲ (ବି.ପୁତ୍ର) ୨. ଆଶାମଣି ଗନ୍ଧ (ବି.କନ୍ୟା) ୩. ପ୍ରଶାନ୍ତ ହିଆଲ (ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0231

E.Mail - rw_sundargarh@yahoo.co.in
**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, SUNDARAGADA**
25001/1069/2627
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-14 of 2026-27**
1 Name of the Work :- Road Works
2 Total No. of works :- 8 no Roads
3 Estimated cost :- From Rs.10.59 Lakhs to 19.07 Lakhs
4. Class of contractor :- D'&'C
5. Period of completion :- 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| Superintending Engineer, Rural Works Division, Sundaragada | Online-SeSNG-14 of 2026-27 | 05.09.2026 11.00 A.M. | 21.09.2026 5.00 P.M. |

Further details can be seen from the website www.tendersorissa.gov.in
Sd/- Superintending Engineer Rural Works Division, Sundaragada
OIPR : 25001/25046/1/26-27/0022

**OFFICE OF THE REGISTRAR VIKRAMDEV UNIVERSITY**
**NH - 26, JEYPORE, DIST: KORAPUT, ODISHA, PIN - 764001**
www.vikramdevuniversity.ac.in
No. 024/VDU/2026 Date : 01.09.2026
11001/292/2627
**ADVERTISEMENT FOR WALK IN INTERVIEW FOR TEMPORARY ENGAGEMENT OF RETIRED ASSISTANT PROFESSORS/ GUEST FACULTIES**
A Walk-in-interview will be held as per the following schedule for temporary engagement of **Retired Associate Professor/ Professor/ Adjunct Professors/ Professor Emeritus/ Professor of Practice/ Assistant Professors/ Guest Faculties to fill up the vacancies** on temporary/contractual basis in various departments of the Vikram Dev University, Jeypore as detailed below for a period of six (06) months or till filling up of the regular posts or orders of the higher authorities in this regard whichever is earlier. Interested candidates having minimum eligibility should attend the interview with their original certificates and mark sheets of all examinations from H.S.C onwards. The candidates must submit filled in Bio-data in the enclosed proforma with all relevant documents in original and self-attested photocopies before the board failing which the applicant will not be allowed to appear in the interview. No TA/DA will be paid for attending the interview. For more details the candidates are requested to visit University website: **http://vikramdevuniversity.ac.in.**
The engagement shall be made in accordance with the guidelines issued by the Government of Odisha in the Higher Education Department vide No. HE-UE- POLICY-0020-2023: 4477 /HE and HE-UE-POLICY-0020-2023: 4478 /HE dt. 01/02/2024 and UGC Regulation, New Delhi and Notification No. 10413 Dated 25.02.2025 of Addl. Secretary to Govt. Higher Education Department, Govt, of Odisha.
The applicants are required to attend the office of the VICE-CHANCELLOR, VIKRAM DEV UNIVERSITY, JEYPORE as per the schedule below.

SCHEDULE

| DATE | SUBJECT | TIME | SUBJECT | TIME |
|---|---|---|---|---|
| 09.09.2026 | Political Science | 10:00AM Onwards | Hindi | 02:00PM Onwards |
| 10.09.2026 | Master of Computer Application (Self-Financing) | 10:00AM Onwards | Teacher Education Self-Financing) | (02:00PM Onwards |

By the order of Vice Chancellor
Sd/- Registrar,
Vikram Dev University, Jeypore
OIPR : 11001/11133/1/26-27/0009

PHONE NO. - 06769-278015
OFFICE OF THE PRINCIPAL/SECRETARY
**SRI SRI BALUNKESWAR HIGHER SECONDARY SCHOOL**
AT/PO - BARUAN(B)
DIST. DHENKANAL, PIN - 759024 (ODISHA)
Letter No. 85/26 Date : 02.09.2026
**WALK-IN-INTERVIEW**
Candidates having 55% of Marks in P.G. Level for the Post of Lecturer in Economics on Guest Faculty basis can attend the Walk-in-interview with Biodata Original and Photo Copies of testimonials on dt. 11.09.2026 at 11.00 A.M. in the College premises.
No T.A / D.A will be paid for above said purpose. The authority reserves the right to cancel part or whole of the above Walk-in-interview without assigning any reason thereof.
Sd/- Principal
S.S Balunkeswar H.S. School
Baruan (B), Dhenkanal

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR.**
E-mail - eesbprnbdivision2@gmail.com Phone -0663-2410104
BID IDENTIFICATION No. SE/RandB/SBPII/04/2026-27
34001/719/2627 No. 3740/Dated 25,08.2026
**E-procurement notice**

| | | | |
|---|---|---|---|
| 1. | The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Single cover System in ONLINE MODE | | |
| 2. | No. of works | : | 06 (Six) Nos Road Maintenance Works |
| 3. | Tender Cost | : | Rs.10,000/-& 2,000/- |
| 4. | Class of Contractor | : | 'B', 'C & 'D' Class |
| 5. | Availability of bid document in the website. | : | 11:00 Hours 05.09.2026 to 17:00 Hours of 20.09.2026. |
| 6. | Date of Opening of Tenders | : | 11:30 Hours on dated 21.09.2026. |
| 7. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

Sd/- Superintending Engineer
OIPR : 34001/34136/1/26-27/0003 Sambalpur (R&B) Division No.II

E-Mail I.D.-eepwdcuttack@gmail.com
Tel./ Fax No.(0671)-2304128
**OFFICE OF THE SUPERINTENDING ENGINEER KATAKA (R&B) DIVISION NO.I : KATAKA**
**GOVERNMENT OF ODISHA**
34001/711/2627 ('e' PROCUREMENT NOTICE)
**Bid Identification No. S.E. CTC(R&B)-24 of 2026-27**
**TENDER CALL NOTICE**
1. The Superintending Engineer, Kataka (R&B) Division No.I, Kataka on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Building works as mentioned below.
2. No. of Work : 02 Nos.
3. Nature of work : Building works
4. Class of Contractor : "C" & B" Class & "D" & C" Class
5. Tender Paper Cost : **Rs.6000/- (Online)**
6. Available of bid documents in the website : From 05/09/2026 to 5PM of 17/09/2026
7. Date of Opening of Bid : 11AM of 18/09/2026
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/ corrigendum/ cancellation of tender can also be seen in the said website.

Sd/- (Er. Md. Shahbaz)
Superintending Engineer,
OIPR : 34001/34091/1/26-27/0017 Kataka (R&B) Division No.I

**GOVERNMENT OF ODISHA**
**PANCHAYATI RAJ & DRINKING WATER DEPTT.**
19001/236/2627 -X-X-X-X-X-X-
**OFFICE OF THE PANCHAYAT SAMITI , SOHELA**
At-Sohela . Po-SOHELA, Dist-Bargarh, Pin-768033
E-mail:- ori-sohella@od.gov.in
No. 3161 Dt. 01.09.2026
**National Competitive Bidding through e-procurement**
**Bid Identification No. 04 /2026-27**
The BDO , SOHELA on behalf of PANCHAYAT SAMITI , SOHELA invites Percentage bid through e-procurement in single cover system according to norm of e-Procurement system in on-line mode. Bid Documents consisting of work , Cost of Tender Paper , EMD , Time of Completion . Class of Contractor and the set of Terms and conditions and other necessary documents can be seen in Govt website , i.e **www.tendersodisha.gov.in**
1. Nature of Work : Building Construction work as mentioned in DTCN.
2. No. of works : 1 (One Nos.)
3. Estimate Cost : Rs. 1357281/-
4. Period of Completion : 150 Days
5. Class of Contractor : "D" Class
6. Date & Time of availability of Bid Documents in the portal for Bidding. : 11.00 AM on dt.02-09-2026 up to 05.00 PM on dt.09-09-2026
7 Last date & time for receipt of Bids in the portal. : 09-09-2026 at 05.00 PM.
8. Bid opening Date : Dt.10-09-2026 at 11.00 AM

The bidders have to participate in online bidding only. Further details can be seen from the website https:// www.tendersodisha.gov.in
OIPR : 19001/19477/1/26-27/0002 Sd/- Block Development Officer, SOHELA

**GOVERNMENT OF ODISHA**
**PANCHAYATI RAJ & DRINKING WATER DEPTT.**
19001/235/2627 -X-X-X-X-X-X-
**OFFICE OF THE PANCHAYAT SAMITI , SOHELA**
At-Sohela . Po-SOHELA, Dist-Bargarh, Pin-768033
E-mail:- ori-sohella@od.gov.in
No. 3159 Dt. 01.09.2026
**National Competitive Bidding through e-procurement**
**Bid Identification No. 03 /2026-27**
The BDO , SOHELA on behalf of PANCHAYAT SAMITI , SOHELA invites Percentage bid through e-procurement in single cover system according to norm of e-Procurement system in on-line mode. Bid Documents consisting of work , Cost of Tender Paper , EMD , Time of Completion . Class of Contractor and the set of Terms and conditions and other necessary documents can be seen in Govt website , i.e **www.tendersodisha.gov.in**
1. Nature of Work : Building Construction work as mentioned in DTCN.
2. No. of works : 1 (One Nos.)
3. Estimate Cost : Rs. 1357281/-
4. Period of Completion : 150 Days
5. Class of Contractor : "D" Class
6. Date & Time of availability of Bid Documents in the portal for Bidding. : 11.00 AM on dt.02-09-2026 up to 05.00 PM on dt.09-09-2026
7 Last date & time for receipt of Bids in the portal. : 09-09-2026 at 05.00 PM.
8. Bid opening Date : Dt.10-09-2026 at 11.00 AM

The bidders have to participate in online bidding only. Further details can be seen from the website https:// www.tendersodisha.gov.in
OIPR : 19001/19477/1/26-27/0001 Sd/- Block Development Officer, SOHELA

ସମୟ

# ଉପସାଗରୀୟ ଅଞ୍ଚଳରେ ଭାରତ ମସଲା କମ୍ପାନୀ

## ପାରାଦୀପ ବନ୍ଦରରୁ ୟୁଏଇ ଗଲା ଦୁଇଟି କଣ୍ଟେନର

କଟକ, (ସବ୍ୟୁ): ଭାରତ ମସଲା ତାର ମାନ, ପରିମାଣ ଓ ଗୁଣବତ୍ତା ପାଇଁ ବିଶ୍ୱ ଦରବାରରେ ନିଜର ଦବଦବା ବଜାୟ ରଖିଥିବା ବେଳେ ଏବେ ଅନ୍ତର୍ଜାତୀୟ ବଜାରରେ ଅଧିକ ଉତ୍ପାଦକ ସାମଗ୍ରୀ ପହଞ୍ଚାଇବା ଲକ୍ଷ୍ୟରେ ରପ୍ତାନି କ୍ଷେତ୍ରରେ ପଦକ୍ଷେପ ନେଇଛି । ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଭାରତ ମସଲା) ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦରରୁ ୟୁଏଇର ଜେବେଲ୍ ଅଲି ବନ୍ଦରକୁ ଦୁଇଟି କଣ୍ଟେନର ପଠାଇଛି। ଏହା ମାଧ୍ୟମରେ ଭାରତୀୟ ମସଲା ପାଇଁ ବିଦେଶୀ ବଜାରରେ ନୂଆ ସୁଯୋଗ ସୃଷ୍ଟି ସହ ରପ୍ତାନି ବ୍ୟବସାୟକୁ ଆହୁରି ସୁଦୃଢ଼ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି ବୋଲି ଫ୍ଲାଗ୍ ଅଫ୍ ବେଳେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ଶୁଶାନ୍ତ କୁମାର ପଣ୍ଡା କହିଛନ୍ତି। ଭାରତ ମସଲା ଚାରିଥର 'ଶ୍ରେଷ୍ଠ ରପ୍ତାନିକାରୀ କମ୍ପାନୀ'ର ପୁରସ୍କାର ରାଜ୍ୟ ସରକାରଙ୍କ ପକ୍ଷରୁ ପାଇଥିବା ବେଳେ ଏହି ଧାରାକୁ ବଳବତ୍ତର



ରଖିବାକୁ ଏହାର ଉତ୍ପାଦିତ ଦ୍ରବ୍ୟକୁ ଅଧିକରୁ ଅଧିକ ରପ୍ତାନି ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିଛି। ଚାଷୀ, ମସଲା ପ୍ରକ୍ରିୟାକରଣ ଶିଳ୍ପ ଓ ବିଦେଶୀ ବଜାର ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ସହ ଚାଷୀଙ୍କ ପାଇଁ ଅଧିକ ବଜାର ସୁଯୋଗ ଓ ଆୟ ସୃଷ୍ଟି କରିବା କମ୍ପାନୀର ଲକ୍ଷ୍ୟ ବୋଲି ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା କହିଛନ୍ତି। ଏହା ଦ୍ୱାରା ମସଲା ରପ୍ତାନି ମାଧ୍ୟମରେ ଦେଶ ବୈଦେଶିକ ମୁଦ୍ରା ଅର୍ଜନ କରିବା ସହ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିପାରିବ ଶ୍ରୀ ପଣ୍ଡା କହିଛନ୍ତି।

## ବିଜ୍ଞାନରେ ସତତା ପ୍ରତିଫଳିତ

# ବୈଜ୍ଞାନିକ ସନ୍ଦୀପ ମିଶ୍ର ସ୍ମାରକୀ ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) : ବିଜ୍ଞାନ ଗବେଷଣା କଷ୍ଟସାଧ୍ୟ ଏକାଗ୍ରତା ସାଧନା ସହିତ ବିଶ୍ୱ କଲ୍ୟାଣ ନିମନ୍ତେ ସତତା ର ପ୍ରତିଫଳନ ବୋଲି ବୁଧବାର ଅପରାହ୍ନରେ ଦିବଂଗତ ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ସେ ପଢିଥିବା ୟୁନିଟ୍ ଏକ ଉଚ୍ଚ ବାଳକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଶରତ କୁମାର ପାଲିତ କହିଛନ୍ତି। ବୈଜ୍ଞାନିକ ସନ୍ଦୀପ ମିଶ୍ର ସ୍ମରଣେ ସଭାରେ ତାଙ୍କର ହାଇସ୍କୁଲ୍ ଓ କଲେଜ ସହପାଠୀ ମହିଳା ପ୍ରସୂତୀ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ, ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ପ୍ରହରାଜ ସ୍ୱାଗତ ଭାଷଣ ଦେଉଥିଲେ ଓ ତପନ ମହାନ୍ତି ଶ୍ରୀ ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ପ୍ରଫେସର ଶରତ ପାଲିତ ସନ୍ଦୀପଙ୍କ ଗବେଷଣା ଲବ୍ଧ ଜ୍ଞାନ ଆଜି କେବଳ ଓଡ଼ିଶା ପାଇଁ ନୁହେଁ ଦେଶପାଇଁ ସ୍ୱତନ୍ତ୍ର ପରିଚୟ ଆଣିଛି



ବୋଲି କହିଥିଲେ। ବିଜ୍ଞାନ ଗବେଷଣା ବିଶ୍ୱ ସମୁଦାୟର କଲ୍ୟାଣରେ ବ୍ରତୀ ହେବା ପାଇଁ ଆହ୍ୱାନ କରିଥଲେ। ଧର୍ମପତ୍ନୀ ଶୁଭଲକ୍ଷ୍ମୀ ମିଶ୍ର, ପୁଅ ଶିବାଂଶ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ପ୍ରହରାଜ, ପ୍ରସନ୍ନ ପୂଜାପଣ୍ଡା ଡକ୍ଟର ପ୍ରବୋଧ ବଳିୟାରସିଂହ, ପ୍ରଶାନ୍ତ ଦାଶ, ଦେବୀପ୍ରସାଦ ପୃଷ୍ଟି, ତାରା ପ୍ରସନ୍ନ ମହାନ୍ତି ଶିକ୍ଷକ ବୃନ୍ଦ ପ୍ରକାଶ ଦାସ, ନଳିନୀ କୁମାରୀ ନନ୍ଦ, ମମତା କୁମାରୀ ମଲ୍ଲିକ ପ୍ରମୁଖ ଦିବଂଗତ ସନ୍ଦୀପଙ୍କ ସ୍ମୃତି ଚାରଣ ସହ ସ୍କୁଲ୍ ଜୀବନର ଅଭୁଲା ସ୍ମୃତି ବର୍ଣ୍ଣନା କରିଥିଲେ। ବିଜ୍ଞାନରେ କୃତିତ୍ୱ ହାସଲ କରିଥିବାରୁ ଛାତ୍ରୀ ପ୍ରମୋଦିନୀ ନାୟକ, ପ୍ରିୟଦର୍ଶିନୀ ସାହୁ, ମଧୁସ୍ମିତା ମୁଦୁଲିଙ୍କୁ ସମ୍ମାନ ପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶ୍ରେଣୀ ମନିଟର ଛାତ୍ର ପ୍ରତିନିଧି ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଟ୍‌ରେ କୃତିତ୍ୱ ଛାତ୍ର ପାର୍ଥସାରଥୀଙ୍କୁ ସମ୍ବର୍ଦ୍ଧିତ କଲେ ପ୍ରଭାତ

କଟକ, (ସ୍ୱପ୍ର): ଡାକ୍ତରୀ ଶିକ୍ଷା ନିମନ୍ତେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ନିଟ୍‌ରେ କୃତିତ୍ୱ ଅର୍ଜନ କରିଥିବା ୫୨ ନମ୍ବର ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ରନଗର ଅଞ୍ଚଳର ସାମ୍ବାଦିକ ଉମାକାନ୍ତ ଜେନାଙ୍କ ପୁତ୍ର ପାର୍ଥ ସାରଥୀ ଜେନାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ । ଡଃ ବିଶ୍ୱାଳ ପାର୍ଥ ସାରଥୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା



କରିଥିଲେ । ନିଟ୍ ପରୀକ୍ଷାରେ ପାର୍ଥ ସାରଥୀଙ୍କ ସଫଳତା ରାଜେନ୍ଦ୍ରନଗର ସମେତ ସମଗ୍ର ଅଞ୍ଚଳ ପାଇଁ ଏକ ଖୁସିର ଖବର ଓ ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୫୨ ନମ୍ବର ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା, ଫିରୋଜ ମହାପାତ୍ର, କୃଷ୍ଣଚନ୍ଦ୍ର ମାହୁନ୍ତ, ଗଜେନ୍ଦ୍ର ନାଥ ନାୟକ, ସରୋଜ ସ୍ୱାଇଁ, ରାଜେନ୍ଦ୍ର ଷଡ଼ଙ୍ଗୀ, ରମେଶ ଚୌଧୁରୀ, ରାଧେଶ୍ୟାମ ରଣା, ସାମ୍ବାଦିକ ମହେଶ ପାଟରା, ଅକ୍ଷୟ ପଣ୍ଡା, ଶୁଭେନ୍ଦୁ ମିଶ୍ର, ପ୍ରଦୀପ ସେଠୀ, ମାଗୁଣି ଚରଣ ଦାସଙ୍କ ସମେତ ବହୁ ମୁରବୀ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

## ଦୀର୍ଘ ପ୍ରତୀକ୍ଷାର ଅନ୍ତ

# ଓଏମ୍‌ପି ଛକ ଭେଣ୍ଡିଂ ଜୋନ୍ ଉଦ୍‌ଘାଟିତ

କଟକ, (ସ୍ୱପ୍ର) : ଦୀର୍ଘ ପ୍ରତିକ୍ଷାର ଅନ୍ତ ଘଟିଛି । ଶେଷରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଓଏମପି ଛକ ଭେଣ୍ଡିଂ ଜୋନ୍‌କୁ କଟକ ସାଂସଦ ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଛନ୍ତି । ଏହି ଭେଣ୍ଡିଂ ଜୋନରେ ୭୭ ଟି ଗୃହ ରହିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଓଏମପି ଛକରୁ ନୂଆବଜାର ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ରାସ୍ତାର ଗୋଟିଏ ପାର୍ଶ୍ୱରେ ଉଠା ଦୋକାନ କରି ଗୃହ ବ୍ୟବସାୟୀମାନେ ଗୁଜୁରାଣ ମେଣ୍ଟାଉଥିଲେ । ରାସ୍ତାର ପ୍ରଶସ୍ତକରଣ ଓ ଟ୍ରାଫିକ ସମସ୍ୟା ନେଇ ସେମାନଙ୍କୁ ଉଚ୍ଛେଦ କରାଯାଇଥିଲା । କେଏମସି ୩ ମାସରେ ସେମାନଙ୍କୁ ଥଇଥାନ କରିବାର ପ୍ରତିଶ୍ରୁତି ଦେଇ ଏଥିରେ ଖିଲାପ କରିଥିଲା । କଟକ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ତଥା ଓଏମପି ବଜାର କମିଟି ସଭାପତି ପ୍ରକାଶ ଦାଶ ବ୍ୟବସାୟୀଙ୍କ ସମସ୍ୟାକୁ ନେଇ ହାଇକୋର୍ଟରେ ଅପିଲ କରିଥିଲେ । ଏହି ଅପିଲକୁ ଗ୍ରହଣ କରି ଖୁବ୍‌ଶୀଘ୍ର ଭେଣ୍ଡିଂ ଜୋନ ମାଧ୍ୟମରେ ଉକ୍ତ ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ଜିଲ୍ଲାପାଳ ଓ କେଏମସିକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ଫଳରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଏବଂ କମିଶନର



କିରଣଦୀପ କୌର ସହୋତାଙ୍କ ସହଯୋଗରେ ଓଏମ୍‌ପି ଛକ ଶ୍ରୀଜା ହସ୍ପିଟାଲ ନିକଟରେ ୭୭ ଟି ଗୃହ ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସନ୍ତୋସ ପୃଷ୍ଟି, ଲକ୍ଷ୍ମୀଧର ସାହୁ, ରାକେଶ ସାହୁ, ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## କୁଆଡେ ଗଲେ ଶରତ

ଭୁବନେଶ୍ୱର, (ସବ୍ୟୁ) : ପାଞ୍ଚଦିନ ହେବ ଶରତ ସାହୁ କେଉଁଆଡେ ଯାଇଛନ୍ତି ପତ୍ତା ମିଳୁନାହିଁ । ପରିବାର ଲୋକେ ଖୋଜଖବର କରି ନପାଇବାରୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ପୋଲିସ ଖୋଜଖବର କରୁଥିବା ବେଳେ ତାଙ୍କ ପାଖରେ ମୋବାଇଲ ନଥିବାରୁ ଠାବ କରିବାରେ ସମସ୍ୟା ହେଉଛି ବୋଲି ସୂଚନା ମିଳିଛି । ଶରତ ସାହୁଙ୍କ ନିଜ ଘର ଖୋର୍ଦ୍ଧା ବୋଲଗଡ ଥାନା ଅନ୍ତର୍ଗତ ସାଗର ଗାଁରେ । ସେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ଡମଣା ହାଟ ବସ୍ତିରେ ସପରିବାରେ ରୁହନ୍ତି । ଶାରୀରିକ ଅସୁସ୍ଥତା ପାଇଁ ସ୍ତ୍ରୀ ଓ ପୁଅ ତାଙ୍କୁ ହସ୍ପିଟାଲ ନେଇ ଦେଖାଇବା ପରେ ଆଦିମାତା କଲୋନୀ ଝିଅ ଘରକୁ ଆସିଥିଲେ । । ରେଳ ବଜାରରୁ ଆସୁଛି କହି ଆଉ ଝିଅ ଘରକୁ ଫେରିନଥିଲେ କିମ୍ବା ଡମଣା ହାଟ ବସ୍ତି ଘରକୁ ଯାଇନଥିଲେ । ପରିବାର ଲୋକେ ବହୁ ଖୋଜଖବର କରି ନିରାଶ ହେବା ପରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ସେ ଘରୁ ଗଲାବେଳେ ହାଫ୍‌ପ୍ୟାଣ୍ଟ ସାଙ୍ଗକୁ କଳା ରଙ୍ଗର ଟି'ସାର୍ଟ ପିନ୍ଧିଥିବା



ପରିବାର ଲୋକେ କହିଛନ୍ତି । ପୋଲିସ କହିବାନୁଯାୟୀ ମୋବାଇଲ ନଥିବାରୁ ଠାବ କରିବାରେ ସମସ୍ୟା ହେଉଛି, ହେଲେ ଖୁବ୍‌ଶୀଘ୍ର ତାଙ୍କୁ ଖୋଜି ଦିଆଯିବ ବୋଲି ସ୍ତ୍ରୀ ଓ ପୁଅଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

## କମିଶନରେଟ୍ ପୁଲିସ୍ ଓ ଇଣ୍ଡିଆନ ରେଡକ୍ରସ ପକ୍ଷରୁ

# ତୁସି ମୋଟର୍ସ ସହଭାଗିତାରେ ରକ୍ତଦାନ ଶିବିର

ଭୁବନେଶ୍ୱର, (ସବ୍ୟୁ) : ମାରୁତି ସୁଜୁକି ଅଧିକୃତ ଡିଲର,ତୁସି ମୋଟର୍ସ, କଟକ କମିଶନରେଟ୍ ପୁଲିସ, ଇଣ୍ଡିଆନ୍ ରେଡକ୍ରସ ସୋସାଇଟି ,ରେଡକ୍ରସ ଆଞ୍ଚଳିକ ଶାଖାର ମିଳିତ ସହଯୋଗରେ ତୁସି ମୋଟର୍ସ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଟକ ଡିସିପି ଖିଲାରି ରିଷିକେଶ ,କଟକ ୟୁପିଡି ଡିସିପି ରଞ୍ଜିତ କୁମାର ପୃଷ୍ଟି ଏବଂ ଅମରେନ୍ଦ୍ର ପଣ୍ଡା, କମିଶନରେଟ୍ ପୁଲିସ ଭୁବନେଶ୍ୱର ଅତିରିକ୍ତ ଡିସିପି ମାନସ ଗଡନାୟକ ଏବଂ କୃଷ୍ଣଚନ୍ଦ୍ର ସେଠୀ,ଏସିପି କଟକ ଅରୁଣ କୁମାର ସ୍ୱାଇଁ,ଅମିତାଭ ମହାପାତ୍ର, ସୁଧାଂଶୁ ଭୂଷଣ ଜେନା, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ,ରକ୍ତଦାନ ଶିବିର ନୋଡାଲ ଅଧିକାରୀ ସବ୍ ଇନ୍ସପେକ୍ଟର ଶିବାନୀ ନନ୍ଦ,ରେଡକ୍ରସ ପ୍ରତିଷ୍ଠାତା ସଦସ୍ୟ ରଷି ପଟ୍ଟନାୟକ,ଦିଲ୍ଲୀପ ଦାଶଶର୍ମା,କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ବରିଷ୍ଠ ମେଡିକାଲ୍ ଅଧିକାରୀ ଡ.କନକଲତା ଦେଇ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତ ଦାତା ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ତୁସି ମୋଟର୍ସ ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଲ୍ଲଭି ପଟ୍ଟନାୟକ,ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ,ଭିପି ହରମୋହନ ମହାନ୍ତି ଉପସ୍ଥିତ ଥିଲେ।ତୁସି ମୋଟର୍ସ ପକ୍ଷରୁ



ଏପରି ପ୍ରୟାସ ଆଗାମୀ ଦିନରେ ଜାରି ରହିବ।ସାମାଜିକ ଦାୟୀତ୍ୱବୋଧ ପ୍ରତି ସଦା ସର୍ବଦା ତୁସି ମୋଟର୍ସ ପ୍ରତିବଦ୍ଧ। ରକ୍ତର ଆବଶ୍ୟକତାକୁ ପୂରଣ କରିବା ପାଇ ଏହା ଆମ୍ଭର ଏକ ପ୍ରୟାସ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି।

# ଚକ୍ଷୁଦାନ ପାଇଁ ଲୋକଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ) : ଭାରତରେ ୨୦ ଲକ୍ଷରୁ ଅଧିକ ଲୋକ କର୍ଣ୍ଣିଆ ଅନ୍ଧତ୍ୱରେ ପୀଡ଼ିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତଙ୍କ ବୟସ ୧୨ ବର୍ଷରୁ କମ୍। କର୍ଣ୍ଣିଆ ରୋଗ, ଆଘାତ କିମ୍ବା ସଂକ୍ରମଣ କାରଣରୁ ଆଖିର କର୍ଣ୍ଣିଆ ଅସ୍ୱଚ୍ଛ ବା ଧୂସର ହୋଇଯାଇପାରେ, ଯାହା ଫଳରେ କର୍ଣ୍ଣିଆ ଅନ୍ଧତ୍ୱ ଦେଖାଦିଏ। କର୍ଣ୍ଣିଆ ଅନ୍ଧତ୍ୱର ଚିକିତ୍ସା ନହେଲେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ରହିଥାଏ। ଏହା ଫଳରେ ଅକ୍ଷମତା ସହ ବଂଚିବାର ବର୍ଷ ବୃଦ୍ଧି ପାଇବା ସହ ପରିବାର ଓ ସମାଜ ଉପରେ ଭାବନାତ୍ମକ ଏବଂ ଆର୍ଥିକ ଚାପ ବଢ଼ିଥାଏ। କର୍ଣ୍ଣିଆ ପ୍ରତିରୋପଣ ହେଉଛି କର୍ଣ୍ଣିଆ ଅନ୍ଧତ୍ୱର ଜଣାଶୁଣା ଏକମାତ୍ର ନିରାକରଣ ପଦ୍ଧତି। ତେଣୁ ଅଧିକ ସଂଖ୍ୟକ ଚକ୍ଷୁ ବା କର୍ଣ୍ଣିଆ ଦାନର ଆବଶ୍ୟକତା ରହିଛି। ମିଥୁ ତୁଲସୀ ଚାନରାଇ କ୍ୟାମ୍ପସ, ଭୁବନେଶ୍ୱରସ୍ଥିତ ଦୃଷ୍ଟି ଦାନ ଆଇ ବ୍ୟାଙ୍କର ମେଡିକାଲ୍ ଡାଇରେକ୍ଟର ଡା. ସୁଜାତା ଦାସ ୪୧ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ଶୁଭାରମ୍ଭ ଅବସରରେ ଏହି ଅଭାବ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଆମେ ସମସ୍ତ ବୟସ, ଲିଙ୍ଗ ଓ ବୃତିର ଲୋକଙ୍କୁ ଚକ୍ଷୁଦାନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରୁଛୁ। ସଂକ୍ରାମକ ରୋଗଜନିତ ମୃତ୍ୟୁକୁ ବାଦ ଦେଇ, ମୃତ୍ୟୁର କାରଣ ଯାହା ହେଉନା କାହିଁକି, ଲୋକମାନେ ନିଜ ଚକ୍ଷୁ ଦାନ କରିବାକୁ ଆଗେଇ ଆସନ୍ତୁ ଏବଂ ଏହି ଅଭାବକୁ ଦୂର କରିବାରେ ସହଯୋଗ କରନ୍ତୁ। ୪୧ତମ ଚକ୍ଷୁଦାନ ପକ୍ଷ ଅବସରରେ ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚକ୍ଷୁଦାନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ।

# ପୂର୍ବତଟ ରେଳପଥ ପକ୍ଷରୁ ଅନେକ ଟ୍ରେନର ସମୟ ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, (ସବ୍ୟୁ) : ଯାତ୍ରୀମାନଙ୍କ ସୁବିଧା ଏବଂ ଟ୍ରେନ ଚଳାଚଳକୁ ସୁଗମ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ଅନେକ ଟ୍ରେନର ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ସମ୍ପୃକ୍ତ ଟ୍ରେନଗୁଡ଼ିକର ଯାତ୍ରା ଆରମ୍ଭର ନିର୍ଦ୍ଧାରିତ ତାରିଖଠାରୁ ସଂଶୋଧିତ ସମୟସୂଚୀ କାର୍ଯ୍ୟକାରୀ ହେବ। ଟ୍ରେନ ନଂ. ୧୫୦୨୭ ସମ୍ବଲପୁରଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୦୯:୨୦ ଘଟିକା ପରିବର୍ତ୍ତେ ୦୯:୦୫ ଘଟିକାରେ ଛାଡ଼ିବ। ଏହି ଟ୍ରେନ ରେଙ୍ଗାଲିରେ ୦୯:୩୯ ଘଟିକା ପରିବର୍ତ୍ତେ ୦୯:୨୮ ଘଟିକାରେ ପହଞ୍ଚିବ ଏବଂ ୦୯:୪୧ ଘଟିକା ପରିବର୍ତ୍ତେ ୦୯:୩୦ ଘଟିକାରେ ଛାଡ଼ିବ। ଏହି ସଂଶୋଧିତ ସମୟସୂଚୀ ୨୮ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ୧୫୦୨୮ ଗୋରଖପୁର ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୧୪:୪୦ ଘଟିକା ପରିବର୍ତ୍ତେ ୧୪:୫୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତିତ ସମୟ ୦୪ ସେପ୍ଟେମ୍ବର ୨୦୨୬ ଠାରୁ ଲାଗୁ ହେବ। ସେହିପରି, ୧୨୮୯୩ ଭୁବନେଶ୍ୱର ପୁରୁଣାକଟକ ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣା କଟକରେ ପୂର୍ବ ନିର୍ଦ୍ଧାରିତ ସମୟ



ସନ୍ଧ୍ୟା ୧୭:୦୦ ଘଟିକା ପରିବର୍ତ୍ତେ ୧୭:୧୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୪ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ୧୨୮୯୪ ପୁରୁଣାକଟକ ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣାକଟକରୁ ପୂର୍ବ ନିର୍ଦ୍ଧାରିତ ସମୟ ୧୧:୨୫ ଘଟିକା ପରିବର୍ତ୍ତେ ୧୧:୧୫ ଘଟିକାରେ ଛାଡ଼ିବ। ଏହି ଟ୍ରେନ ବିରନରସିଂହପୁରରେ ୧୧:୩୦/୧୧:୩୨ ଘଟିକା, ବୌଦ୍ଧରେ ୧୧:୪୫/୧୧:୫୦ ଘଟିକା, ଝାରମୁଣ୍ଡାରେ ୧୨:୦୨/୧୨:୦୪ ଘଟିକା, ପୁରୁଣାପାଣିରେ ୧୨:୨୦/୧୨:୨୨ ଘଟିକା, ସୋନପୁରରେ ୧୨:୩୫/୧୨:୪୦ ଘଟିକା, ନରସିଂହଗଡ଼ରେ ୧୨:୫୫/୧୨:୫୭ ଘଟିକା, ଝାରତରଭାରେ ୧୩:୧୦/୧୩:୧୨ ଘଟିକା ଏବଂ ବିଛୁପାଲିରେ ୧୩:୨୫/୧୩:୨୭ ଘଟିକାରେ ପହଞ୍ଚିବ/ଛାଡ଼ିବ। ଏହି ପରିବର୍ତ୍ତନଗୁଡ଼ିକ ୨୮ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ୧୮୩୧୪ ଭୁବନେଶ୍ୱର ନୂଆ ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ ବୌଦ୍ଧରେ ପୂର୍ବ ନିର୍ଦ୍ଧାରିତ ସମୟ ୧୦:୩୦ ଘଟିକା ପରିବର୍ତ୍ତେ ୧୦:୪୫ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୭ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ସେହିପରି, ୧୮୪୨୧ ପୁରୀ ସୋନପୁର ସାପ୍ତାହିକ ଏକ୍ସପ୍ରେସ ସୋନପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୦୫:୫୦ ଘଟିକା ପରିବର୍ତ୍ତେ ୦୬:୦୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୩ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ଅନ୍ୟପକ୍ଷରେ, ୧୮୪୨୨ ସୋନପୁର ପୁରୀ ସାପ୍ତାହିକ ଏକ୍ସପ୍ରେସ ସୋନପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୧୯:୦୦ ଘଟିକା ପରିବର୍ତ୍ତେ ୧୮:୪୫ ଘଟିକାରେ ଛାଡ଼ିବ। ଏହି ଟ୍ରେନର ନରସିଂହଗଡ଼, ଝାରତରଭା ଏବଂ ବିଛୁପାଲିରେ ସଂଶୋଧିତ ପହଞ୍ଚିବା/ଛାଡ଼ିବା ସମୟ ଯଥାକ୍ରମେ ୧୮:୫୫/୧୮:୫୭ ଘଟିକା, ୧୯:୦୬/୧୯:୦୮ ଘଟିକା ଏବଂ ୧୯:୨୦/୧୯:୨୨ ଘଟିକା ରହିବ। ଏହି ସଂଶୋଧିତ ସମୟସୂଚୀ ୩୦ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ଟ୍ରେନ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ ଯାଞ୍ଚ କରିପାରିବେ।

## ଓଡ଼ିଶା କ୍ରାଫ୍ଟ ଓଡ଼ିସି ଉନ୍ମୋଚନ କରିବ ଚାନ୍ଦୁଆ

ଭୁବନେଶ୍ୱର, (ସବ୍ୟୁ) : ଏମ୍‌ଜିଏମ୍ ଫାଉଣ୍ଡେସନ୍ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ୍ ଆର୍ଟ ଆଣ୍ଡ ଡିଜାଇନ୍ ଷ୍ଟୁଡିଓ (ବିଇଏଡିଏସ୍)ର ଏକ ସମ୍ମିଳିତ ପ୍ରୟାସ ଓଡ଼ିଶା କ୍ରାଫ୍ଟ ଓଡ଼ିସି (ଓସିଓ) 'ଚାନ୍ଦୁଆ: କ୍ୟାନୋପିଜ୍ ଅଫ୍ ଲେବର', ରବିବାର, ସେପ୍ଟେମ୍ବର ୨୦, ୨୦୨୬ରେ ଓଡ଼ିଶା ରିସର୍ଚ୍ଚ ସେଣ୍ଟର (ଓଆର୍‌ସି) ଅଡିଟୋରିମ୍, ସାମନ୍ତପୁରୀ, ଭୁବନେଶ୍ୱରଠାରେ ଉନ୍ମୋଚନ କରିବ, ଯେଉଁ ଦ୍ୱିଭାଷୀ ପ୍ରକାଶନରେ ଓଡ଼ିଶାର ଜୀବନ୍ତ ଚାନ୍ଦୁଆ ପରମ୍ପରାଗୁଡ଼ିକ ସ୍ଥାନ ପାଇଛି। ସନ୍ଧ୍ୟା ୫ଟାରେ ଏହାର ଉନ୍ମୋଚନ ଓସିଓର ପ୍ରଥମ ପୂର୍ଣ୍ଣ ଦିବସୀୟ ଆଲୋଚନାଚକ୍ର 'ମ୍ୟାପିଂ ଟ୍ରାଞ୍ଜିସନ୍‌ସ୍: ଆର୍ଟ, କ୍ରାଫ୍ଟ ଆଣ୍ଡ ଦି ଏଥନୋଗ୍ରାଫିକ୍ ଟର୍ଣ୍ଣ'ର ସମାପ୍ତକାଳୀନ ବିଷୟବସ୍ତୁ ହେବ। ୨୦୨୬ ସଂସ୍କରଣ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଉପସ୍ଥାପିତ ହେବାକୁ ଯାଉଛି ଏବଂ ଏହାର ସମ୍ପାଦନା ପ୍ରେମଜିଶ୍ ଆଚାରୀ ଓ ଶିବଦାସ ସେନଗୁପ୍ତ କରିଥିବାବେଳେ ଓସିଓ ଫେଲୋ ମଧୁଲିକା ଏସ୍. ନାଇଡୁ, ରିସର୍ଚ୍ଚ ଫେଲୋ ଏବଂ ରାଜ୍ ମୋର୍ଯ୍ୟ, ଆର୍କାଇଭିଷ୍ଟ ଫେଲୋ ଗବେଷଣା ତଥା ଦସ୍ତାବିଜ ଏକତ୍ରିତ କରିଛନ୍ତି। ଏହି ପୁସ୍ତକ କ୍ରୟ କରିବାକୁ ସମସ୍ତ ଟିକସ ସହିତ ୬୫୦୦ ଟଙ୍କାରେ ଉପଲବ୍ଧ ହେବ। ଏହି ଆଲୋଚନାଚକ୍ରକୁ ପୁସ୍ତକ ଉନ୍ମୋଚନ ସହିତ ଏକ ବାର୍ଷିକ କାର୍ଯ୍ୟସୂଚୀ ଭାବରେ ଯୋଜନା କରାଯାଇଛି। ପୁସ୍ତକ ଉନ୍ମୋଚନ ପରେ ମୁଖ୍ୟ ଅତିଥି ଏବଂ ସମ୍ମାନନୀୟ ଅତିଥିବୃନ୍ଦ ସେମାନଙ୍କର ବକ୍ତବ୍ୟ ରଖିବେ, ଯେଉଁମାନଙ୍କ ମଧ୍ୟରେ ବିଶିଷ୍ଟ ଡିଜାଇନର ଏବଂ କ୍ୟୁରେଟର ରାଜୀବ ସେଠୀ ରହିଛନ୍ତି ।

## ଦିଗ୍‌ଜ୍ୟୋତି ଶିକ୍ଷାବୃତ୍ତି ପାଇଁ ଆବେଦନ

ଭୁବନେଶ୍ୱର, (ସବ୍ୟୁ) : ଦିଗ୍‌ଜ୍ୟୋତି ଚାରିଟେବୁଲ ଏଜୁକେସନାଲ ଟ୍ରଷ୍ଟ ତରଫରୁ ବିଗତ ବର୍ଷ ଭଳି ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରେ ଯୁକ୍ତ ଦୁଇ, ଯୁକ୍ତ ତିନି ଅଥବା ସ୍ନାତକୋତରର ନିର୍ଦ୍ଦିଷ୍ଟ ବିଭାଗର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଯୋଗ୍ୟ ବିବେଚିତ ମେଧାବୀ ଅନାଥ, ଗରିବ ଓ ଭିନ୍ନକ୍ଷମ ପିଲାଙ୍କୁ ବିଭିନ୍ନ ବାର୍ଷିକ ଶିକ୍ଷାବୃତି ପ୍ରଦାନ କରାଯିବ। ଏଥି ପାଇଁ ଟ୍ରଷ୍ଟର ୱେବସାଇଡ୍ (www.digjyoti.org) ରେ ଉପଲବ୍ଧ ଘୋଷଣାନାମାରେ ସୂଚିତ ଯୋଗ୍ୟତା ଭିତିରେ ଭିନ୍ନ ଭିନ୍ନ ବୃତି ପାଇଁ ଉଦ୍ଦିଷ୍ଟ ଫର୍ମରେ ସେପ୍ଟେମ୍ବର ୩୦ ତାରିଖ ପୂର୍ବରୁ ଟ୍ରଷ୍ଟ ଠିକଣାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

## ବେଦାନ୍ତ ଆଲୁମିନିୟମର

# ଏଆଇ-ଭିତ୍ତିକ ସମାଧାନ ଭବିଷ୍ୟତର ଉତ୍ପାଦନ ଶିଳ୍ପକୁ ଶକ୍ତି ଯୋଗାଉଛି

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଉତ୍ପାଦନ ଶିଳ୍ପ କ୍ଷେତ୍ର ଶିଳ୍ପ ନବୀନତାର ନୂଆ ଯୁଗକୁ ଅଗ୍ରସର ହେଉଥିବାବେଳେ, ଡିଜିଟାଲ ପ୍ରଯୁକ୍ତି ସୁରକ୍ଷିତ କାର୍ଯ୍ୟପରିଚାଳନା, ଅଧିକ ଦକ୍ଷତା ଏବଂ ଦୃଢ଼ ଅପରେସନାଲ୍ ରେଜିଲିଏନ୍ସର ପ୍ରମୁଖ ସକ୍ଷମକାରୀ ଭାବେ ଉଭା ହେଉଛି। ଏହି ପରିବର୍ତ୍ତନର ପ୍ରତିଫଳନ ସ୍ୱରୂପ, ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ନିଜର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ( ଏଆଇ), ଇଣ୍ଡଷ୍ଟ୍ରିଆଲ୍ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ (ଆଇଆଇଓଟି), ଆଡଭାନ୍ସଡ୍ ଆନାଲିଟିକ୍ସ ଏବଂ ଇଣ୍ଟେଲିଜେଣ୍ଟ ସେଫ୍ଟି ସିଷ୍ଟମ୍‌ର ବ୍ୟବହାର କରୁଛି। ଏହା ମାଧ୍ୟମରେ କମ୍ପାନୀ ନୂତନ ପିଢ଼ିର ସଂଯୋଜିତ ମାନୁଫାକ୍ଚରିଂ ପ୍ରଣାଳୀକୁ ଆଗେଇ ନେଉଛି। ଦ୍ରୁତ ପରିବର୍ତ୍ତନଶୀଳ ବ୍ୟବସାୟିକ ପରିବେଶରେ ପ୍ରତିଯୋଗିତାମୂଳକ କ୍ଷମତା ବୃଦ୍ଧି ପାଇଁ




ଉତ୍ପାଦନକାରୀମାନେ ଡିଜିଟାଲ ପ୍ରଯୁକ୍ତି ଉପରେ ଅଧିକ ନିର୍ଭର କରୁଛନ୍ତି। ପ୍ଲାଣ୍ଟ ପରିଚାଳନା, ବିପଦ ହ୍ରାସ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଏହାର ଭୂମିକା ବୃଦ୍ଧି ପାଉଛି। କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅଧିକ ସ୍ୱଚ୍ଛତା ଏବଂ ରିଅଲ୍-ଟାଇମ୍‌ରେ କାର୍ଯ୍ୟକାରୀ ତଥ୍ୟ ଯୋଗାଇ ଏହି ସମାଧାନଗୁଡ଼ିକ ଶିଳ୍ପକୁ ସୁରକ୍ଷା, ନିର୍ଭରଯୋଗ୍ୟତା ଓ ଦକ୍ଷତା ବଢ଼ାଇବାରେ ସହାୟତା କରୁଛି। ବେଦାନ୍ତ ଆଲୁମିନିୟମରେ ଏହି ଡିଜିଟାଲ ପରିବର୍ତ୍ତନ ଲଜିଷ୍ଟିକ୍ସ, ଉତ୍ପାଦନ, ସମ୍ପତ୍ତି ପରିଚାଳନା ଓ କାର୍ଯ୍ୟସ୍ଥଳ ସୁରକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଉନ୍ନତି ଆଣୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ଆଧୁନିକ ଶିଳ୍ପଗୁଡ଼ିକ ସୁରକ୍ଷା, ଅପରେସନାଲ୍ ଏକ୍ସିଲେନ୍ସ ଓ ଉତ୍ପାଦକତାକୁ ଯେଉଁଭଳି ଦେଖୁଛନ୍ତି, ସେଥିରେ ପ୍ରଯୁକ୍ତି କ୍ରମେ ଏକ ଅବିଚ୍ଛିନ୍ନ ଅଂଶ ହୋଇଯାଉଛି। ଆମର ଲକ୍ଷ୍ୟ କେବଳ ନୂଆ ପ୍ରଯୁକ୍ତି ଗ୍ରହଣ କରିବା ନୁହେଁ, ବରଂ ବାସ୍ତବ କାର୍ଯ୍ୟକ୍ଷେତ୍ରର ସମସ୍ୟାର ସମାଧାନ ପାଇଁ ଏହାକୁ ପ୍ରୟୋଗ କରିବା। ଆମ ପ୍ଲାଣ୍ଟଗୁଡ଼ିକରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସଂଯୋଜିତ ଓ ତଥ୍ୟ-ଭିତ୍ତିକ କାର୍ଯ୍ୟପ୍ରଣାଳୀ ଗଠନ କରୁଛି। ଏହା ଆମ ଟିମ୍‌ଗୁଡ଼ିକୁ ବିପଦର ପୂର୍ବାନୁମାନ କରିବା, ଦ୍ରୁତ ନିଷ୍ପତ୍ତି ନେବା ଏବଂ ଅଧିକ ଦକ୍ଷତାର ସହ କାମ କରିବାରେ ସକ୍ଷମ କରୁଛି।

## ଓଡ଼ିଶାରେ ଜିଓର ଦମ୍‌ଦାର ପ୍ରଦର୍ଶନ ଜାରି

# ଜୁଲାଇ ମାସରେ ଯୋଡ଼ିଛି ସର୍ବାଧିକ ୩.୨୭ ଲକ୍ଷ ନୂଆ ମୋବାଇଲ୍ ଗ୍ରାହକ: ଟ୍ରାଇ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଏକ ନମ୍ବର ତଥା ସର୍ବାଧିକ ପସନ୍ଦିତ ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି ରିଲାଏନ୍ସ ଜିଓ ୨୦୨୬ ଜୁଲାଇ ମାସରେ ରାଜ୍ୟରେ ରେକର୍ଡ ୩.୨୭ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡିଛି। ଓଡ଼ିଶାରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଥିବା ରିଲାଏନ୍ସ ଜିଓ ଜୁଲାଇ ମାସରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ଏୟାରଟେଲ୍ ତୁଳନାରେ ଚାରି ଗୁଣ ଅଧିକ ନୂତନ ଉପଭୋକ୍ତା ଯୋଡିଛି। ଜୁଲାଇ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୩,୨୭,୦୩୪ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ, ଏହା ପଛକୁ ଏୟାରଟେଲ୍ ୮୦,୪୦୫ ନୂତନ ଗ୍ରାହକ ଏବଂ ଭୋଡାଫୋନ୍ ଆଇଡିଆ ୯୬୬୭ ନୂତନ ଗ୍ରାହକ ଯୋଡ଼ିଛନ୍ତି। ଅନ୍ୟପକ୍ଷରେ ବିଏସଏନଏଲ ଏହି ମାସରେ ରାଜ୍ୟରେ ୪୭୦୭ ଗ୍ରାହକ ହରାଇଛି। ଜିଓର ଦୃଢ଼ ଗ୍ରାହକ ଅଭିବୃଦ୍ଧି ବଳରେ ଓଡ଼ିଶାର ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଜୁଲାଇ ମାସରେ ୪.୧୨ ଲକ୍ଷରୁ ଅଧିକ ବୃଦ୍ଧି ପାଇ ୩.୯ କୋଟି ଅତିକ୍ରମ କରିଛି। ଓଡ଼ିଶାରେ ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ପ୍ରାଧାନ୍ୟ ଜାରି ରଖି, ଜିଓ ଜୁଲାଇରେ ପ୍ରାୟ ୧୧୦୦୦ ଜିଓଏୟାରଫାଇବର ଏବଂ ଜିଓଫାଇବର ଗ୍ରାହକ ଯୋଡିଛି। ଏଥିସହିତ ରାଜ୍ୟରେ ଜିଓ ନେଟୱାର୍କରେ




ମୋଟ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୮ ଲକ୍ଷ ଅତିକ୍ରମ କରିଛି। ଜୁଲାଇ ୩୧ ସୁଦ୍ଧା ରାଜ୍ୟରେ ୪.୨୫ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ, ଜିଓ ନେଟୱାର୍କରେ ବର୍ତ୍ତମାନ ସର୍ବାଧିକ ୧.୮୫ କୋଟି ମୋବାଇଲ୍ ଗ୍ରାହକ ଏବଂ ୮ ଲକ୍ଷରୁ ଅଧିକ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ରହିଛନ୍ତି। ଏଥିସହିତ, ଜିଓ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏକ ନମ୍ବର ସେବା ପ୍ରଦାନକାରୀ ଭାବରେ ଓଡ଼ିଶାରେ ଏହାର ବଜାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି

# ସିନ୍ଧୁ ଜଳସନ୍ଧିକୁ ନେଇ ଆଣ୍ଠେଇଲା ପାକିସ୍ତାନ



**ନୂଆଦିଲ୍ଲୀ:** ଭାରତ ସୋମବାର ସିନ୍ଧୁ ଜଳସନ୍ଧିକୁ ନେଇ ହେଗ୍ ସ୍ଥିତ ଇଣ୍ଟରନ୍ୟାସନାଲ ଟ୍ରିବ୍ୟୁନାଲ ନିଷ୍ପତ୍ତିକୁ ମାନିବାକୁ ମନା କରିଦେଇଥିଲା। ଏହା ସହିତ ଟ୍ରିବ୍ୟୁନାଲର ବୈଧତା ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲା। ଭାରତର ଏହି କଡ଼ା ଆଭିମୁଖ୍ୟ ପରେ ପାକିସ୍ତାନ ବୁଧବାର ଭାରତକୁ ୧୯୬୦ ଜଳବଣ୍ଟନ ବୁଝାମଣାର ପରିସରରେ 'ରଚନାତ୍ମକ ଢଙ୍ଗରେ' ଆଲୋଚନା କରିବାକୁ ନିବେଦନ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ପାକିସ୍ତାନ ବିଦେଶମନ୍ତ୍ରାଳୟ ମୁଖପାତ୍ର ତାହିର ଅନ୍ଦ୍ରାବୀ କହିଛନ୍ତି ଯେ ପର୍ମାନେଣ୍ଟ କୋର୍ଟ ଅଫ ଆର୍ବିଟ୍ରେସନ କହିଛନ୍ତି ଯେ ସନ୍ଧି ସମ୍ପୂର୍ଣ୍ଣ ଲାଗୁ ଅଛି ଓ ବାଧ୍ୟକାରୀ ମଧ୍ୟ। ତେବେ ଏହାକୁ ଲାଗୁ କରିବାକୁ ପାକିସ୍ତାନ ଏବେ ସବୁମତେ ଉଦ୍ୟମ କରିବ। ଆନ୍ଦ୍ରାବୀ କହିଛନ୍ତି ଯେ ପାକିସ୍ତାନ ସନ୍ଧିର ଭାଷା ଓ ପ୍ରାବଧାନ ଅନୁସାରେ ତାକୁ ସମ୍ପୂର୍ଣ୍ଣ ସଠିକ ଭାବନା ସହିତ ଲାଗୁ କରିବାକୁ ସଂକଳ୍ପବଦ୍ଧ। ସେ କହିଛନ୍ତି ଯେ ପାକିସ୍ତାନ ମଧ୍ୟ ଭାରତକୁ ଏହିଭଳି ଆଭିମୁଖ୍ୟ ଆପଣେଇବାକୁ ଆବେଦନ ଜାରି ରଖିବ, ଯାହାଦ୍ୱାରା ସନ୍ଧିର ପାଳନ, ତାର ଭାଷା,ଭାବନା ଓ ଆଇନଗତ ବ୍ୟବସ୍ଥାର ପାଳନ ସମ୍ପୂର୍ଣ୍ଣ କରାଯାଇ ପାରିବ। ଭାରତ ସନ୍ଧିକୁ ସ୍ଥଗିତ କରିବା ପରେ ପାକିସ୍ତାନ ମାର୍ଚ୍ଚ ୨୦୨୬ରେ ହେଗ୍ ମଧ୍ୟସ୍ଥତା କୋର୍ଟକୁ ମୁହାଁଇଥିଲା ଓ ସନ୍ଧିର ସ୍ଥିତି ଉପରେ ନିଷ୍ପତ୍ତି ନେବାକୁ ଅନୁରୋଧ କରିଥିଲା। ତେବେ ଭାରତ ୩୧ ଅଗଷ୍ଟ ସୋମବାର ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ ଖାରଜ କରିଦେଇଛି। ଏହି ବିବାଦ ବିସକେକରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ ଶିଖର ସମ୍ମିଳନୀରେ ମଧ୍ୟ ଉଠିଥିଲା। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ସବୁ ଦେଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଆହ୍ୱାନ ଦେଇଥିଲେ ଯେଉଁମାନେ ଆତଙ୍କବାଦକୁ ରାଜ୍ୟର ନୀତିରେ ଅସ୍ତ୍ରଭାବେ ବ୍ୟବହାର କରୁଛନ୍ତି। ଏଠାରେ ମୋଦି ଆତଙ୍କବାଦର ଇକୋ ସିଷ୍ଟମକୁ ସମାପ୍ତ କରିବାର କଥା କହିଥିଲେ। ଯେଉଁଥିରେ ଫଣ୍ଡିଂ ନେଟୱାର୍କ, ନିଯୁକ୍ତିର ଉପାୟ ଓ ସୁରକ୍ଷିତ ଆଡ୍ଡା ମଧ୍ୟ ସାମିଲ ଥିଲା। ସେହିପରି ଶିଖର ସମ୍ମିଳନୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶହବାଜ ସରିଫ ପାଣିକୁ ଏହି କ୍ଷେତ୍ରର ଜୀବନ ବୋଲି କହିଥିଲେ ଓ ଏହାକୁ କେବେ ଅସ୍ତ୍ର ଭାବେ ବ୍ୟବହାର କରାନଯାଉ ବୋଲି ନିବେଦନ କରିଥିଲେ।

# ନେପାଳ ବନ୍ୟା ପୀଡ଼ିତଙ୍କୁ ରିଲିଫ୍ ବାଣ୍ଟିଲେ ସୋନୁ ସୁଦ୍



**କାଠମାଣ୍ଡୁ:** ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ବଲିଉଡ୍ ଅଭିନେତା ସୋନୁ ସୁଦ୍ ନେପାଳରେ ପହଞ୍ଚିଛନ୍ତି। ବୁଧବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସେ ମଙ୍ଗଳବାର ନେପାଳରେ ପୀଡ଼ିତଙ୍କୁ ଭେଟିବା ସହ ରିଲିଫ୍ କାର୍ଯ୍ୟରେ ସାମିଲ ହୋଇଛନ୍ତି। ସୋନୁ ସୁଦ୍ ନେପାଳରେ ପହଞ୍ଚିବା ପରେ ସେଠାକାର ଲୋକଙ୍କ ସହ ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ସେ ପୀଡ଼ିତମାନଙ୍କୁ ପୁଣି ନୂଆ ଜୀବନ ଆରମ୍ଭ କରିବାରେ ସହଯୋଗ କରିବେ ବୋଲି କହିଛନ୍ତି। ସୋନୁ ସୁଦ୍ କହିଛନ୍ତି, ବନ୍ୟାରେ ଲୋକେ ଘର, ପରିବାର ଓ ନିଜ ପିଲାଦିନର ସ୍ମୃତି ହରାଇଛନ୍ତି। ଏହି କଷ୍ଟଦାୟକ ସମୟରେ ନେପାଳ ଏକା ନୁହେଁ ଏବଂ ସମସ୍ତେ ମିଶି ପୀଡ଼ିତଙ୍କୁ ନୂଆ ଆରମ୍ଭ ଦେବାକୁ ପ୍ରୟାସ କରିବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି।ସୋନୁ କହିଛନ୍ତି ଯେ, ଭାରତରୁ ସେମାନେ କମ୍ବଳ ଓ ଖାଦ୍ୟ ସାମଗ୍ରୀ ନେଇ ଆସିଛନ୍ତି। ପୀଡ଼ିତଙ୍କ ବର୍ତ୍ତମାନ କ'ଣ ଆବଶ୍ୟକତା ରହିଛି, ତାହା ଜାଣିବା ପରେ ଭାରତରୁ ଅଧିକ ସାମଗ୍ରୀ ପଠାଇବାକୁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। କେବଳ ଚଳିତ ମାସ ନୁହେଁ, ଆଗାମୀ କିଛି ମାସ ପର୍ଯ୍ୟନ୍ତ ନେପାଳକୁ ରିଲିଫ୍ ସହାୟତା ଜାରି ରଖିବାକୁ ସେ ନିଶ୍ଚିତ କରିବେ ବୋଲି କହିଛନ୍ତି। ସୋନୁଙ୍କ ଏହି ପଦକ୍ଷେପକୁ ତାଙ୍କ ପ୍ରଶଂସକମାନେ ବେଶ୍ ପ୍ରଶଂସା କରିଛନ୍ତି। କେହି ତାଙ୍କୁ 'ପ୍ରକୃତ ହିରୋ' ବୋଲି କହିଥିବାବେଳେ ଆଉ କେହି 'ମସୀହ ଅନ୍ ଡ୍ୟୁଟି' ବୋଲି ପ୍ରଶଂସା କରିଛନ୍ତି।

# ନୂତନ ଇପିଏଫ୍ ଯୋଜନା ଘୋଷଣା
## ଡିସେମ୍ବର ୨୮ ପର୍ଯ୍ୟନ୍ତ ମିଳିବ ଛାଡ଼ ସୁବିଧା

**ନୂଆଦିଲ୍ଲୀ:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ପକ୍ଷରୁ ନୂତନ ଇପିଏଫ୍ ଯୋଜନା ୨୦୨୬' ଅଧୀନରେ ଏକ ସ୍ୱତନ୍ତ୍ର ପରିବର୍ତ୍ତନଶୀଳ ପଦକ୍ଷେପ ଭାବେ କ୍ଷମା ଛାଡ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ନିୟମ ୨୯ ଜୁନ୍ ୨୦୨୬ ରୁ ଲାଗୁ ହୋଇଛି ଏବଂ ଆବେଦନ କରିବା ପାଇଁ ୨୮ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ (୬ ମାସ) ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏହି ବ୍ୟବସ୍ଥାଗୁଡ଼ିକ ଆୟକର ଆଇନ, ୧୯୬୧ (୧୯୬୧ ର ୪୩) ଅନୁଯାୟୀ ସ୍ୱୀକୃତିପ୍ରାପ୍ତ କିନ୍ତୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଆଇନ, ୧୯୫୨ ର ଧାରା ୧୭ କିମ୍ବା ସାମାଜିକ ସୁରକ୍ଷା ସଂହିତା , ୨୦୨୦ ର ଧାରା ୧୪୩ ଅନୁଯାୟୀ କୌଣସି ଆନୁଷ୍ଠାନିକ ଛାଡ ଆଦେଶ ନଥିବା ଭବିଷ୍ୟନିଧି ପାଣ୍ଠି ଟ୍ରଷ୍ଟଗୁଡ଼ିକର ଛାଡ ସ୍ଥିତିକୁ ନିୟମିତ କରିବା ପାଇଁ ଏକକାଳୀନ ସୁଯୋଗ ପ୍ରଦାନ କରେ। ଯେଉଁ ସଂସ୍ଥାଗୁଡ଼ିକ ଆୟକର ଅଧିନିୟମ, ୧୯୬୧ ଅଧୀନରେ ନିଜସ୍ୱ ପିଏଫ୍ ଟ୍ରଷ୍ଟ ଚଳାଉଛନ୍ତି, କିନ୍ତୁ ଇପିଏଫ୍ ଆଇନ ଅନୁଯାୟୀ ସରକାରଙ୍କଠାରୁ ଆନୁଷ୍ଠାନିକ ବ୍ୟତିକ୍ରମ ବା ଛାଡ଼ ପ୍ରମାଣପତ୍ର ପାଇନାହାନ୍ତି, ସେମାନଙ୍କୁ ଆଇନଗତ ଢାଞ୍ଚାକୁ ଆଣିବା ଏହାର ଉଦ୍ଦେଶ୍ୟ। ପୂର୍ବରୁ ଥିବା ଆଇନଗତ ବିବାଦଗୁଡ଼ିକର ସମାଧାନ କରିବା ଏବଂ କର୍ମଚାରୀମାନଙ୍କର ପିଏଫ୍ ସୁରକ୍ଷିତ ରଖିବ। ଆବେଦନ ପ୍ରକ୍ରିୟା ଏବଂ ପ୍ରକ୍ରିୟାଗତ ଆବଶ୍ୟକତା ସମେତ କ୍ଷମା ଯୋଜନା ପାଇଁ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ, ଜୁଲାଇ ୧୧, ୨୦୨୬ ରେ ଜାରି ହୋଇଥିବା ଏକ ବିସ୍ତୃତ ସର୍କୁଲାରରେ ପ୍ରଦାନ କରାଯାଇଥିଲା। ଏହି କ୍ଷମା ଯୋଜନାର ବ୍ୟବସ୍ଥାଗୁଡ଼ିକ ବିଜ୍ଞପ୍ତି ତାରିଖରୁ ଛଅ ମାସ ପାଇଁ, ଅର୍ଥାତ୍ ୨୮ ଡିସେମ୍ବର, ୨୦୨୬ ପର୍ଯ୍ୟନ୍ତ ବୈଧ। ଛାଡ଼ପ୍ରାପ୍ତ ସ୍ଥିତିର ପୂର୍ବବର୍ତ୍ତୀ ନିୟମିତକରଣ ସହିତ, ପିଏଫ୍ ଟ୍ରଷ୍ଟଗୁଡ଼ିକ ପାଇଁ ଉପଲବ୍ଧ ଅନ୍ୟାନ୍ୟ ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ କସ୍ ୨୦୨୦ ଅଧୀନରେ ସର୍ବନିମ୍ନ କର୍ମଚାରୀ ସଂଖ୍ୟା, ପାଣ୍ଠି ଆକାର ଏବଂ ୩ ବର୍ଷର ଅନୁପାଳନ ନିୟମ ଭଳି କିଛି ଆବଶ୍ୟକତାରୁ ମୁକ୍ତତା ଅନ୍ତର୍ଭୁକ୍ତ। ପଛୁଆ ନିୟମିତକରଣ ପରେ, ଏକ ପ୍ରତିଷ୍ଠାନ ଏକ ଛାଡ଼ପ୍ରାପ୍ତ କିମ୍ବା ଅଣ-ଛାଡ଼ପ୍ରାପ୍ତ ପ୍ରତିଷ୍ଠାନ ଭାବରେ ପାଳନ କରିବାକୁ ବାଛିପାରିବ। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ନିଶ୍ଚିତ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛି ଯେ ସମ୍ଭାବ୍ୟ ଆବେଦନକାରୀମାନେ ସାଧାରଣ କ୍ଷମା ଯୋଜନାର ବ୍ୟବସ୍ଥା ବିଷୟରେ ସମ୍ପୂର୍ଣ୍ଣ ଅବଗତ ହୁଅନ୍ତୁ ଏବଂ ଏହାର ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ପ୍ରକ୍ରିୟା ସାରା ଉପଯୁକ୍ତ ମାର୍ଗଦର୍ଶନ ପ୍ରଦାନ କରନ୍ତୁ। ଏହି ଅଭିଯାନର ଏକ ଅଂଶ ଭାବରେ, ବିଭିନ୍ନ ଅଂଶୀଦାରଙ୍କ ସହିତ ସମ୍ପର୍କ ଜାରି ରହିଛି। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂସ୍ଥା ଭଳି ବୃତ୍ତିଗତ ସଂଗଠନ ସହିତ ଯୋଗାଯୋଗ କରିଛି, ଯାହାର ସଦସ୍ୟମାନେ ଅନେକ ପ୍ରତିଷ୍ଠାନର ବୈଧାନିକ କିମ୍ବା ଆୟକର ଅଡିଟ୍ କରନ୍ତି, ଯେଉଁମାନଙ୍କ ମଧ୍ୟରୁ ଅନେକ ଟ୍ରଷ୍ଟ ପାଣ୍ଠି ପ୍ରତିଷ୍ଠା କରିଛନ୍ତି, ଏବଂ ସେମାନେ ଟ୍ରଷ୍ଟଗୁଡ଼ିକୁ ଚିହ୍ନଟ କରିବାରେ ସକ୍ଷମ ହୋଇଛନ୍ତି ଯାହା ସାଧାରଣ କ୍ଷମା ଯୋଜନାରୁ ଲାଭ ପାଇପାରିବେ। ପିଏଫ୍ ଟ୍ରଷ୍ଟଗୁଡ଼ିକରୁ ସକାରାତ୍ମକ ପ୍ରତିକ୍ରିୟା ପାଇବା ପାଇଁ ଆଇସିଏଆଇକୁ ଏହାର ସଦସ୍ୟମାନଙ୍କ ମଧ୍ୟରେ ସାଧାରଣ କ୍ଷମା ଯୋଜନାର ବ୍ୟବସ୍ଥା ପ୍ରସାର କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ, ଉତ୍ତର ପ୍ରଦେଶ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟ ଭଳି ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ହିତାଧିକାରୀମାନଙ୍କ ସହିତ ସେମିନାର/କର୍ମଶାଳା ଆୟୋଜନ କରିଛନ୍ତି।

# ନିଟ୍ ୟୁଜିସି ପ୍ରାର୍ଥୀଙ୍କୁ ପିଟିସନ ପ୍ରତ୍ୟାହାର ଅନୁମତି ଦେଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟ ବୁଧବାର ନିଟ୍-ୟୁଜି ୨୦୨୬ ପରୀକ୍ଷାର ଜନୈକ ପ୍ରାର୍ଥୀଙ୍କୁ ତାଙ୍କ ପିଟିସନ ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି, ଏଥିରେ ପ୍ରାର୍ଥୀ ଅଭିଯୋଗ କରିଥିଲେ ଯେ ଆରମ୍ଭରେ ତାଙ୍କ ସ୍କୋର ୬୦୩ ଦେଖା ଯାଇଥିଲା, ହେଲେ ପରେ ବିନା କୌଣସି ସ୍ପଷ୍ଟିକରଣରେ ଏହାକୁ ହ୍ରାସ କରି ୩୨ ଅଙ୍କ କରି ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ପି.ଏସ.ନରସିମହା ଓ ଜଷ୍ଟିସ୍ ଆଲୋକ ଅରାଧେଙ୍କ ପୀଠ ଏହି ମାମଲାର ଶୁଣାଣି କରୁଥିଲେ। ଏଥିରେ ଜଷ୍ଟିସ୍ ନରସିମହା ଆବେଦନକାରୀଙ୍କୁ ସମ୍ବିଧାନର ଅନୁଚ୍ଛେଦ ୩୨ରେ ସିଧା ସୁପ୍ରିମକୋର୍ଟ ଆସିବାକୁ ତାଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ। ତେବେ ପୀଠ ଆବେଦନକୁ ଏହାର ଗୁଣ ଓ ଦୋଷ ପାଇଁ ଖାରଜ କରୁନଥିବା କହିଛନ୍ତି, ହେଲେ ଆବେଦନକାରୀ ତାଙ୍କ ଅଭିଯୋଗକୁ ଉଚିତ ଉଚ୍ଚନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପନ କରିପାରିବେ ବୋଲି ପରାମର୍ଶ ଦେଇଛନ୍ତି। କୋର୍ଟଙ୍କ ଏହି ଟିପ୍ପଣୀ ପରେ ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ହାଜର ଓକିଲ ଅନୁଚ୍ଛେଦ ୩୨ରେ ଦାଖଲ ହୋଇଥିବା ପିଟିସନ ପ୍ରତ୍ୟାହାର କରିବାକୁ ନିବେଦନ କରି କହିଥିଲେ ଯେ ଏହା ଦ୍ୱାରା ଆବେଦନକାରୀ ଉଚ୍ଚନ୍ୟାୟାଳୟକୁ ଯାଇ ପାରିବେ। ସର୍ବୋଚ୍ଚନ୍ୟାୟାଳୟ ତାଙ୍କୁ ପିଟିସନ ପ୍ରତ୍ୟାହାର କରିବାକୁ ଅନୁମତି ଦେବା ସହିତ ସମ୍ବନ୍ଧିତ ଉଚ୍ଚନ୍ୟାୟାଳୟରେ ମାମଲାକୁ ଆଗକୁ ବଢାଇବା ପାଇଁ ନିଟ-ୟୁଜି ପ୍ରାର୍ଥୀଙ୍କୁ ସ୍ୱାଧୀନ କରିଛନ୍ତି। ତେବେ କେବଳ ଏହି ଆବେଦନକାରୀ ଏକାକୀ ଏପରି ଅଭିଯୋଗ ଆଣି ନାହାନ୍ତି। ଅନେକ ନିଟ୍-ୟୁଜି ଆବେଦନକାରୀ ଦାବି କରିଛନ୍ତି ଯେ ସେମାନଙ୍କ ଓଏମଆର ପତ୍ରରେ ଗଣନା କରିଥିବା ଅଙ୍କ ସେମାନଙ୍କ ଅନ୍ତିମ ସ୍କୋରକାର୍ଡରେ ଦେଖାଯାଇଥିବା ଅଙ୍କ ସହ ମେଳ ଖାଉ ନାହିଁ। ଏଥିରେ କିଛି ପ୍ରାର୍ଥୀ ଗୁରୁତର ଅଭିଯୋଗ କରିଛନ୍ତି। ସେମାନେ ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସୀ (ଏନଟିଏ)ଙ୍କୁ ଚୂଡ଼ାନ୍ତ ଅଙ୍କର ଗଣନା କିପରି କରାଯାଇଛି ସେ ବାବଦେ ସ୍ପଷ୍ଟିକରଣ ମାଗିଛନ୍ତି। ଏହିପରି ଏକ ମାମଲା ମହାରାଷ୍ଟ୍ରର ସୋହନ ଗାଭଟେ ବମ୍ବେ ହାଇକୋର୍ଟରେ ରୁଜୁ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଓଏମଆର ଉତ୍ତର ଅନୁସାରେ ତାଙ୍କୁ ୫୨୨ ଅଙ୍କ ମିଳିବାର ଥିଲା, ହେଲେ ଏନଟିଏ ଦ୍ୱାରା ଜାରି ସ୍କୋର କାର୍ଡରେ ଏହା ମାତ୍ର ୯୫ ଦେଖା ଯାଇଛି। ଏହି ପ୍ରସଙ୍ଗ ସୋସିଆଲ ମିଡିଆରେ ଅଭିଯୋଗର ଏକ ବ୍ୟାପକ ଲହରକୁ ଜନ୍ମ ଦେଇଛି, ଯେଉଁଥିରେ ପରୀକ୍ଷାର୍ଥୀମାନେ ଓଏମଆର ସିଟ୍, ଉତ୍ତରମାଳା ଓ ସ୍କୋରକାର୍ଡ ଫଟୋ ପୋଷ୍ଟ କରୁଛନ୍ତି ଓ ମୂଲ୍ୟାଙ୍କନରେ ତ୍ରୁଟିର ଅଭିଯୋଗ କରୁଛନ୍ତି। ଏଥିମଧ୍ୟରେ ଏନଟିଏ ପରୀକ୍ଷାର୍ଥୀମାନଙ୍କୁ ଅନଲାଇନରେ ପ୍ରସାରିତ ହେଉଥିବା ହେରଫେର କରାଯାଇଥିବା ଡକ୍ୟୁମେଣ୍ଟକୁ ବିଶ୍ୱାସ ନ କରିବାକୁ କହିଛନ୍ତି। ଏଜେନ୍ସୀ କହିଛନ୍ତି ଯେ ସୋସିଆଲ ମିଡିଆରେ ସେୟାର କରାଯାଇଥିବା କିଛି ଓଏମଆରସିଟ୍ ଓ ସ୍କୋର କାର୍ଡ ଡିଜିଟାଲ ରୂପେ ପରିବର୍ତ୍ତିତ ଅଥବା ଏଆଇ ଦ୍ୱାରା ନିର୍ମିତ ହୋଇଛି। ତେବେ ସର୍ବୋଚ୍ଚନ୍ୟାୟାଳୟ ଆଦେଶରେ ଏହା ସ୍ପଷ୍ଟ ହୋଇପାରୁନି ଅଙ୍କରେ କଥିତ ପରିବର୍ତ୍ତନ ହୋଇଥିଲା ନା ପ୍ରାର୍ଥୀଙ୍କ ପରିଣାମରେ କୌଣସି ତ୍ରୁଟି ରହିଛି। ଆବେଦନକାରୀ ଏବେ ତାଙ୍କ ତାଙ୍କ ରେକର୍ଡ ଓ ଅଭିଯୋଗର ଯାଞ୍ଚ ପାଇଁ ଉଚ୍ଚନ୍ୟାୟାଳରେ ଆବେଦନ କରିବେ।

# ଡିଜିଟାଲ୍ ଗିରଫ ନାଁରେ ୩୦ ଲକ୍ଷ ଠକେଇ

**ନୂଆଦିଲ୍ଲୀ:** ଲାଲ କିଲ୍ଲା ନିକଟରେ ଗାଡ଼ି ବିସ୍ଫୋରଣ ଘଟଣାକୁ ଆଧାର କରି ଜଣେ ୭୪ ବର୍ଷୀୟ ଅବସରପ୍ରାପ୍ତ ରେଳ କର୍ମଚାରୀ ଓ ତାଙ୍କ ପତ୍ନୀଙ୍କୁ ଡିଜିଟାଲ୍ ଗିରଫ କରି ଠକେଇ କରାଯାଇଛି। ନକଲି ଏନ୍ଆଇଏ ଓ ଏଟିଏସ୍ ଅଧିକାରୀ ସାଜି ସାଇବର ଠକମାନେ ଦମ୍ପତିଙ୍କୁ ପ୍ରାୟ ୭ ଦିନ ଧରି ଭିଡିଓ କଲ୍ ମାଧ୍ୟମରେ ନଜରବନ୍ଦୀ ରଖିଥିଲେ। ଏହି ସମୟରେ ସେମାନଙ୍କୁ ଭୟ ଦେଖାଇ ଜୀବନସାରାର ସଞ୍ଚୟରୁ ୩୦ ଲକ୍ଷ ଟଙ୍କା ନେଇଯାଇଥିଲେ। ପରେ ପୁଲିସ ତଦନ୍ତରୁ ଜଣେ ଅଭିଯୁକ୍ତ ସୁନୀଲ ସିଙ୍ଗଲାଙ୍କୁ ଗିରଫ କରାଯାଇଛି। ଘଟଣାଟି ଗତବର୍ଷ ୨୩ ନଭେମ୍ବରର। ଦ୍ୱାରକାରେ ରହୁଥିବା ବୃଦ୍ଧ ଜଣକ ଜଣେ ସମ୍ପର୍କୀୟଙ୍କ ବାହାଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଅପରାହ୍ନ ପ୍ରାୟ ୪ଟାରେ ତାଙ୍କ ପାଖକୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଏନ୍ଆଇଏ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ସେ ବୃଦ୍ଧଙ୍କୁ କହିଥିଲେ ଯେ ତାଙ୍କ ବ୍ୟାଙ୍କ ଖାତା ଲାଲ କିଲ୍ଲା ବିସ୍ଫୋରଣରେ ଜଡ଼ିତ ଲୋକଙ୍କୁ ଟଙ୍କା ଯୋଗାଇବାରେ ବ୍ୟବହାର ହୋଇଛି। ଏହି କଥା ଶୁଣି ବୃଦ୍ଧ ଭୟଭୀତ ହୋଇଯାଇଥିଲେ। ପରଦିନ ଠକମାନେ ଭିଡିଓ କଲ୍ କରିଥିଲେ। ଜଣେ ନିଜକୁ ଏନ୍ଆଇଏ ଓ ଅନ୍ୟଜଣେ ଏଟିଏସ୍ ଅଧିକାରୀ ବୋଲି କହିଥିଲେ। ତାଙ୍କ ବ୍ୟାଙ୍କ ଖାତାକୁ ବିସ୍ଫୋରଣ ମାମଲାର ଅଭିଯୁକ୍ତ ଉମର ନବୀ ଓ ଅନ୍ୟମାନଙ୍କ ସହ ଯୋଡ଼ାଯାଇଥିବା ଦାବି କରି ଗିରଫ କରିବାର ଧମକ ଦେଇଥିଲେ। ଦମ୍ପତିଙ୍କୁ କାହା ସହ କଥା ନ ହେବାକୁ, ଏପରିକି ସନ୍ତାନମାନଙ୍କୁ ମଧ୍ୟ ଘଟଣା ବିଷୟରେ ନ କହିବାକୁ କୁହାଯାଇଥିଲା। ଏଥିସହ ହ୍ୱାଟ୍ସଆପ୍ରେ ଏକ ନକଲି 'ଗୋପନୀୟତା ଚୁକ୍ତି' ପଠାଇ ସେଥିରେ ଦସ୍ତଖତ କରାଯାଇଥିଲା। ପରେ ବ୍ୟାଙ୍କ ଖାତା, ଫିକ୍ସଡ୍ ଡିପୋଜିଟ୍ ଓ ଅନ୍ୟ ସମ୍ପତ୍ତିର ସମ୍ପୂର୍ଣ୍ଣ ତଥ୍ୟ ନିଆଯାଇଥିଲା। ଠକମାନେ ଟଙ୍କାର ଉତ୍ସ ଯାଞ୍ଚ କରିବା ବାହାନାରେ ଆର୍ବିଆଇ



ଅନୁମୋଦିତ ଖାତାକୁ ଟଙ୍କା ପଠାଇବାକୁ କହିଥିଲେ। ଡିସେମ୍ବର ୩ରେ ବୃଦ୍ଧ ତାଙ୍କ ଫିକ୍ସଡ୍ ଡିପୋଜିଟ୍ ଭାଙ୍ଗି ୩୦ ଲକ୍ଷ ଟଙ୍କା ଉଠାଇଥିଲେ। ପ୍ରଥମେ ୧୫ ଲକ୍ଷ ଟଙ୍କା ଆର୍ଟିଜିଏସ୍ ମାଧ୍ୟମରେ ପଠାଇଥିଲେ। ପରଦିନ ଆଉ ୧୫ ଲକ୍ଷ ଟଙ୍କା ପଠାଇବାକୁ କୁହାଯିବାରୁ ସେହି ଟଙ୍କା ମଧ୍ୟ ଦେଇଥିଲେ। ପରେ ଆର୍ବିଆଇ ଗଭର୍ଣ୍ଣରଙ୍କ ମୋହର ଥିବା ଏକ ନକଲି 'ଭେରିଫିକେସନ୍ ଲେଟର' ପଠାଯାଇଥିଲା। କିଛି ସମୟ ପରେ ଠକମାନେ ଫୋନ୍ ଉଠାଇବା ବନ୍ଦ କରିବାରୁ ଦମ୍ପତି ଠକେଇର ଶିକାର ହୋଇଥିବା ବୁଝିଥିଲେ। ଅଭିଯୋଗ ପରେ ମାମଲାର ତଦନ୍ତ କ୍ରାଇମ୍ ବ୍ରାଞ୍ଚ୍କୁ ଦିଆଯାଇଥିଲା। ପ୍ରାୟ ୬ ମାସ ପରେ ପୁଲିସ ଟଙ୍କାର ଗତିବିଧି ଠାବ କରି ହରିୟାଣାର ଫତେହାବାଦ ବାସିନ୍ଦା ସୁନୀଲ ସିଙ୍ଗଲାଙ୍କ ଖାତାରେ ଟଙ୍କା ପହଞ୍ଚିଥିବା ଜାଣିଥିଲା। 'ଶ୍ରୀ ବାଲାଜୀ ଟ୍ରାକ୍ଟର' ନାମରେ ଥିବା ଏହି ଖାତା ମାଧ୍ୟମରେ ୬ରୁ ଅଧିକ ସାଇବର ଠକେଇ ମାମଲାର ପ୍ରାୟ ୧ କୋଟି ଟଙ୍କା କାରବାର ହୋଇଥିବା ପୁଲିସ କହିଛି। ମେ ୧୧ରେ ସିଙ୍ଗଲାଙ୍କୁ ଗିରଫ କରାଯାଇଥିଲା।

# ସୁଡ଼ଙ୍ଗରେ ଫସିଥିବା ଶ୍ରମିକଙ୍କ ନିକଟରେ ପହଞ୍ଚିବାକୁ ସଂଘର୍ଷ ଜାରି

**କାଠମାଣ୍ଡୁ:** ନେପାଳ ବନ୍ୟାର ସପ୍ତାହେ ପରେ ମଧ୍ୟ ଉଦ୍ଧାରକାରୀ ଦଳ ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥଳରେ ଥିବା ଭୂତଳ ପାୱାର୍ହାଉସ୍ ଓ ସୁଡ଼ଙ୍ଗରେ ଫସି ରହିଥିବା ଶ୍ରମିକଙ୍କ ନିକଟରେ ପହଞ୍ଚି ପାରିନାହାନ୍ତି। ଅନ୍ୟପକ୍ଷେ ନିଖୋଜ ବ୍ୟକ୍ତିଙ୍କ ପରିବାର ସଦସ୍ୟ ଦାବି କରିଛନ୍ତି ଯେ, ଉଦ୍ଧାର ଅପରେସନ୍ ମନ୍ଥର ହୋଇଯାଇଛି। ଏଥିପାଇଁ ଲୋକମାନେ ସରକାର ଓ ପ୍ରୋଜେକ୍ଟ ଅପରେଟରଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନାରାୟଣୀ ଯୋଶୀ ନାମକ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଖବର ଜାଣିବା ପାଇଁ ଗତ ସପ୍ତାହରୁ ଅପେକ୍ଷା କରି ରହିଛନ୍ତି। ସେହିପରି ୬୦ -ମେଗାୱାଟ୍ ଅପର୍ ତ୍ରିଶୁଳୀ-୩ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଥିବା ଭୂତଳ ପାୱାର୍ ହାଉସ୍ରେ ପ୍ରାୟ ୪୦ ଜଣ ଫସି ରହିଥିବା ଜଣାପଡ଼ିଛି। ଯୋଶୀ କହିଛନ୍ତି, ମୋ ସ୍ୱାମୀଙ୍କ ସମେତ ଅନେକ ଲୋକ ହାଇଡ୍ରୋପାୱାର ପ୍ଲାଣ୍ଟ ଭିତରେ ଫସି ରହିଛନ୍ତି। ସେମାନଙ୍କ ଅବସ୍ଥା ଏବେ କଦଣ ତାହା ଜଣାପଡ଼ିନି। ଉଦ୍ଧାର କାର୍ଯ୍ୟ ମଧ୍ୟ ମନ୍ଥର ହୋଇଯାଇଛି। ଆମକୁ କୁହାଯାଇଛି ଯେ ପାୱାର୍ହାଉସ୍ ଅକ୍ଷତ ରହିଛି। ତେଣୁ ଆମେ ସେମାନଙ୍କୁ ଜୀବିତ ଦେଖିବା ପାଇଁ ଆଶା ବାନ୍ଧି ରହିଛୁ। କିନ୍ତୁ ସରକାର ଏଭଳି ସାଂଘାତିକ ପ୍ରସଙ୍ଗରେ ଏତେ ଧୀର କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଦ୍ଧାର ଅପରେସନ୍ରେ ଅତ୍ୟାଧୁନିକ ଉପକରଣର କାହିଁକି ବ୍ୟବହାର କରାଯାଉନି ବୋଲି ସେ ପ୍ରଶ୍ନ କରିଛନ୍ତି। ମଙ୍ଗଳବାର ଆଇପିପିଏଏନ୍ (ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ରଡ୍ୟୁସର୍ସ ଏସୋସିଏସନ୍, ନେପାଳ) ପକ୍ଷରୁ ଜାରି ତଥ୍ୟରେ ଦର୍ଶାଯାଇଛି ଯେ ବିଭିନ୍ନ ହାଇଡ୍ରୋପାୱାର ପ୍ରକଳ୍ପ ପାଇଁ କାମ କରୁଥିବା ପ୍ରାୟ ୯୪୭ ଲୋକଙ୍କର ପତ୍ତା ମିଳୁନି।

# ୫୨ ମନ୍ଦିରରେ ସ୍ମାର୍ଟଫୋନ ବ୍ୟାନ

**ଚେନ୍ନାଇ:** ତାମିଲନାଡୁର ପ୍ରମୁଖ ୫୨ଟି ମନ୍ଦିର ଭିତରେ ସ୍ମାର୍ଟଫୋନ ବ୍ୟବହାର ଉପରେ ରୋକ ଲଗାଇଛନ୍ତି ବିଜୟ ସରକାର। ମଙ୍ଗଳବାର ଠାରୁ ଏହି ନିୟମ ଲାଗୁ ହୋଇଛି। ଯେଉଁ ଶ୍ରଦ୍ଧାଳୁମାନେ ସ୍ମାର୍ଟଫୋନ ଧରି ଯାଇଥିବେ ସେମାନଙ୍କୁ ମନ୍ଦିର ଭିତରେ ପ୍ରବେଶ କରିବା ପୂର୍ବରୁ ଧାର୍ଯ୍ୟ କାଉଣ୍ଟରରେ ଏହାକୁ ଜମା କରିବାକୁ ପଡ଼ିବ। ଫୋନ ପିଛା ଏଥିପାଇଁ ମାତ୍ର ୫ ଟଙ୍କା ଦେବାକୁ ପଡ଼ିବ। ମନ୍ଦିର ଭିତରେ ସରକାର ସ୍ମାର୍ଟଫୋନ ବ୍ୟବହାରକୁ ନିଷିଦ୍ଧ କରିଥିବା ବେଳେ କ୍ୟାମେରା ନଥିବା ମୋବାଇଲ ଧରି ଶ୍ରଦ୍ଧାଳୁମାନେ ଭିତରକୁ ଯାଇ ପାରିବେ ବୋଲି କହିଛନ୍ତି। ହିନ୍ଦୁ ରିଲିଜିୟସ ଓ ଚ୍ୟାରିଟେବୁଲ ଏଣ୍ଡୋୱମେଣ୍ଟସ ମନ୍ତ୍ରୀ ରମେଶ ଏଭଳି ସୂଚନା ଦେଇଛନ୍ତି। ମାଡ୍ରାସ ହାଇକୋର୍ଟ ଦେଇଥିବା ରାୟ ଆଧାରରେ ଏପରି ନିୟମ ପ୍ରଣୟନ କରାଯାଇଥିବା ସେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ମନ୍ଦିର ଭିତରେଯୁବଗୋଷ୍ଠୀମାନେଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ ଓ ରିଲ୍ସ କରୁଛନ୍ତି। ଏହାକୁ ଦୃଷ୍ଟିରେ



ରଖି ବିଜୟ ସରକାର ମନ୍ଦିର ପରିସରରେ ସ୍ମାର୍ଟଫୋନକୁ ବ୍ୟାନ କରିଛନ୍ତି। ନୂଆ ବ୍ୟବସ୍ଥା ଅନୁସାରେ, ସ୍ମାର୍ଟଫୋନ ଧରି ଆସିଥିବା ଶ୍ରଦ୍ଧାଳୁଙ୍କୁ ଏହାକୁ ମନ୍ଦିରର ପ୍ରବେଶ ପଥ ନିକଟରେ ରହିଥିବା କାଉଣ୍ଟରରେ ଜମା କରିବାକୁ ପଡ଼ିବ। ଫୋନ ଜମା କରିବା ପରେ ଶ୍ରଦ୍ଧାଳୁଙ୍କୁ ଗୋଟିଏ ସ୍ଲିପ କିମ୍ବା ପ୍ଲାଷ୍ଟିକ ଟୋକନ ଦିଆଯିବ। ଦର୍ଶନ ସାରି ଫେରିବା ପରେ ସେମାନେ ଏହି ସ୍ଲିପକୁ କାଉଣ୍ଟରରେ ଜମା କରି ନିଜର ମୋବାଇଲ ନେଇ ପାରିବେ। କାଞ୍ଚିପୁରମ ସ୍ଥିତ ମନ୍ଦିରରେ ଏହି ନୂଆ ବ୍ୟବସ୍ଥା ସକାଳ ୬ଟାରୁ ଲାଗୁ ହୋଇଛି। ଦୁଇ ଜଣ କମ୍ପ୍ୟୁଟର ଅପରେଟର ଓ ୨ ଜଣ ସହାୟକଙ୍କୁ ମୋବାଇଲ ଫୋନ ସଂଗ୍ରହ କରିବାକୁ ନିୟୋଜିତ କରାଯାଇଛି। ସେମାନେ ମୋବାଇଲ ଫୋନର ମେଡେଲ ଠାରୁ ଆରମ୍ଭ କରି ନମ୍ବର ଟିପି ରଖୁଛନ୍ତି। ଏହାପରେ ସ୍ଲିପ ଦେଉଛନ୍ତି। ଶ୍ରଦ୍ଧାଳୁ ସ୍ଲିପ ଦେବା ବେଳେ ମଧ୍ୟ ଏହାକୁ ଯାଞ୍ଚ କରି ଫୋନ ଫେରସ୍ତ କରୁଛନ୍ତି।

# ହିମାଳୟରେ କାୟା ମେଲାଉଛି ମୃତ୍ୟୁ !

**ନୂଆଦିଲ୍ଲୀ:** ହିମାଳୟ ଉପରେ ବିପଦର ଛାୟା ଧୀରେଧୀରେ ଘନାଉଛି। ଗ୍ଲେସିୟର ତରଳିବା, ପାହାଡ଼ ଢାଲ ଅସ୍ଥିର ହେବା ଏବଂ ହଠାତ୍ ବନ୍ୟା... ଏସବୁ ମିଶି ମିନିଟ୍ ମଧ୍ୟରେ ବଡ଼ ବିପର୍ଯ୍ୟୟ ଘଟାଇପାରେ। ନେପାଳର ସଦ୍ୟ ବିନାଶକାରୀ ବନ୍ୟା ଏହି ବିପଦକୁ ପୁଣିଥରେ ସାମ୍ନାକୁ ଆଣିଛି। ଭାରତ ଏବେ ଉପଗ୍ରହ ମାଧ୍ୟମରେ ହିମାଳୟର ପରିବର୍ତ୍ତନକୁ ନଜରରେ ରଖୁଥିବା ବେଳେ ପ୍ରଶ୍ନ ହେଉଛି, ଏହି ତଥ୍ୟକୁ ସମୟ ପୂର୍ବରୁ ଜୀବନ ବଞ୍ଚାଇବାରେ କେତେ ଶୀଘ୍ର ବ୍ୟବହାର କରାଯାଇପାରିବ? ଅଗଷ୍ଟ ୨୬ରେ ନେପାଳ-ଚୀନ ସୀମା ନିକଟ ଲାଙ୍ଗଟାଙ୍ଗ ଲିରୁଙ୍ଗ ଅଞ୍ଚଳରେ ଦ୍ରୁତ ଢାଲ ଧସିବା ଘଟଣାରୁ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। USGS ଅନୁସାରେ, ଗ୍ଲେସିୟର ସହ ଜଡ଼ିତ ଢାଲ ଧସିବାରୁ ଡେବ୍ରିସ୍ ଫ୍ଲୋ ଓ ବନ୍ୟା ସୃଷ୍ଟି ହୋଇଥିବା ସମ୍ଭାବନା ରହିଛି। ଏହା ପ୍ରାୟ ୫.୨ ତୀବ୍ରତାର ଭୂକମ୍ପ ସମାନ ଶକ୍ତି ସୃଷ୍ଟି କରିଥିଲା ଏବଂ ପାଣି-ପଥରର ପ୍ରବାହ ପ୍ରାୟ ୧୦୦ କିଲୋମିଟର ଯାଇଥିଲା। ତେବେ ଏହାକୁ ଏପର୍ଯ୍ୟନ୍ତ ଗ୍ଲେସିୟାଲ୍ ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍ ବୋଲି ପ୍ରମାଣିତ କରାଯାଇନାହିଁ। ହିମାଳୟରେ ଗ୍ଲେସିୟର ପଛକୁ ହଟିବା ସହ ନୂଆ ହ୍ରଦ ସୃଷ୍ଟି ହେଉଛି ଏବଂ ଅନେକ ପୁରୁଣା ହ୍ରଦର ଆକାର ବଢୁଛି। ISROର ନେସନାଲ୍ ରିମୋଟ୍ ସେନସିଂ ସେଣ୍ଟର ଉଚ୍ଚ-ରେଜୋଲୁସନ୍ ସାଟେଲାଇଟ୍ ଚିତ୍ର ଆଧାରରେ ୦.୨୫ ହେକ୍ଟରରୁ ବଡ଼ ୨୮,୦୪୩ଟି ଗ୍ଲେସିୟାଲ୍ ହ୍ରଦ ଚିହ୍ନଟ କରିଛି। ଏଥିରୁ ୭,୫୭୦ଟି ଭାରତ



ମଧ୍ୟରେ ଥିବା ବେଳେ ୨୦,୪୭୩ଟି ସୀମାପାର ନଦୀ ଅବବାହିକାରେ ରହିଛି।

୧୯୮୪ରୁ ୨୦୨୩ ଯାଏଁ ୨,୪୩୧ଟି ବଡ଼ ହ୍ରଦର ଅଧ୍ୟୟନରେ ୬୭୬ଟି ହ୍ରଦର ଆକାର ଉଲ୍ଲେଖନୀୟ ଭାବେ ବଢ଼ିଥିବା ଜଣାପଡ଼ିଛି। ଏଥିରୁ ୧୩୦ଟି ଭାରତରେ ରହିଛି। ହିମାଚଳ ପ୍ରଦେଶର ଘେପାଙ୍ଗ ଘାଟ ହ୍ରଦ ୧୯୮୯ରେ ୩୬.୪୯ ହେକ୍ଟର ଥିବାବେଳେ ୨୦୨୨ରେ ୧୦୧.୩୦ ହେକ୍ଟର ହୋଇଛି-ପ୍ରାୟ ୧୭୮% ବୃଦ୍ଧି। କିନ୍ତୁ ହ୍ରଦ ବଡ଼ ହେବା ମାତ୍ରେ ବିପଦର ନିଶ୍ଚିତ ସଙ୍କେତ ନୁହେଁ। ହ୍ରଦକୁ କ'ଣ ଅଟକାଇଛି, ପାହାଡ଼ କେତେ ସ୍ଥିର, ହ୍ରଦରେ ହିମସ୍ଖଳନ କିମ୍ବା ଭୂସ୍ଖଳନ ପଡ଼ିଲେ କ'ଣ ହେବ ଏବଂ ତଳଭାଗରେ କେତେ ଲୋକ, ସେତୁ ଓ ଜଳବିଦ୍ୟୁତ ପ୍ରକଳ୍ପ ରହିଛି, ବିପଦ ଆକଳନରେ ଏସବୁ ଗୁରୁତ୍ୱପୂର୍ଣ୍ଣ।

୨୦୨୩ର ସାଉଥ୍ ଲୋନାକ୍ ହ୍ରଦ ବିପର୍ଯ୍ୟୟ ଏହାର ବଡ଼ ଉଦାହରଣ। ପ୍ରାୟ ୧୪.୭ ନିୟୁତ ଘନମିଟର ବରଫ ଓ ମୋରେନ୍ ଧସି ପ୍ରାୟ ୨୦ ମିଟର ଉଚ୍ଚ ତରଙ୍ଗ ସୃଷ୍ଟି କରିଥିଲା। ପ୍ରାୟ ୫୦ ନିୟୁତ ଘନମିଟର ପାଣି ବାହାରିବା ସହ ପ୍ରବାହ ପ୍ରାୟ ୨୭୦ ନିୟୁତ ଘନମିଟର ପଲି ଓ ମାଟିକୁ ତଳକୁ ନେଇଥିଲା। ଏହା ଦେଖାଇଦେଇଛି ଯେ ଗ୍ଲେସିୟାଲ୍ ବିପଦ ଗୋଟିଏ ଘଟଣା ନୁହେଁ, ବରଂ ଭୂସ୍ଖଳନ, ବନ୍ୟା ଓ ପଲି ପ୍ରବାହର ଏକ କ୍ରମିକ ବିପର୍ଯ୍ୟୟ ହୋଇପାରେ। ଏହି ବିପଦର ବଡ଼ ଅଂଶ ସୀମାପାର ସହଯୋଗ। ତେଣୁ ଭାରତ ପାଇଁ ନେପାଳ, ଚୀନ ଆଦି ଦେଶ ସହ ତଥ୍ୟ ବିନିମୟ ଓ ଶୀଘ୍ର ସତର୍କ ସୂଚନା ଅତ୍ୟନ୍ତ ଜରୁରୀ। ଭାରତ ଏବେ ୧୯୫ଟି ଉଚ୍ଚ-ବିପଦପ୍ରବଣ ହ୍ରଦକୁ ଚିହ୍ନଟ କରିଛି। ୧୨ଟି ମାନଦଣ୍ଡରେ ବିପଦ ଆକଳନ କରୁଛି। ଅରୁଣାଚଳ, ହିମାଚଳ, ସିକ୍କିମ ଓ ଉତ୍ତରାଖଣ୍ଡ ପାଇଁ ୧୫୦ କୋଟି ଟଙ୍କାର GLOF ବିପଦ ହ୍ରାସ କାର୍ଯ୍ୟକ୍ରମ ମଧ୍ୟ ଅନୁମୋଦିତ ହୋଇଛି। ୨୦୨୬ରେ ସିକ୍କିମକୁ ଉଚ୍ଚ ପାହାଡ଼ିଆ ହ୍ରଦର ଗଭୀରତା ଓ ତ୍ରିମାତ୍ରିକ ମାପ ପାଇଁ ସ୍ୱଦେଶୀ ପ୍ରଯୁକ୍ତି ମିଳିଛି। ତଥାପି ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି, ସାଟେଲାଇଟ୍ରେ ବିପଦ ଦେଖାଯିବାରୁ ନେଇ ତଳଭାଗରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପର୍ଯ୍ୟନ୍ତର ସମୟ। ହିମାଳୟରେ ବିପଦର ସଙ୍କେତ ଦେଖାଯାଉଛି; ଏବେ ପ୍ରକୃତ ପରୀକ୍ଷା ହେଉଛି, ସେହି ସଙ୍କେତକୁ ସମୟ ପୂର୍ବରୁ କାର୍ଯ୍ୟରେ ପରିଣତ କରି ଜୀବନ ବଞ୍ଚାଇପାରିବ କି ନାହିଁ ଭାରତ।

# ଭାରତରେ ମହିଳା ଆଇସିସି ଚାମ୍ପିଅନ୍ସ ଟ୍ରଫି

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ଶ୍ରୀଲଙ୍କା ବଦଳରେ ଭାରତରେ ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହେବ। ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଶ୍ରୀଲଙ୍କାରେ ପ୍ରଶାସନିକ ଓ ସରକାରସ୍ତର ହସ୍ତକ୍ଷେପ କାରଣରୁ ପ୍ରଥମ ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଅଧିକାର ଶ୍ରୀଲଙ୍କା ଠାରୁ କାଢ଼ି ନିଆଯାଇ ଭାରତକୁ ପ୍ରଦାନ କରାଯାଇଛି। ୨୦୨୭ ଫେବୃଆରୀ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ। କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ (ମୁମ୍ବାଇ), ଭଦୋଦରା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ମ୍ୟାଚ ଗୁଡିକ ଆୟୋଜିତ ହେବ। ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦ.ଆଫ୍ରିକା ଓ ଶ୍ରୀଲଙ୍କ ଦଳ ଅଂଶଗ୍ରହଣ କରାଯିବ। ରାଉଣ୍ଡ ରବିନ ପଦ୍ଧତିରେ ଏହି ମ୍ୟାଚ ଖେଳାଯିବ। ଶୀର୍ଷ ଦୁଇଟି ଦଳ ଫେବୃଆରୀ ୨୮ରେ ହେବାକୁଥିବା ଫାଇନାଲରେ ପ୍ରତିଯୋଗିତା କରିବେ। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏବେ ସରକାରଙ୍କ ଦ୍ୱାରା ଟ୍ରାନ୍ସଫରମେସନ କମିଟି ପରିଚାଳନା କରୁଛି। ଆଇସିସି ନିୟମ ଅନୁସାରେ ସରକାରୀ ଓ ରାଜନୈତିକ ହସ୍ତକ୍ଷେପ ଥିବା ବୋର୍ଡକୁ ଆୟୋଜନ ସ୍ୱୀକୃତି ଦିଆଯାଇନାହିଁ। ଏହି ପ୍ରଶାସନିକ ବିବାଦ ହେତୁ ଆଇସିସି ବୋର୍ଡ ବୈଠକରେ ଭାରତକୁ ଆୟୋଜକ ଭାବେ ଅନୁମୋଦନ ମିଳିଛି।



## ଆଇସିସି ଟେଷ୍ଟ ର‌୍ୟାଙ୍କିଙ୍ଗ

# ଖସିଲେ ଗିଲ, ଉଠିଲେ ପଡିକାଲ

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ଟିମ୍ ଇଣ୍ଡିଆର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁଭମନ ଗିଲଙ୍କୁ ବଡ଼ ଝଟକା ଲାଗିଛି। ଆଇସିସି ଟେଷ୍ଟ ର‌୍ୟାଙ୍କିଙ୍ଗ ଗିଲ୍ ଦୁଇଟି ସ୍ଥାନ ତଳକୁ ଖସିଛନ୍ତି। ଗିଲଙ୍କ ବ୍ୟତୀତ ଯଶପ୍ରୀତ ବୁମରା ମଧ୍ୟ ଗୋଟିଏ ସ୍ଥାନ ତଳକୁ ଖସିଛନ୍ତି। ଗତ ସପ୍ତାହରେ ବୁମରାଙ୍କୁ ହଟାଇ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ବିଶ୍ୱର ନଂ.୧ ବୋଲର ହୋଇଥିଲେ। ୨୦୨୪ ପରେ ବୁମରା ଟେଷ୍ଟ ର‌୍ୟାଙ୍କିଙ୍ଗର ୧ ନମ୍ବର ସ୍ଥାନ ହରାଇଥିଲେ। ଏବେ ସେ ତୃତୀୟ ସ୍ଥାନକୁ ଖସିଛନ୍ତି। ଭାରତର ନୂଆ ଦ୍ରୁତ ବୋଲର ଦେବଦତ ପଡିକାଲଙ୍କୁ ଟେଷ୍ଟ ର‌୍ୟାଙ୍କିଙ୍ଗରେ ସଫଳତା ମିଳିଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟରେ ପଡିକାଲ ଭଲ ପ୍ରଦର୍ଶନ ଦେଖାଇ ୫ଟି ସ୍ଥାନ ଉପରକୁ ଉଠି ୫୪ ତମ ସ୍ଥାନ ଦଖଲ କରିଛନ୍ତି। ଆଇସିସି ଜାରି କରିଥିବା ଅପଡେଟ ର‌୍ୟାଙ୍କିଙ୍ଗ ଅନୁସାରେ ଗିଲ ନବମ ସ୍ଥାନକୁ ଖସିଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ଇନିଂସରେ ସେ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତୀୟଙ୍କ ମଧ୍ୟରେ ସବୁଠୁ ଆଗରେ ରହିଛନ୍ତି। ୱିକେଟକିପର ବ୍ୟାଟର ରିଷଭ ପନ୍ତ ସେ ପୂର୍ବଭଳି ସପ୍ତମ ସ୍ଥାନ ତଳକୁ ଖସିଛନ୍ତି। ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ସେ ମଧ୍ୟ ପୂର୍ବଭଳି ୧୧ ତମ ସ୍ଥାନରେ ଅଛନ୍ତି। ଶ୍ରୀଲଙ୍କା ବିପକ୍ଷ ଦୁଇଟି ଟେଷ୍ଟରେ ଦୁଇଟି ଶତକ ସହ ୩୨୮ ରନ୍ କରିଥିବା ପଡ଼ିକାଲ ୫ଟି ସ୍ଥାନ ଉପରକୁ ଉଠି ନିଜ କ୍ୟାରିୟରର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ ୫୪ରେ ପହଞ୍ଚିଛନ୍ତି। ଏପଟେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟରୁ ବାଦ ପଡିଥିବା ବୁମରା ତୃତୀୟ ସ୍ଥାନକୁ ଖସିଛନ୍ତି। ଷ୍ଟାର୍କ ନଂ.୧ରେ ଥିବା ବେଳେ ନ୍ୟୁଜିଲାଣ୍ଡର ମ୍ୟାଟ ହେନରୀ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଆଇସିସି ଟି-୨୦ ର‌୍ୟାଙ୍କିଙ୍ଗରେ ଆଉ କୌଣସି ବିଶେଷ ପରିବର୍ତ୍ତନ ହୋଇନାହିଁ। ବ୍ୟାଟିଂ ର‌୍ୟାଙ୍କିଙ୍ଗରେ ଇଂଲଣ୍ଡର ହ୍ୟାରିବ୍ରୁକ ପୂର୍ବଭଳି ନଂ.୧ ରହିଥିବା ବେଳେ ଜୋ ରୁଟ ତୃତୀୟକୁ ଖସିଛନ୍ତି। ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି ଷ୍ଟିଭେନ୍ସ ସ୍ମିଥ, ଚତୁର୍ଥରେ ଟ୍ରେଭିସ ହେଡ ଓ ପଞ୍ଚମରେ ଅଛନ୍ତି ଦ.ଆଫ୍ରିକାର ତେମ୍ବା ବଭୁମା।

## ଦଳରେ ମିଳିଲାନି ସ୍ଥାନ

# ଇନଷ୍ଟାଗ୍ରାମରେ କ୍ରୁନାଲଙ୍କ ଦୁଃଖ

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଟି-୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ସରିଛି। ଅନେକ ପୁରୁଣା ଖେଳାଳି ଦଳକୁ ଫେରିଛନ୍ତି। କିଛି ଖେଳାଳିଙ୍କୁ ନିରାଶ ହେବାକୁପଡିଛି। ଫଳରେ ସୋସିଆଲ ମିଡିଆରେ ନିଜର ଦୁଃଖ ପ୍ରକାଶ କରିବା ସହ ଦଳକୁ କଟାକ୍ଷ କରିଛନ୍ତି ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା। ସେ ଆଇପିଏଲ ତଥା ଘରୋଇ ଟୁର୍ଣ୍ଣାମେଣ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରି ମଧ୍ୟ ଜାତୀୟ ଦଳକୁ ଫେରିପାରିନାହାନ୍ତି।




ପୂର୍ବରୁ ଚର୍ଚ୍ଚା ହେଉଥିଲା କ୍ରୁନାଲ ଦଳକୁ ଫେରିବେ। ସେ କମେଣ୍ଟ୍ରେ ଲେଖିଥିଲେ ଏବେ ବି ଆଶା ଜୀବିତ ଅଛି। ଏହା ସହ ତ୍ରିରଙ୍ଗାର ଏକ ଇମୋଜି ଦେଇଥିଲେ। ଶେଷଥର ପାଇଁ ୨୦୨୧ରେ କ୍ରୁନାଲଙ୍କୁ ଭାରତୀୟ ଜର୍ସି ଦେଖିବାକୁ ମିଳିଥିଲା। ସେହିପରି ଶେଷ ୫ଟି ମ୍ୟାଚରେ ୧୩୦ ରନ୍ କରିଥିଲେ। ଯେଉଁଥିରେ ତାଙ୍କ ଆଭରେଜ ୬୫ ଥିଲା। ଏହାସହ ସେ ୧୦୧ ଷ୍ଟ୍ରାଇକରେଟରେ ବ୍ୟାଟିଂ କରିଥିଲେ। ଦୁଇଟି ୱିକେଟ୍ ମଧ୍ୟ ନେଇଥିଲେ। ଟି-୨୦ ଫର୍ମାଟରେ ସେ ୧୯ଟି ମ୍ୟାଚ ଖେଳିଛନ୍ତି। ସେ ମୋଟ ୧୨୪ ରନ୍ କରିଥିବା ବେଳେ ୧୫ ୱିକେଟ ମଧ୍ୟ ନେଇଛନ୍ତି। ଗତ ଆଇପିଏଲରେ ସେ ବେଙ୍ଗାଲୁରୁ ପକ୍ଷରୁ ଦମଦାର ରନ୍ କରିଥିଲେ। ୨୨୬ ରନ୍ କରିବା ସହ ୧୪ ୱିକେଟ ଅକ୍ତିଆର କରିଥିଲେ। ଦଳରେ ତାଙ୍କୁ ସ୍ଥାନ ମିଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ତାଙ୍କୁ ନିରାଶ ହେବାକୁପଡିଛି।

## ୟୁଏସ ଓପନ

# ମନଫିଲ୍ସଙ୍କ ବଡ଼ ବିଜୟ



ନ୍ୟୁୟର୍କ,୨।୯ (ଏଜେନ୍ସି): ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ମନଫିଲ୍ସ ଇଟାଲୀର ଫ୍ଲାବିଓ କୋବଲି ଏବଂ ଆମେରିକାର ଟେଲର ଫ୍ରିଜ୍ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ଫ୍ରାନ୍ସର ମନଫିଲ୍ସ ୨-୬, ୬-୧, ୨-୬ ସେଟରେ ପରାଗୁଏର ଆଡୋଲଫୋ ଡାନି ଏଲଙ୍କୁ ହରାଇଥିଲେ। ନିଜର ୪୦ତମ ଜନ୍ମଦିନକୁ ମନଫିଲ୍ସ ଆହୁରି ସ୍ମରଣୀୟ କରିଛନ୍ତି। ୧୯ ୯୨ରେ ଜିମିଙ୍କ ପରେ ବୟଜ୍ୟେଷ୍ଠ ଖେଳାଳି ଭାବେ ମୁଖ୍ୟ ଡ୍ର' ମ୍ୟାଚ ଜିତିବାର ରେକର୍ଡ କରିଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ବିଶ୍ୱର ୨ ନମ୍ବର ଏଲିନା ରେବାକିନା, ପୂର୍ବତନ ବିଜୟିନୀ କୋକୋଗଫ, ମାଡିସନ କିଜ ଓ ଫ୍ରାଞ୍ଚ ଓପନ ବିଜୟ ମୀରା ଆନ୍ଦ୍ରେଭା ଆଗକୁ ବଢ଼ିଛନ୍ତି। କାଜାଖସ୍ତାନର ରେବାକିନା ୬-୩, ୬-୨ ସେଟରେ ଆମେରିକାର ଥିଆ ପ୍ରୋଡିନଙ୍କୁ, ଗଫ ୬-୩, ୬-୪ ସେଟରେ ତୁର୍କିର ସୋନୋମେଜଙ୍କୁ, ପଞ୍ଚମ ମାନ୍ୟତାପ୍ରାପ୍ତ ରୁଷିଆ ଆନ୍ଦ୍ରେଭା ୬-୨, ୬-୨ ସେଟରେ ବିଶ୍ୱର ନଂ.୩୬ ଇଣ୍ଡୋନେସିଆ ଖେଳାଳି ଜାନିକେ ତିଜେନ ଏବଂ ଆମେରିକାର କିଜ ୭-୫, ୬-୪ ସେଟରେ ଏନିମା କୋର୍ଣ୍ଣିଭାଙ୍କୁ ହରାଇଥିଲେ।

# ବିଶ୍ୱ ପାୱାରଲିଫଟିଙ୍ଗ କଂଗ୍ରେସ ଚାମ୍ପିଅନସିପ :ଅଖତାରଙ୍କୁ ସ୍ୱର୍ଣ୍ଣ

ଭଦ୍ରକ,(ସବ୍ୟୁ): ଆଜି ଭଦ୍ରକ ଜିଲ୍ଲା ତଥା ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବ ଏବଂ ଗୌରବର ଦିନ। ଗତ ୨୯ତାରିଖରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଯାଇଥିବା ସମ୍ମାନଜନକ "ୱାର୍ଲ୍ଡ ପାଓ୍ୱାରଲିଫଟିଂ କଂଗ୍ରେସ' ପ୍ରତିଯୋଗିତାରେ ଆମ ଭଦ୍ରକର ପୁଅ ଯୁବ ପ୍ରତିଭା ଶେଖ ନାଜିବ ଅଖତର ରଚିଛନ୍ତି ନୂଆ ଇତିହାସ। ଆମ ଜିଲ୍ଲାର ଜଣାଶୁଣା ସାମ୍ବାଦିକ ଶେଖ ନସୀମ ଅଖତର କାଦରୀଙ୍କ ସୁପୁତ୍ର,ୱାର୍ଲ୍ଡ ପାଓ୍ୱାରଲିଫଟିଂର ଜୁନିୟର ବିଭାଗରେ (ଜୁନିୟର କେଟେଗୋରୀ) ସାରା ଓଡ଼ିଶାରେ ନମ୍ବର-୧ହୋଇ ସ୍ୱର୍ଣ୍ଣ ପଦକ (ଗୋଲ୍ଡ) ଏବଂ ଶ୍ରେଷ୍ଠ ପୁରସ୍କାର ହାସଲ କରି ଚାମ୍ପିଆନ ହୋଇଛନ୍ତି। ଭଦ୍ରକ ପୌରପାଳିକାର ୱାର୍ଡ ନମ୍ବର ୨୦ଶଙ୍କରପୁର ସ୍ଥିତ ଯୁବ ପ୍ରତିଭା ଶେଖ ନାଜିବ ଅଖତରଙ୍କ ଘର। ସାରା ରାଜ୍ୟରେ ୧୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଉକ୍ତ ରାଜ୍ୟସ୍ତରୀୟ ଖେଳରେ ଅଂଶ ଗ୍ରହଣ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଭଦ୍ରକର ଯୁବ ପ୍ରତିଭା ଶେଖ ନାଜିବ ଅଖତରଙ୍କୁ ସାର୍ଟିଫିକେଟ ଓ ସ୍ୱର୍ଣ୍ଣ ପଦକ ଦ୍ୱାରା ପୁରସ୍କୃତ କରିଥିଲେ। ନାଜିବ ଅଖତର ନିଜ ପରିବାର,ଭଦ୍ରକ ଜିଲ୍ଲା ଏବଂ ସମଗ୍ର ଓଡ଼ିଶାର ନାଁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ଅତୁଳନୀୟ ସଫଳତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ। ଭଦ୍ରକ ମାଟିର ପୁଅର ଏହି ସଫଳତା ପାଇଁ ଭଦ୍ରକବାସୀ ତାଙ୍କୁ ଅନେକ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ଟାଙ୍ଗୀ ସାହି ଜୋନ କ୍ରୀଡା ପ୍ରତିଯୋଗିତା ଉଦଯାପିତ

# ଭାଗ ନେଲେ ବିଭିନ୍ନ ବିଦ୍ୟାଳୟର ୧୨୦ ଛାତ୍ରଛାତ୍ରୀ



ବୋଲଗଡ,୨।୯ (ସବ୍ୟୁ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଟାଙ୍ଗିସାହି ଜୋନର କ୍ରୀଡ଼ା ପ୍ରତିଯୋଗିତା୨ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ତଥା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ ମୁଖ୍ୟ ଅତିଥି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ। ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା। ସଭାପତିତ୍ୱ କରିଥିଲେ ଜୋନ ସଭାପତି ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ। ସ୍ୱାଗତ ଅଭିଭାଷଣ ତଥା ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମୁନା ଖଟୁଆ। ବିଭିନ୍ନ ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ଭଲି ବଲ୍, ବିଚ ଭଲି,ବାସ୍କେଟ ବଲ୍, ହ୍ୟାଣ୍ଡ ବଲ୍, ରଗବି, ସଫ୍ଟ ବଲ୍, ବେସ ବଲ୍, ନେଟ ବଲ୍,ଚେସ ଓ ଯୋଗାସନ। କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳନା କରିଥିଲେ ଜୋନର ସମ୍ପାଦକ ତଥା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରିୟ ଦେବାଶିଷ ସାମଲ। ବିଭିନ୍ନ କ୍ରୀଡ଼ାକୁ ପରିଚାଳନା କରିଥିଲେ କ୍ରୀଡ଼ା ଶିକ୍ଷକ ଅଂଶୁମାନ ଧଳ, ଦୈତାରୀ ଦିଗଲ, କଳ୍ପନା ବଳିୟାରସିଂ, କାଏରା ନାଏକ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଅକ୍ଷୟ ପ୍ରଧାନ, ଶ୍ରୁତି ସୋନାଲିକା ଏବଂ ରୁଦ୍ର ନାରାୟଣ ଦାସ। ପି. ଟି. ଆଇ ସୁଶାନ୍ତ ପାଇକରାୟ, ହୃଷିକେଶ ପ୍ରଧାନ, ଜୟକୃଷ୍ଣ ଶୁକ୍ଲା। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷିକା ସ୍ନେହଲତା ବାରିକ।

## ଏସିଆନ ରଗବୀ ଏମିରେଟ୍ସ ପ୍ରତିଯୋଗିତା

# ଭାରତୀୟ ଦଳରେ କିସ୍‌ର ୪

ଭୁବନେଶ୍ୱର,୨।୯ (ସବ୍ୟୁ): ଚଳିତ ମାସ ୫ ଓ ୬ ତାରିଖ ଦୁଇ ଦିନ ଧରି ଚୀନର କୁଙ୍ଗଡାଉରେ ଏସିଆ ରଗବୀ ଏମିରେଟ୍ସ ୧୮ ବର୍ଷରୁ କମ ସେଭେନ୍ସ ପ୍ରତିଯୋଗିତା ଆୟୋଜିତ ହେବ। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ପାଇଁ ଘୋଷଣା ହୋଇଥିବା ଭାରତୀୟ ବାଳକ ଓ ବାଳିକା ଦଳରେ କିସ୍ ୪ ଜଣ ସ୍ଥାନ ପାଇଛନ୍ତି। ବାଳକ ଦଳରେ ୨ ଜଣ ରାହୁଲ ମାଝୀ ଓ ଇଶ୍ୱର ପୂଜାରୀ ଏବଂ ବାଳିକା ଦଳରେ ଖମେଶ୍ୱରୀ ମାଝୀ ସ୍ଥାନ ପାଇଛନ୍ତି। କିଟ ବିଶ୍ୱବିଦ୍ୟାଳୟ ପରିସରରେ ଗତ ଜୁଲାଇ ୨୧ରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଜାତୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ପ୍ରତିଯୋଗୀଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି।




କିଟ ଓ କିସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍ ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି ମଧ୍ୟ ଖେଳାଳିଙ୍କ ସଫଳତା କାମନା କରିଛନ୍ତି।


# ଟିମ୍ ଇଣ୍ଡିଆ ପରାଜୟର ସମୀକ୍ଷା କରିବ ବିସିସିଆଇ

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ବିଦେଶ ମାଟିରେ ଭାରତୀୟ ଦଳର ନିରାଶ ଜନକ ପ୍ରଦର୍ଶନକୁ ନେଇ ବିସିସିଆଇ କଠୋର ଆଭିମୁଖ୍ୟ ଆପଣାଇଛି। ଟିମ ଇଣ୍ଡିଆର ସମ୍ପ୍ରତି ପରାଜୟ ଓ ଖେଳାଳିଙ୍କ ଫିଟନେସ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇଛି। ମୁଖ୍ୟ କୋଚ ଗୌତମ ଗମ୍ଭୀର, ସିନିୟର ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଏବଂ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମୁଖ୍ୟ ଭିଭିଏସ ଲକ୍ଷ୍ମଣକୁ ମୁମ୍ବାଇ ସ୍ଥିତ ବିସିସିଆଇ ମୁଖ୍ୟାଳୟକୁ ଡକାଯାଇଛି। ନିକଟରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଥିଲା। ଆୟର୍ଲାଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳାରେ ୨-୦ରେ ପରାଜୟ ପରେ ଭାରତ ଦୀର୍ଘ ଦିନର ଅପରାଜେୟ ରେକର୍ଡ ଭାଙ୍ଗିଥିଲା। ଏହାପରେ ଇଂଲଣ୍ଡ ବିପକ୍ଷରେ ପରେ ମଧ୍ୟ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୪-୦ରେ ହରାଇଥିବା ବେଳେ ଦିନିକିଆ ଶୃଙ୍ଖଳାକୁ ମଧ୍ୟ ୨-୧ରେ ହାତଛଡା କରିଥିଲା। ଏହି ସମୀକ୍ଷା ବୈଠକରେ ପରାଜୟର କାରଣ ଖୋଜା ଯିବା ସହ ଆଗାମୀ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ପ୍ରସ୍ତୁତି, ଆଇପିଏଲ ଖେଳାଳିଙ୍କ ୱାର୍କଲୋଡ ମ୍ୟାନେଜମେଣ୍ଟ, ଆହତ ସମସ୍ୟା, ସେଣ୍ଟର ଅଫ୍ ଏକ୍ସିଲେନ୍ସର କାର୍ଯ୍ୟଶୈଳୀ ଉପରେ ବିସ୍ତୃତ ଆଲୋଚନା କରାଯିବ। ଖେଳାଳିମାନଙ୍କ ବାରମ୍ବାର ଆହତ ହେବା ଓ ଫିଟନେସକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ।

# ଆଜିଠୁ ଜୋନେକ୍ସ-ସନରାଇଜ ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିଅନସିପ




ଭୁବନେଶ୍ୱର,୨।୯ (ସବ୍ୟୁ): ଭୁବନେଶ୍ୱର ସ୍ଥିତ ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମରେ ଆଜି ଠାରୁ ୟୋନେକ୍ସ-ସାନରାଇଜ ଇଷ୍ଟ ଜୋନ ଆନ୍ତଃ ରାଜ୍ୟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ ଆରମ୍ଭ ହେଉଛି। ଭାରତୀୟ ବ୍ୟାଡ଼ମିଣ୍ଟନ ସଙ୍ଘ ଓ ଓଡିଶା ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗର ସହଯୋଗରେ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ପୂର୍ବାଞ୍ଚଳର ୬ ଟି ରାଜ୍ୟ ଯଥା ଓଡିଶା, ଝାରଖଣ୍ଡ, ବିହାର ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ର ୨୨୦ ରୁ ଉର୍ଦ୍ଧ ଖେଳାଳି ଓ ସପୋର୍ଟ ଷ୍ଟାଫ ଯୋଗ ଦେଇଛନ୍ତି। ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବର୍ଗ ର ଦଳଗତ ସହ ବ୍ୟକ୍ତିଗତ ବିଭାଗ ର ସିଙ୍ଗଲସ, ଡବଲସ ଓ ମିକ୍ସଡ଼ ଡବଲସ ରେ ଟାଇଟଲ ପାଇଁ ଲଢେଇ ହେବ। ଦଳଗତ ପ୍ରତିଯୋଗିତା ତା ୩ ତାରିଖ ରୁ ଓ ବ୍ୟକ୍ତିଗତ ପ୍ରତିଯୋଗିତା ୪ତାରିଖ ଅପରାହ୍ନ ରୁ ଆରମ୍ଭ ହେବ ବୋଲି ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଙ୍ଘ ସମ୍ପାଦକ ତଥା ଆୟୋଜନ କମିଟି ସମ୍ପାଦକ ନିଲିନ କୁମାର ସୂଚନା ଦେଇଛନ୍ତି। ପ୍ରତିଯୋଗୀତା ସଂଯୋଜକ ଭାବେ ଓସବା ଉପସଭାପତି ପ୍ରଦୀପ ପଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ, ବିଭିନ୍ନ ବିଭାଗ ଦାୟିତ୍ୱରେ ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା ସଭ୍ୟ ମନୋରଞ୍ଜନ ପଣ୍ଡା,କମଲ ଦାସ , ସୁରୁଲାଲ ମଟାରୀ, ଜୟପ୍ରକାଶ ଜେନା, ମନୋରଞ୍ଜନ ଦାସ,ସନ୍ଦୀପ ମିଶ୍ର, ଶୁଭମ ନାୟକ, ଶୁଭମ ଶର୍ମା ଅବଦୁଲ ହାକିମ, ଚନ୍ଦନ ମହାରଣା ପ୍ରମୁଖ ଅଛନ୍ତି। ପ୍ରତିଯୋଗୀତା ର ଚିଫ ରେଫରୀ ଭାବେ କେରଳ ର ଇ.ପି. ଦିବାକରଣ, ଡେପୁଟି ରେଫରୀ ଆନ୍ଧ୍ର ପ୍ରଦେଶ ର ସମ୍ପଦ ରାଓ ଓ ମେଚ କଣ୍ଟ୍ରୋଲ ହରିଆଣା ର ରବି ଚୌହାନ ଦାୟିତ୍ୱ ରେ ଅଛନ୍ତି। ଓଡିଶାର ଦଳରେ ସୋମ୍ୟଜିତ ସାହୁ, ଦିବ୍ୟମ୍ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିସା ଓଝା, ସ୍ୱାତି ନାୟକ, ଅମ୍ବିକା ମିଶ୍ର ତହସିବ୍ ଖାନ, , ଜୈସ ଅଗ୍ରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର ସାହୁ , କଲଗା ଜଗଦିଶ, ତୁମି ବାକ୍ସି, ହର୍ଷିତା ରାଉତ,ଆଶ୍ରୀୟା ଜି. ବିରୋକ, ସ୍ୱିଟିପ୍ରିୟା ପ୍ରଧାନ, ମୁଖ୍ୟ କୋଚ ଭାବେ ଗୋବର୍ଦ୍ଧନ ରେଡ୍ଡୀ, ସହକାରୀ କୋଚ ସଂଜୀବ ମଲ୍ଲ ଓ ଅଜିତ ମହାନ୍ତି ସ୍ଥାନ ପାଇଛନ୍ତି।

ସମୟ
ସମୟ LIVE
Check out this amazing Odia News app
Andriod
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି